READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୦୯ ୧୫ - ୨୧ ମାର୍ଚ୍ଚ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-09 15th - 21st MARCH, 2021 BHUBANESWAR ₹ 5/- (8 Pages)

## ଗୃହ ଅଚଳ କଲେ ଶାସକ-ବିରୋଧୀ

**ଭୁବନେଶ୍ୱର :** ଉଭୟ ବିରୋଧୀ ଓ ଶାସକ ଦଳର ହଟ୍ଟଗୋଳ ଯୋଗୁ ବିଧାନସଭାର ପ୍ରଥମାର୍ଦ୍ଧ ବୈଠକରେ ଅଚଳାବସ୍ଥା ଲାଗି ରହିଥିଲା । ଫଳରେ ଗୃହରେ କୈଣସି କାର୍ଯ୍ୟକ୍ରମ ଯେପରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଦୁଇ ଥର ଗୃହକୁ ମୁଲତବୀ ରଖିଥିଲେ । ହଟ୍ଟଗୋଳ ସମୟରେ ଉଭୟ ଶାସକ ଓ ବିରୋଧୀ ଦଳ ସ୍ଲୋଗାନ ଓ ପ୍ରତି ସ୍ଲୋଗାନ ଦେବା, କଂଗ୍ରେସ ଦଳର ସଦସ୍ୟ ମାନେ ପୋଡିୟମକୁ ବାଡେଇବା, କିଛି ବିରୋଧୀ ସଦସ୍ୟ ସଚିବଙ୍କ ଆସନ ଉପରେ ଠିଆ ହୋଇ ଫାଇବର ଗ୍ଲାସ ଟାଣିବା, ଉଭୟ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ଆଦି ଦୃଶ୍ୟମାନ ପରିଲକ୍ଷିତ ହୋଇଥିଲା । ଏଥିରୁ ନିବୃତ ରହି ନିଜ ନିଜ ଆସନକୁ ଫେରି ଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିବା, ସୁରକ୍ଷାକର୍ମୀଙ୍କ ଘେରରେ ବାଚସ୍ପତି ରହିବା ଆଦି ଦେଖା ଯାଇଥିଲା। ଶନିବାର ଦିନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ବିଜେପି ଦଳର ସଦସ୍ୟ ମାନେ ନିଜ ନିଜ ଆସନ ଛାଡି ଗୃହର ମଧ୍ୟଭାଗକୁ ପଳାଇ ଆସି ଚାଷୀ ମାନଙ୍କ ଠାରୁ ଧାନ କିଣା ନ ଯିବା ପ୍ରସଙ୍ଗକୁ ନେଇ ହୋ ହାଲ୍ଲା କରିଥିଲେ । ଅପରପକ୍ଷରେ ଶାସକ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବିଜେପି ସଭ୍ୟ ସୁବାସ ପାଣିଗ୍ରାହୀ ଆତ୍ମହତ୍ୟା କରିବାର ପ୍ରୟାସ ସମ୍ପର୍କିତ ପ୍ରସଙ୍ଗ ଉଠାଇ କହିଥିଲେ ଯେ ବିଧାନସଭାକୁ ଲୋକ ମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାକୁ ପଠାଇଛନ୍ତି । ଲୋକ ମାନେ ଆତ୍ମହତ୍ୟା କରିବାକୁ ବିଧାନସଭାକୁ ବିଧାୟକ ମାନଙ୍କୁ ପଠାଇ ନାହାନ୍ତି ।



ବିଜେପି ସଭ୍ୟ ଯେଉଁ ଆତ୍ମହତ୍ୟାର ପ୍ରୟାସ କଲେ ତାହା ନିନ୍ଦନୀୟ । ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତି ଓ ଦଳର ନିଷ୍ପତି ତାହା ସ୍ପଷ୍ଟ ହେବା ଦରକାର । ସେ ଏଥି ପାଇଁ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ । ବିରୋଧୀ ଦଳ ଏହାକୁ ନେଇ ଭୁଲ ମାଗିବା ଦରକାର । ଯେପର୍ଯ୍ୟନ୍ତ ବିରୋଧୀ ଦଳ ଏହାକୁ ନେଇ ଭୁଲ ମାଗି ନାହାନ୍ତି ସେ ପର୍ଯ୍ୟନ୍ତ ଗୃହ ଚାଲି ପାରିବ ନାହିଁ ବୋଲି ସେ କହିଥିଲେ । ଏହା ପରେ କେତେକ ମନ୍ତ୍ରୀ ଓ ଶାସକ ଦଳର ସଭ୍ୟ ମାନେ ମଧ୍ୟ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ଏହା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ୧୧.୩୦ରେ ପୁଣି ଥରେ ବୈଠକ ଆରମ୍ଭ ହୋଇଥିଲା । ହେଲେ ସେତେବେଳେ ମଧ୍ୟ ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା ଓ ପରିସ୍ଥିତିରେ କୌଣସି ପ୍ରକାର ଉନ୍ନତି ଘଟି ନ ଥିଲା । ବିରୋଧୀ ଦଳର ସଦସ୍ୟ ମାନେ ଚାଷୀ ସମସ୍ୟାକୁ ନେଇ ସେମାନଙ୍କର ଜିଦରେ ଅଟଳ ରହି ଥିବା ବେଳେ ଶାସକ ଦଳର ସଦସ୍ୟ ମାନେ ବିରୋଧୀ ଦଳ ତରଫରୁ କ୍ଷମା ମାଗିବା ଦାବି କରି ଗୃହ ମଧ୍ୟ ଭାଗକୁ ପଳାଇ ଆସିଥିଲେ । ବାଚସ୍ପତି ସମସ୍ତଙ୍କୁ ନିଜ ନିଜ ଆସନକୁ ଫେରି ଯିବାକୁ ଅନୁରୋଧ କରି ବିଫଳ ହୋଇ ଥିଲେ । ➤ ପୃ-୬

### କରୋନାର ନୂଆ ଭୂତାଣୁ ପାଇଁ ସଂକ୍ରମଣ ବଢୁଛି
## ଦ୍ୱିତୀୟ ଲହର ଆଶଙ୍କା

**ନୂଆଦିଲ୍ଲୀ :** କରୋନାକୁ ନେଇ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କଲେଣି ଯେ, ଭାରତରେ ଏବେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଛି। ଗତ ୮୪ ଦିନରେ ସଂକ୍ରମଣ ମାମଲା ଅଧିକ ହୋଇଥିବାରୁ ଏଭଳି ଆଶଙ୍କା କରାଯାଉଛି। କରୋନା ଭୂତାଣୁର ପରିବର୍ତ୍ତିତ ରୂପ ଏବଂ ଲୋକଙ୍କର ବେପରୁଆ ମନୋଭାବ ପାଇଁ ସଂକ୍ରମଣ ବଢ଼ିଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ସକ୍ରିୟ ସଂକ୍ରମଣ ସଂଖ୍ୟା ୨ଲକ୍ଷ ଟପି ସାରିଛି। ଏବେ ସଂକ୍ରମଣ ବଢୁଥିବା ସ୍ଥାନ ମାନଙ୍କରେ ପୁଣି ଆରମ୍ଭ ହୋଇଯାଇଛି ଲକ୍‌ଡାଉନ୍। ମହାରାଷ୍ଟ୍ରର ୧୨ଟି ସ୍ଥାନରେ ଲକ୍‌ଡାଉନ୍ ଓ ନାଇଟ୍ କର୍ଫ୍ୟୁ ଜାରି ହୋଇଥିଲା ବେଳେ ଜନସାଧାରଣଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି। ସୂଚନାଯୋଗ୍ୟ, ଶେଷଥର ପାଇଁ ଗତ ଡିସେମ୍ବର



୨୦ ତାରିଖରେ ଦେଶରେ ଦୈନିକ ସଂକ୍ରମଣ ମାମଲା ୨୬,୬୨୪ ଥିଲା। ଭାରତରେ କରୋନା ଟିକା ପରିବର୍ତ୍ତିତ ଭାଇରସ୍‌ର ମୁକାବିଲା କରିପାରିବ ବୋଲି ବିଶେଷଜ୍ଞମାନେ ମତ ରଖିଥିବା ବେଳେ ବ୍ରାଜିଲ ସମେତ ଅନ୍ୟ କେତେକ ରାଷ୍ଟ୍ରରେ ନୂଆ ଷ୍ଟ୍ରେନ୍ ବିସ୍ଫୋରକ ରୂପ ନେଇଛି। ବ୍ରାଜି ଭାରତକୁ ପଛରେ ପକାଇ ଦ୍ୱିତୀୟ ସର୍ବାଧିକ କରୋନା ପ୍ରଭାବିତ ରାଷ୍ଟ୍ର ପାଲଟିଯାଇଛି। ➤ ପୃ-୬

## ପ୍ରଥମରୁ ଅଷ୍ଟମ ସବୁ ଛାତ୍ରଛାତ୍ରୀ ପାସ୍

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କର କୌଣସି ବାର୍ଷିକ ପରୀକ୍ଷା କରାନଯାଇ ସେମାନଙ୍କୁ ଉତୀର୍ଣ୍ଣ କରା ଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ତେବେ ଏନେଇ ବିଧିବଦ୍ଧ ନିଷ୍ପତି ନିଆଯାଇ ନ ଥିଲେ ବି ଆପାତତଃ ତାହା ସ୍ଥିର ହୋଇଥିବା ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କର ଆଉ କ୍ଲାସ ହେବ ନାହିଁ । ବର୍ତମାନ ପରିସ୍ଥିତିରେ ଆଉ ସ୍କୁଲ



ଖୋଲିବା ସମ୍ଭବ ନୁହେଁ। ଏଣୁ ଗତବର୍ଷ ଭଳି ଏ ବର୍ଷ ବି ବିନା ପରୀକ୍ଷାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଯାଏଁ ସବୁ ଛାତ୍ରଛାତ୍ରୀମାନେ ପରବର୍ତୀ ଶ୍ରେଣୀକୁ ଉତୀର୍ଣ୍ଣ ହେବେ। ତେବେ ନବମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କର କ୍ଲାସ୍ ଚାଲୁଥିବା ହେତୁ ସେମାନଙ୍କର ଅଫଲାଇନରେ ପରୀକ୍ଷା କରାଯିବ। ଆଗାମୀ ଏପ୍ରିଲ ମାସରେ ସ୍କୁଲ ଖୋଲାଯିବ କି ନାହିଁ , ସେଥିନେଇ କୌଣସି ନିଷ୍ପତି ହୋଇନଥିବା ସେ କହିଛନ୍ତି । ଏପ୍ରିଲରେ ଆରମ୍ଭ ହେବାକୁ ଥିବା ନୂତନ ଶିକ୍ଷାବର୍ଷ ଜୁନ୍ ମାସରେ ଆରମ୍ଭ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଖରା ଏବଂ କରୋନା ମହାମାରୀକୁ ନଜରରେ ରଖି ଏପ୍ରିଲ ପରିବର୍ତେ ଜୁନ୍ ମାସରେ ଏହାକୁ ଆରମ୍ଭ କରିବାକୁ ବିଚାରବିମର୍ଶ ହେଉଛି ବୋଲି ସେ ସୂଚନା ଦେଇଛନ୍ତି।

## 'ସେଦିନର ସାନ ପୁଅ ଆଜି ସଶକ୍ତ'

**ଭୁବନେଶ୍ୱର :** ନୂଆପଡାର ତିନୋଟି ମୁଖ୍ୟ ସମସ୍ୟା ଥିଲା ପିଇବା ପାଣି, ଜଳ ସେଚନ ଓ ଯୋଗାଯୋଗ। ଫ୍ଲୋରାଇଡଯୁକ୍ତ ଯୁକ୍ତ ପାଣି ଯୋଗୁଁ ଲୋକମାନେ ନାନା ପ୍ରକାର ରୋଗର ଶିକାର ହେଉଥିଲେ। ଜଳ ସେଚନ ଅଭାବରୁ ଚାଷବାସରେ ଅସୁବିଧା ହେଉଥିଲା ଏବଂ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ନଥିବାରୁ ଆର୍ଥିକ ଉନ୍ନତି ସାଧିତ ହୋଇ ପାରୁନଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାର ଏହି ୩ ଗୋଟି ସମସ୍ୟାର ସମାଧାନ ହୋଇ ପାରିଛି ଏବଂ ନୂଆପଡା ଓଡିଶାର ବିକାଶ



ଇତିହାସରେ ନିଜର ସ୍ଥାନ ସୁଦୃଢ କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ନୂଆପଡା ଗସ୍ତରେ ଯାଇ ୨୩୩୭ କୋଟି ୧୫ ଲକ୍ଷ ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଏବଂ ବିଭିନ୍ନ ପିଇବା ପାଣି ପ୍ରକଳ୍ପ। ଏହି ଅବସରରେ ଖଡିଆଳ ଠାରେ ଏକ ବିରାଟ ଜନସଭାକୁ ➤ ପୃ-୬

### ବକ୍ରବାଣୀ



ମାଇପକୁ ଖୁସି କରିବା ପାଇଁ
ଆଇଥେଲେ ତୋଳି ସଜନା ଛୁଇଁ
ଓକିଲ ମାଲିକ କଲା ବାରଣ
ନିଶୁଆ କଇଲା ଇରେ ନାରଣ !
ଆଇନ କଉଚୁ ବଡ ବାଗରେ
ଗଛ ଲଗଉନୁ ନିଜ ଜାଗାରେ !
ସର୍କାରୀ ଜାଗାରେ ହେଇଛି ଯେବେ
ଜାଣିଥା' ସେସବୁ ଆମର ତେବେ
କଥା ପହଞ୍ଚିଲା ମୁଖିଆ କାନେ
ଛୁଇଁଚୋର ଏବେ ପାଇବେ ପାନେ।

—— ଟୁଟୁ

### ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ
## ତାଲିକାରେ ଓଡ଼ିଶା ଦେଶରେ ପ୍ରଥମ

**ଭୁବନେଶ୍ୱର :** ବିପଦରେ ଏବେ ରାଜ୍ୟର ଜୈବ ବିବିଧତା। ରାଜ୍ୟର ପରିବେଶ ହେବାରେ ଲାଗିଛି ପ୍ରଦୂଷିତ। ପରିସ୍ଥିତି ଏଭଳି ଯେ ଦୂଷିତ ଅଞ୍ଚଳ ତାଲିକାରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅକ୍ତିଆର କରିସାରିଛି। ରାଜ୍ୟରେ ରହିଛି ଦେଶର ସବୁଠାରୁ ଅଧିକ ୨୩ଟି ଅଞ୍ଚଳ। ଯେଉଁଠି ପ୍ରଦୂଷଣର ମାତ୍ରା ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା ଯଥେଷ୍ଟ ଅଧିକ। କେନ୍ଦ୍ରୀୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ରିପୋର୍ଟରେ ଥିବା ଏହି ତଥ୍ୟ ଏବେ ଉଦ୍‌ବେଗର କାରଣ ପାଲଟିଛି। ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣରେ ଥିବା ଜୟଶ୍ରୀ କେମିକାଲ ଯେତିକି ପ୍ରଦୂଷଣ



କରୁଛି ଦେଶର ଅନ୍ୟ କୌଣସି ଅଞ୍ଚଳରେ ସେତିକି ପ୍ରଦୂଷଣ ହେଉନାହିଁ। ପ୍ରଦୂଷଣର ମାତ୍ରା ଏତେ ଅଧିକ ରହିଛି ଯେ, ଏହି ଫ୍ୟାକ୍ଟ୍ରିରୁ ବାହାରୁଥିବା ରସାୟନ ଋଷିକୂଲ୍ୟା ଦେଇ ସମୁଦ୍ର ମଧ୍ୟରେ ପ୍ରବେଶ କରୁଛି। ଫଳରେ ଅଲିଭ ରିଡଲେ, ଡଲଫିନ, ସାର୍କ ଭଳି ସାମୁଦ୍ରିକ ପ୍ରାଣୀ ଏବେ ବିପଦରେ ପଡିଛନ୍ତି। ଦେଶର ସବୁଠାରୁ ଅଧିକ ୨୩ଟି ସ୍ଥାନ ଏଭଳି ରହିଛି ଯେଉଁଠି ପାଣି, ମାଟି ଓ ବାୟୁ ଦେଶର ଅନ୍ୟ ସ୍ଥାନଠାରୁ ଅଧିକ ପ୍ରଦୂଷିତ। ଓଡ଼ିଶା ପରେ ଉତ୍ତରପ୍ରଦେଶ ୨୧ ଏବଂ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ୧୧ଟି ସ୍ଥାନ ସବୁଠାରୁ ଅଧିକ ଦୂଷିତ ହୋଇଛି। ଦେଶରେ ଥିବା ୧୧୨ଟି ସ୍ଥାନ ବିଭିନ୍ନ ବିପଜ୍ଜନକ ବିଷାକ୍ତ ପଦାର୍ଥ ଦ୍ୱାରା ଦୂଷିତ ହୋଇଛି। ବିଭିନ୍ନ କଳକାରଖାନା ଦ୍ୱାରା ନିଷ୍କାସିତ ରସାୟନିକ ପଦାର୍ଥ ପରବର୍ତ୍ତୀ ସମୟରେ ମାଟି ଭେଦି ଜଳସ୍ତରକୁ ଯାଉଥିବାରୁ ଏହାକୁ ଯେଉଁ ଜୀବଜନ୍ତୁ ଗ୍ରହଣ କରୁଛନ୍ତି ତାଙ୍କ ଜରିଆରେ ➤ ପୃ-୬

## ବନାଗ୍ନି ଆୟତ୍ତାଧୀନ

**ଭୁବନେଶ୍ୱର :** ନ୍ୟାସ୍‌ନାଲ୍ ରିମୋଟ୍ ସେନ୍ସିଂ ସେଂଟର(ଏନଆରଏସସି), ହାଇଦ୍ରାବାଦର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଜଙ୍ଗଲରେ ନିଆଁ ସମ୍ପୂର୍ଣ୍ଣ ହ୍ରାସ ପାଇଛି । ଏଫଏସଆଇ ଦେହରାଡୁନ୍, ସୂଚନା ଅନୁଯାୟୀ ଶନିବାର ରାଜ୍ୟର ୩୪୧ଟି ଜଙ୍ଗଲ ଅଗ୍ନି ସତର୍କ ସୂଚନା ରହିଛି। ଗତକାଲି ୭୦୧ଟି ଜଙ୍ଗଲ ଆଲର୍ଟ ଥିଲା। ଶିମିଳିପାଳରେ କେବଳ ୪ଟି ଫାୟାର ଆଲର୍ଟ ରହିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଯାବତ୍ ପ୍ରାପ୍ତ ଅଗ୍ନି ପଏଣ୍ଟ୍ ଗୁଡ଼ିକର ପ୍ରାୟ ୯୫% କ୍ଷେତ୍ରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଫଏସଆଇ ଆଲର୍ଟ ସୂଚନା ଅନୁଯାୟୀ, ବର୍ତମାନ ସୁଦ୍ଧା ରାଜ୍ୟର ପ୍ରାୟତଃ କୌଣସି ଅଗ୍ନି ପଏଂଟ୍‌ଗୁଡ଼ିକର କ୍ରମାଗତ ଅଗ୍ନି ନାହିଁ। ଜିଲ୍ଲାପାଳ, ଏସପି, ଉପ ଜିଲ୍ଲାପାଳ, ତହସିଲଦାର, ଜଙ୍ଗଲ ବିଭାଗର କ୍ଷେତ୍ର



ଅଧିକାରୀମାନଙ୍କ ସହିତ ୨୪ ଘଂଟିଆ ଅଗ୍ନି ହ୍ରାସ କରିବାରେ ଓ କ୍ଷୟକ୍ଷତିର ଆକଳନ କରିବାରେ ସାହାଯ୍ୟ କରୁଛନ୍ତି। ରାତ୍ରି ପାଟ୍ରୋଲିଂ ସମେତ ଅନ୍ୟ ସମସ୍ତ ପାଟ୍ରୋଲିଂକୁ ଦୃଢ଼ୀଭୂତ କରାଯାଇଛି ଏବଂ ଏହାକୁ ପିସିସିଏଫ୍ ଙ୍କ କାର୍ଯ୍ୟାଳୟର ଓଡ଼ିଶା ଫରେଷ୍ଟ ମ୍ୟାନେଜମେଂଟ୍ ସିଷ୍ଟମ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯାଉଛି। ଉପଗ୍ରହ ଭିତିକ ଜଙ୍ଗଲ ଅଗ୍ନି ଆଲର୍ଟ ପଏଂଟ୍, ତଥ୍ୟ ବ୍ୟବହାର କରି ଏଫଏସଆଇ ଦେହରାଡୁନ୍‌ରୁ ପ୍ରାପ୍ତ ବନାଗ୍ନି ସ୍ଥିତି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ➤ ପୃ-୬




## ମଦ ଓ ଚରସ କବଳରେ ଗାଁ
### ଅବକାରୀ ବିଭାଗ ନିରବଦ୍ରଷ୍ଟା

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଜିଲ୍ଲାରେ ଦିନକୁ ଦିନ ବେଆଇନ ଓ ନକଲି ମଦର ଆସର ଜମିଜମି ଚାଲୁଥିବାବେଳେ ସେମାନଙ୍କ ବିରୁଦ୍ଧରେ ଅବକାରୀ ବିଭାଗ ଓ ଥାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବାହାଘର, ବିଲବାଡି କାମ ହେଉ ବା ଦଶାହ କାର୍ଯ୍ୟକ୍ରମ ସବୁଥିରେ ମଦର ବନ୍ୟା ହେଉଥିବାର ଦେଖାଦେଉଛି। ଲାଇସେନ୍ସ ପ୍ରାପ୍ତ ମଦଦୋକାନରୁ ବେପାରୀ ମାନେ ଅସଲି ମଦ ଆଣି ତାକୁ ବିକ୍ରୟ ନକରି ବୋତଲରେ ଲାଗୁଥିବା ଲେବୁଲ ଗୁଡିକ ଚିରିଦେଇ ସେଥିରେ ନୂଆବେଆଇନ୍ ଲେବୁଲ ଲଗାଇ ଅତ୍ୟଧିକ ମୂଲ୍ୟରେ ବିକ୍ରୟ କରିଦେଉଛନ୍ତି। ଜିଲ୍ଲାରେ ୮ଗୋଟି ବ୍ଲକ୍ ଥିବାବେଳେ ମାତ୍ର ୪ଗୋଟି ଅବକାରୀ ଥାନା କାର୍ଯ୍ୟକରୁଥିଲେ ବି କିଛି କର୍ମଚାରୀମାନେ କେବଳ ଗାଡିଧରି ବୁଲୁଥିବାର ଦେଖିବାକୁ ମିଳୁଥିବା ବେଳେ ଗାଁ ଗହଳି ଓ ନିଜ ଘରମାନଙ୍କରେ ଚୋରାରେ ମଦ ବିକ୍ରୟ କରୁଥିବା ଦଲାଲ ଗୋଷ୍ଠୀ ସକ୍ରିୟ




ହୋଇଗଲେଣି। ଏପରିକି ଠିପି ବନ୍ଦ ଓ ଠିପିଖୋଲା ବିଦେଶୀ ମଦ ମହଜୁଦ୍ ରଖି ଚଢ଼ା ଦରରେ ବିକ୍ରୟ କରିଦେଉଛନ୍ତି। ପ୍ରତିଗାଁ ଗହଳିମାନଙ୍କରେ ଦଲାଲମାନେ ମଦ ବ୍ୟବସାୟକୁ ଏକ ପ୍ରକାର ସେମାନଙ୍କର ରୋଜଗାର ପନ୍ଥା କରିଦେଲେଣି। ରାତିରେ ଏମାନଙ୍କ ଘରକୁ ଅଟୋ କିମ୍ବା ବାଇକ୍‌ରେ ଆଣି ଗୁହାଳ ଘରେ କିମ୍ବା ବାଲି ଖାତରେ ଚୋରା ମଦକୁ ଲୁଚାଇ ରଖି ନିଜର ବେପାରକୁ ବଢ଼ାଇଚାଲିଥିବାବେଳେ ଗାଁ ଗହଳିମାନଙ୍କରେ ଝିଅ ଓ ବୋହୂମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ବହୁସ୍ଥାନ ମାନଙ୍କରେ ଦିନବେଳା ମଦ୍ୟପମାନଙ୍କ ପ୍ରାଦୁର୍ଭାବ ଯୋଗୁ ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନେ ସୁନାହାର ଲୁଟ୍, ଗାଡିଚୋରି, ମୋବାଇଲ୍ ଛଡ଼ାଇନେବା ଓ ପକେଟରୁ ଟଙ୍କା ଲୁଟ୍ କରିବା ଭଳି ରାହାଜାନୀ ଘଟଣାମାନ ପ୍ରତିଦିନ ଘଟୁଥିଲେ ବି ରୋକ ଲଗାଯାଇପାରୁନାହିଁ। ରାଜ୍ୟସରକାର ଗ୍ରାମର ମହିଳାମାନଙ୍କ ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠି ଗଠନ କରି ସେମାନଙ୍କୁ ରୋଜଗାର କ୍ଷମ କରୁଥିବାବେଳେ ମଦ୍ୟପମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ସେମାନେ ରାସ୍ତାଘାଟରେ ଯାତାୟତ କରିବା ସମ୍ଭବପର ହେଉନାହିଁ। ବହୁସ୍ଥାନରେ ଦେଖିବାକୁ ମିଳୁଛି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଭଲ ରହିବ। ପରିବାର କୌଣସି ବନ୍ଧୁ ଓ ଆତ୍ମୀୟଙ୍କ ବ୍ୟବହାରରେ ଦୁଃଖିତ ହେବେ। କୌଣସି ଲକ୍ଷ୍ୟରେ ଅଗ୍ରସର ହେବା ପୂର୍ବରୁ ବିଚାର ବିମର୍ଶ କରନ୍ତୁ। ଛାତ୍ରମାନେ ତାଙ୍କର ପ୍ରତିଭାର ଗୁରୁଙ୍କୁ ପ୍ରସନ୍ନ କରାଇ ପାରିବେ।

**ବୃଷ** କାର୍ଯ୍ୟର ଅଧିକ ବୋଝରୁ ଦୂରେଇ ରହନ୍ତୁ। ସ୍ୱାସ୍ଥ୍ୟହାନୀ ହୋଇପାରେ। ଉଦ୍ଧାର ଦିଅନ୍ତୁ ନାହିଁ। ଧନ ଅଭାବରେ ପଡିପାରନ୍ତି। କୌଣସି ବନ୍ଧୁ ଆପଣଙ୍କୁ ଦରକାରୀ ସମୟରେ ଧୋକା ଦେଇପାରନ୍ତି। ଛାତ୍ରମାନେ ପାଠ ଅପେକ୍ଷା ଅନ୍ୟ କାମରେ ମନଦେବେ।

**ମିଥୁନ** ଆବଶ୍ୟକତାରୁ ଅଧିକ ସଞ୍ଚିତ ଧନ ଖର୍ଚ୍ଚ ହେବ। ପୂର୍ବରୁ ଥିବା ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ଘଟିବ। ଯାନବାହନରେ ଖରାପ ହେବା ଯୋଗ ଅଛି। କୌଣସି କାମ କରିବା ପୂର୍ବରୁ ସୀମା ଭିତରେ ରୁହନ୍ତୁ।

**କର୍କଟ** କାର୍ଯ୍ୟ କ୍ଷେତ୍ରରେ ମନ ଅସ୍ଥିର ରହିବ। ଧନ ଲାଭ ଓ ସଞ୍ଚୟ ଯୋଗ ଅଛି। ସମାଜରେ ସମ୍ମାନ ବଢ଼ିବ। ଅନେକ ଦିନରୁ ଅପେକ୍ଷା କରିଥିବା କାର୍ଯ୍ୟ ହଠାତ୍ ଏ ସପ୍ତାହରେ ସଫଳ ହେବ। ଛାତ୍ରମାନଙ୍କୁ ପରିଶ୍ରମର ଫଳ ମିଳିବ।

**ସିଂହ** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମରୁ ଦିନର ଆରମ୍ଭ କରନ୍ତୁ। ବିଚାର ନକରି କଷ୍ଟ ଉପାର୍ଜିତ ଧନ ବ୍ୟୟ କରନ୍ତୁ ନାହିଁ। ଘର ପରିବାର କାମରେ ଅଧିକ ସମୟ ନଷ୍ଟ କରିପାରନ୍ତି। ଛାତ୍ର ମାନଙ୍କର ବିଦେଶ ଶିକ୍ଷା ପାଇଁ ଯିବା ମାର୍ଗରେ ପ୍ରତିବନ୍ଧକ ଦେଖାଦେବ।

**କନ୍ୟା** ମାନସିକ ଓ ଶାରୀରିକ ଶାନ୍ତି ପାଇଁ କିଛି ସମୟ ଖୋଲା ପରିବେଶରେ ଭ୍ରମଣ କରନ୍ତୁ। ପରିବାରର ସଦସ୍ୟଙ୍କ ସହ ସମୟ କଟାଇବେ, ନିଜର ପ୍ରତିଭାର ଦମରେ ଆପଣ ଅନେକ ନୂତନ ସୁଯୋଗ ସୃଷ୍ଟି କରିପାରିବେ।

**ତୁଳା** ସ୍ୱାସ୍ଥ୍ୟ ଉତ୍ତମ ରହିବ। ମାନସମ୍ମାନ ବୃଦ୍ଧି ହେବ। ନିଜର ପରିବାରିକ ସମ୍ପର୍କୀୟ ଓ ବନ୍ଧୁ ମାନଙ୍କୁ ଉଦ୍ଧାର ଦେବାରୁ ଦୂରେଇ ରହନ୍ତୁ। ନିଜକୁ ଅଧିକ ଆଶାବାଦୀ ରଖନ୍ତୁ। ଛାତ୍ରମାନେ ପାଠପଢ଼ାରେ ମନଦେବେ।

**ବିଛା** ପରିବାର ଓ ବନ୍ଧୁଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଅଧିକ ଖାଇବା ପିଇବାରୁ ଦୂରେଇ ରୁହନ୍ତୁ। ପେଟରେ ସମସ୍ୟା ଦେଖା ଦେଇପାରେ। ଭୂମି ଓ ବ୍ୟବସାୟରେ ଅର୍ଥ ବିନିଯୋଗ ପାଇଁ ଏଇ ସପ୍ତାହଟି ଖୁବ୍ ଭଲ।

**ଧନୁ** ଘରେ ଅଧିକ ସମୟ ଦିଅନ୍ତୁ। ସଞ୍ଚୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଅନେକ ଲୋକ ଆପଣଙ୍କ ସରଳତାର ସୁଯୋଗ ନେଇପାରନ୍ତି। ପୂର୍ବରୁ ପଡିରହିଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ପଦୋନ୍ନତି ମିଳିପାରେ।

**ମକର** ସମ୍ବେଦନଶୀଳ ହୁଅନ୍ତୁ ନାହିଁ। ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ। ପରିବାରରେ ଶାନ୍ତି ପାଇବା ପାଇଁ ଅନ୍ୟମାନଙ୍କ କାର୍ଯ୍ୟରୁ ଭୁଲ ବାଛନ୍ତୁ ନାହିଁ। କାର୍ଯ୍ୟ କ୍ଷେତ୍ର ଅନେକ ପ୍ରତିବନ୍ଧକ ଓ ବାଧାକୁ ଅତିକ୍ରମ କରି ସଫଳ ହେବେ।

**କୁମ୍ଭ** ସୁସ୍ଥ ରହିବା ପାଇଁ ବାହାର ଖାଦ୍ୟରୁ ଦୂରେଇ ରହନ୍ତୁ। ହିତାକାଙ୍କ୍ଷୀଙ୍କ ସହିତ ସମୟ ବିତାନ୍ତୁ। ଲାଭ ପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି, ସଫଳତା ଯୋଗ ଅଛି। ଛାତ୍ରମାନେ ପାଠରେ ଧ୍ୟାନ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ସୁଖରେ କଟିବ।

**ମୀନ** ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପେୟରେ ଧ୍ୟାନ ଦିଅନ୍ତୁ। କିଛି ଅଦରକାରୀ ବସ୍ତୁ କ୍ରୟ କରିପାରନ୍ତି। ପରିବାରର ସଦସ୍ୟଙ୍କ ସହ ଭ୍ରମଣରେ ଯାଇପାରନ୍ତି। ବ୍ୟବସାୟରେ ବିନିଯୋଗ ପୂର୍ବରୁ ବିଶେଷଜ୍ଞଙ୍କ ମତାମତ ନିଅନ୍ତୁ। ଛାତ୍ର ନୂଆ ସୁଯୋଗ ପାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ରିପୋର୍ଟ : ସାମ୍ପ୍ରଦାୟିକ ଦଙ୍ଗା ୧୪% କମିଛି



**ନୂଆଦିଲ୍ଲୀ:** ୨୦୧୮ ତୁଳନାରେ ୨୦୧୯ରେ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ପ୍ରାୟ ୧୪ ପ୍ରତିଶତ କମ୍ ରହିଛି। ୨୦୧୮ରେ ଦେଶରେ ମୋଟ୍ ୫୧୨ଟି ସାମ୍ପ୍ରଦାୟିକ ଦଙ୍ଗା ମାମଲା ଥିଲା କିନ୍ତୁ ୨୦୧୯ରେ ଏହା ୪୪୦କୁ କମିଯାଇଛି। ଏନ୍‌ସିଆରବି ତଥ୍ୟ ଆଧାରରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତର ରଖି ଏହା କୁହାଯାଇଛି। ଏନ୍‌ସିଆରବି ତଥ୍ୟ ଅନୁଯାୟୀ ୨୦୧୯ରେ ବିହାରରେ ସର୍ବାଧିକ ୧୩୫ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିବାବେଳେ ଝାଡ଼ଖଣ୍ଡରେ ୫୪, ହରିୟାଣାରେ ୫୦ ଏବଂ ମହାରାଷ୍ଟ୍ରରେ ୪୭ ସାମ୍ପ୍ରଦାୟିକ ଦଙ୍ଗା ହୋଇଛି। ତଥ୍ୟ ଅନୁଯାୟୀ ୨୦୧୯ରେ ଉତ୍ତରପ୍ରଦେଶରେ କେଣସି ସାମ୍ପ୍ରଦାୟିକ ଦଙ୍ଗା ହୋଇନଥିବା ବେଳେ ମଧ୍ୟପ୍ରଦେଶରେ ୩୨, ଗୁଜରାଟରେ ୨୨ ଏବଂ କେରଳରେ ୨୧ଟି ସାମ୍ପ୍ରଦାୟିକ ଦଙ୍ଗା ମାମଲା ରହିଛି। କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଜି କିଷାନ ରେଡ୍ଡି କହିଛନ୍ତି, ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ସହ ଧନ , ଜୀବନର ସୁରକ୍ଷା ଏବଂ ସାମ୍ପ୍ରଦାୟିକ ଦଙ୍ଗା ଭଳି ଅପରାଧର ତଦନ୍ତ, ବିଚାରଣ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ। କେନ୍ଦ୍ର ସରକାର ମଧ୍ୟ ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ଶୃଙ୍ଖଳା ସ୍ଥିତି ଯାଞ୍ଚ କରୁଛନ୍ତି।

### ପଶୁ-ମନୁଷ୍ୟ ସଂଘର୍ଷ ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏସ୍‌ଓପି ଜାରି

# ୩ ମାସରେ କମିଟି ଗଠନ କରିବାକୁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଦେଶରେ ଲଗାତାର ବୃଦ୍ଧି ହେଉଥିବା ମନୁଷ୍ୟ ଓ ପଶୁ ସଂଘର୍ଷକୁ ହ୍ରାସ କରିବା ପାଇଁ 'ନ୍ୟାସନାଲ ବୋର୍ଡ ଫର ୱାଇଲଡଲାଇଫ' ଦ୍ୱାରା ୧୪ଟି ଏସ୍‌ଓପି ଓଡ଼ିଶା ସମେତ ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଓ ବନ୍ୟପ୍ରାଣୀ ପ୍ରମୁଖମାନଙ୍କୁ ଜାରି କରାଯାଇଛି। ଏସ୍‌ଓପିରେ ରାଜ୍ୟମାନଙ୍କୁ ତିନିମାସ ଭିତରେ କମିଟି ଗଠନ କରିବା ତଥା ଏଭଳି ସ୍ଥାନଗୁଡିକୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି, ଯେଉଁଠାରେ ମାନବ ଓ ପଶୁ ସଂଘର୍ଷର ସମ୍ଭାବନା ଅଧିକ ରହିଛି। ଏସଓପିରେ କୁହାଯାଇଛି, ଏସବୁ ସ୍ଥାନ ମାନଙ୍କରେ ଜୈବିକ ବାଧକ ଗୁଡିକୁ ବିକଶିତ କରିବା ପାଇଁ ଜୋର ଦିଆଯାଉ ତଥା ଜଙ୍ଗଲକୁ ଲାଗି ରହିଥିବା ଜମି ଯଦିବା ତାହା ଗ୍ରାମ ସମାଜରେ ଥାଏ, ସେଠାରେ ପଶୁମାନଙ୍କ ପାଇଁ ଜୀବ ରୋପଣ କରାଯାଉ। 'ନ୍ୟାସନାଲ ବୋର୍ଡ ଫର ୱାଇଲଡଲାଇଫ'ର ସ୍ଥାୟୀ କମିଟି ନୀଳଗାଇ, ଜଙ୍ଗଲୀ ବାର୍ହା, ହାତୀ, ବାଘ, କଲରାପତରିଅ। ବାଘ, ସିଂହ, ଭାଲୁ ଆଦିର ସଂଘର୍ଷର ମାମଲା ବୃଦ୍ଧି ପାଉଥିବା ଦୃଷ୍ଟିରୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ଏସ୍‌ଓପି ଜାରି କରାଯାଇ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ନ୍ୟାସନାଲ ବୋର୍ଡ ଫର ୱାଇଲଡଲାଇଫ କମିଟି ଦ୍ୱାରା ସୁପାରିଶରେ କୁହାଯାଇଛି ଯେ, ବନ୍ୟଜନ୍ତୁଙ୍କୁ ବଣ ଭିତରେ ପର୍ଯ୍ୟାପ୍ତ ଭୋଜନ ଏବଂ ଜଳ ଉପଲବ୍ଧ କରାଯାଉ, ଯାହାଦ୍ୱାରା ବନ୍ୟଜନ୍ତୁ ଜଙ୍ଗଲରୁ ବାହାରକୁ କମ୍ ସଂଖ୍ୟାରେ ବାହାରିବେ। ବୈଜ୍ଞାନିକ ପଦ୍ଧତିରେ ଚିହ୍ନଟ କରାଯାଇଥିବା ଜଙ୍ଗଲୀ ଜୀବଜନ୍ତୁଙ୍କ ମାର୍ଗରେ ସୁରକ୍ଷିତ ଗମନାଗମନ ସୁନିଶ୍ଚିତ କରାଯାଉ, ଯାହାଦ୍ୱାରା ମାନବ ହସ୍ତକ୍ଷେପ କମ୍ ରହିବ ବୋଲି ସୁପାରିଶରେ କୁହାଯାଇଛି। ରାଜ୍ୟମାନଙ୍କ ଦ୍ୱାରା ଗଠିତ କମିଟିକୁ ଅତି କମରେ ଛଅମାସରେ ଥରେ ବୈଠକ କରିବାକୁ ପଡ଼ିବ। କମିଟି ପଶୁ ଓ ମନୁଷ୍ୟ ସଂଘର୍ଷକୁ କମ୍ କରିବା ଉଦ୍ଦେଶ୍ୟରେ ବିଶେଷଜ୍ଞମାନଙ୍କର ପରାମର୍ଶ ମଧ୍ୟ ନେଇପାରିବେ। ଆବଶ୍ୟକତା ଅନୁସାରେ ଜଙ୍ଗଲୀ ବନ୍ୟଜନ୍ତୁମାନଙ୍କୁ ମାରିବା, ସେମାନଙ୍କୁ ଡରାଇବା ପାଇଁ ବିସ୍ଫୋଟକର ପ୍ରୟୋଗ, ବିଜୁଳି ତାର ବିଛାଇବା ଭଳି ବିଭିନ୍ନ ବିଭାଗ ସହିତ ମିଶି ପଦକ୍ଷେପ ସୁନିଶ୍ଚିତ କରିବା କମିଟି ମନୁଷ୍ୟ-ବନ୍ୟ ଜୀବ ସଂଘର୍ଷରେ ପ୍ରଭାବିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ସମ୍ବନ୍ଧୀୟ ମାମଲାରେ ତୁରନ୍ତ ନିଷ୍ପତ୍ତି ନେବାରେ ସକ୍ଷମ ହେବ। ଏତଦ୍ ବ୍ୟତୀତ ଏସ୍‌ଓପିରେ ରାଜ୍ୟମାନଙ୍କୁ ରାପିଡ ରେସ୍ପନ୍ସ ଟିମ୍ ଗୁଡିକ ସ୍ଥାପନ କରିବା ପାଇଁ କୁହାଯାଇଛି। ଯାହା ଦ୍ୱାରା ଅତି ଶୀଘ୍ର ପ୍ରଭାବିତ ସ୍ଥାନ ଏବଂ ମନୁଷ୍ୟ ଓ ପଶୁର ସହାୟତା କରାଯାଇପାରିବ। ସମ୍ବେଦନଶୀଳ ସ୍ଥାନଗୁଡିକର ମନିଟରିଂ ସହିତ ୨୪X୭ ସାର୍ବଜନିକ ହେଲପଲାଇନ ଟୋଲ୍ ଫ୍ରି ନମ୍ବର ସହିତ ନିୟନ୍ତ୍ରଣ କକ୍ଷ ସ୍ଥାପନ କରିବା ପାଇଁ ଏସ୍‌ଓପିରେ ନିର୍ଦ୍ଦେଶ ଦିଆଯାଇଛି।

### ଚୀନା ଇ-କମର୍ସ ୱେବ୍‌ସାଇଟ୍‌ରେ ବୁଦ୍ଧବେଶୀ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିମାର ପ୍ରବଳ ଚାହିଦା



**ନୂଆଦିଲ୍ଲୀ :** ଗାଉନ୍ ପିନ୍ଧି ଆଖି ବନ୍ଦ କରି ଚେକା ପକାଇ ଧ୍ୟାନମୁଦ୍ରାରେ ବସିଥିବା ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ପ୍ରତିମା ସମ୍ପ୍ରତି ଏକ ଚୀନା ଇ-କମର୍ସ ୱେବ୍‌ସାଇଟ୍‌ରେ ବେଶ୍ ଭଲ ବିକ୍ରୟ ହେଉଛି। ଟ୍ରମ୍ପଙ୍କର ଏହି ପ୍ରତିମା ଧ୍ୟାନମୁଦ୍ରାରେ ବସିଥିବା ଗୌତମବୁଦ୍ଧଙ୍କ ପ୍ରତିମା ସହ ମେଳ ଖାଉଛି। ଚୀନା ଉଦ୍ୟୋଗୀଜଣକ ଏହି ପ୍ରତିମାର ନାଁ ଦେଇଛନ୍ତି, 'ସମସ୍ତଙ୍କ ଅପେକ୍ଷା ବୌଦ୍ଧବାଦ ସହ ଅଧିକ ସୁପରିଚିତ ଟ୍ରମ୍ପ'। ଚୀନ୍‌କୁ ନାପସନ୍ଦ କରୁଥିବା ତଥା ଦୁଇଥର ମହାଭିଯୋଗ ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହିଁ ବିଦ୍ରୁପ କରାଯାଇଛି ବୋଲି ପ୍ରତିମାର ଏହି ପରିଚୟୋକ୍ତିରୁ ସ୍ପଷ୍ଟ ଜଣାପଡୁଛି। କୋଭିଡ୍-୧୯ ସଂକ୍ରମଣ ଲାଗି ଟ୍ରମ୍ପ୍ ବହୁ ଥର ଚୀନ୍‌କୁ ଦାୟୀ କରିଥିଲେ। ଟ୍ରମ୍ପଙ୍କ ପ୍ରତିମା ବିକ୍ରୟ କରୁଥିବା ଉକ୍ତ ଚୀନା ଇ-କମର୍ସ ପ୍ଲାଟ୍‌ଫର୍ମ ହେଉଛି 'ଆଲିବାବା' ମାଲିକାନାରେ ଥିବା 'ଯାଓବାଓ'। ଏହି ଇ-କମର୍ସ ପ୍ଲାଟ୍‌ଫର୍ମରେ ମାତ୍ର ୧୫୦ ଡଲାରେ ଟ୍ରମ୍ପଙ୍କର ୧.୬ ମିଟର ଉଚ୍ଚ ପ୍ରତିମା ବିକ୍ରୟ କରୁଛି। ଏହାଠାରୁ ବଡ଼ ପ୍ରତିମାର ମୂଲ୍ୟ ରହିଛି ୬୧୦ ଡଲାର୍। ଚୀନ୍ ରାଷ୍ଟ୍ରାୟତ ଖବରକାଗଜ 'ଗ୍ଲୋବାଲ୍ ଟାଇମ୍ସ' ରିପୋର୍ଟ କରିଛି ଯେ, ବିକ୍ରେତା ୧୦୦ଟି ପ୍ରତିମା ନିର୍ମାଣ କରିଥିଲେ। ସେଥିରୁ ଅନେକଗୁଡ଼ିଏ ବିକ୍ରି ହୋଇଗଲାଣି। ଅଧିକାଂଶ ଲୋକ ଏହି ପ୍ରତିମାକୁ ମଜାରେ କିଣୁଛନ୍ତି। ଜଣେ ଅନାମିତ କ୍ରେତାଙ୍କ କଥାକୁ ଉଦ୍ଧାର କରି 'ଗ୍ଲୋବାଲ୍ ଟାଇମ୍ସ' ରିପୋର୍ଟ କରିଛି, ଏଇଟାକୁ ମୁଁ ମଜାରେ କିଣିଛି। ଘରେ ଟେବୁଲ୍ ସଜାରେ ରଖିବି। ଟ୍ରମ୍ପଙ୍କ ଗୋଟାଏ ଯୁଗର ତଥା ଅତି ଗର୍ବବାଦର ପ୍ରତିନିଧି ଭାବେ ବିବେଚନା କରାଯାଇ ପାରିବ। ଏବେ ସେ ଯୁଗ ଚାଲିଯାଇଛି କିନ୍ତୁ, ଏହି ପ୍ରତିମା ମତେ ମନେପକାଇ ଦେବ: 'ଅତି ଟ୍ରମ୍ପ୍ ହୁଅନାହିଁ'।

# ଏପ୍ରିଲରେ ବାୟୁସେନା ସାମିଲ କରିବ ରାଫେଲ୍ ଲଢୁଆ ବିମାନର ଦ୍ୱିତୀୟ 'ସ୍କ୍ୱାଡନ୍'



**ନୂଆଦିଲ୍ଲୀ :** ଚୀନ୍ ସୀମାବର୍ତ୍ତୀ ପୂର୍ବାଞ୍ଚଳରେ ନିଜର ସ୍ଥିତି ସୁଦୃ କରିବା ଲାଗି ଆଗାମୀ ଏପ୍ରିଲ୍ ମଧ୍ୟ ଭାଗ ବେଳକୁ ଭାରତୀୟ ବାୟୁସେନା ରାଫେଲ୍ ଲଢୁଆ ବିମାନର ଦ୍ୱିତୀୟ 'ସ୍କ୍ୱାଡନ୍' (ଏକାଧିକ ବିମାନ ଓ ତା'ର କର୍ମଚାରୀ) ସାମିଲ କରିବ। ଏହି 'ସ୍କ୍ୱଡନ୍'କୁ ପଶ୍ଚିମବଙ୍ଗରେ ଥିବା ହାଶିମାରା ବିମାନ ଘାଟିରେ ସାମିଲ କରାଯିବ। ବିଶେଷସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ମେ ମାସରେ ବାୟୁସେନା ହାଶିମାରାରୁ ଏହି ଲଢୁଆ ବିମାନର ଉଡ଼ାଣ ଆରମ୍ଭ କରିବ। ଫ୍ରାନ୍ସରେ ଚାଲିଥିବା ଲଢୁଆ ପାଇଲଟଙ୍କର ତାଲିମ ମଧ୍ୟ ଏହି ସମୟ ମଧ୍ୟରେ ଶେଷ ହୋଇଯାଇଥିବ। ଦ୍ୱିତୀୟ 'ସ୍କ୍ୱାଡନ୍' କାର୍ଯ୍ୟକ୍ଷମ ହେଲା ବେଳକୁ ଭାରତୀୟ ବାୟୁସେନା ପାଖରେ ଆହୁରି ୨୦ରୁ ଅଧିକ ରାଫେଲ୍ ଲଢୁଆ ବିମାନ ପହଞ୍ଚି ସାରିଥିବ। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାର ଅମ୍ବାଲା ବିମାନ ଘାଟିରେ ୫ଟି ରାଫେଲ୍ ଲଢୁଆ ବିମାନ ସାମିଲ କରାଯାଇଥିଲା। ବହୁମୁଖୀ ଭୂମିକା ନିର୍ବାହ କରିବାରେ ସମର୍ଥ ରାଫେଲ୍ ଜେଟ୍‌ର ନିର୍ମାତା ହେଉଛି ଫ୍ରାନ୍ସର ପ୍ରମୁଖ ବ୍ୟୋମଯାନ ନିର୍ମାଣକାରୀ କମ୍ପାନି 'ଡାସୋ ଏଭିଏସନ୍'। ଗତବର୍ଷ ଜୁଲାଇ ୨୯ ତାରିଖ ଦିନ ପ୍ରଥମ ଛେକରେ ୫ଟି ରାଫେଲ୍ ଲଢୁଆ ବିମାନ ଭାରତରେ ପହଞ୍ଚିଥିଲା। ଗୋଟିକୁ ୫୯,୦୦୦ କୋଟି ଟଙ୍କା ଦରରେ ୩୬ଟି ରାଫେଲ୍ ଲଢୁଆ ବିମାନ ଖରିଦ କରିବା ପାଇଁ ଭାରତ ଓ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ରାଜିନାମା ସ୍ୱାକ୍ଷର ହେବାର ପ୍ରାୟ ୪ ବର୍ଷ ପରେ ପ୍ରଥମ ୫ଟି ବିମାନ ଭାରତରେ ପହଞ୍ଚିଥିଲା। ୨୦୨୨ ସୁଦ୍ଧା ଫ୍ରାନ୍ସ ଭାରତକୁ ୩୬ଟି ରାଫେଲ୍ ଲଢୁଆ ବିମାନ ଯୋଗାଇ ଦେବ। ଏଥିରୁ ୩୦ଟି ଲଢୁଆ ବିମାନ ଭାବେ କାର୍ଯ୍ୟ କରିବେ ଓ ବାକି ୬ଟି ତାଲିମ୍ ଦେବାରେ ବ୍ୟବହାର କରାଯିବ। ଅମ୍ବାଲା ଓ ହାଶିମାରା ବିମାନ ଘାଟିର 'ସ୍କ୍ୱାଡ୍‌ନ୍'ରେ ୧୮ଟି ଲେଖାଏଁ ରାଫେଲ୍ ଜେଟ୍ ରହିବ।

# କୋଭିଡ୍ ଟିକାର ନୂଆ ଦର ନିର୍ଦ୍ଧାରିତ




**ନୂଆଦିଲ୍ଲୀ :** କେନ୍ଦ୍ର ସରକାର କୋଭିଡ ଟିକାର ନୂଆ ଦାମ ଘୋଷଣା କରିଛନ୍ତି। ଏବେର ଦର ଡୋଜ ପିଛା ୨୫୦ ଟଙ୍କା ରହିଛି। ହେଲେ ନୂଆ ଦର ଆହୁରି କମ କରିଛନ୍ତି ସରକାର। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପ୍ରେସ କନଫରେନ୍ସ କରି କହିଛନ୍ତି, କେନ୍ଦ୍ର ସରକାର କୋଭିଡ ଟିକାର ଦର ସଂଶୋଧନ କରିଛନ୍ତି। ପୂର୍ବରୁ ଏହି ଟିକାର ଦାମ ୨୫୦ ଟଙ୍କା ରହିଥିଲା। ଏବେ କିନ୍ତୁ ସରକାର ଦର କମାଇ ୨୦୦ ଟଙ୍କା କରିଛନ୍ତି। ତେବେ ଘରୋଇ ହସ୍ପିଟାଲ ବା ଟିକା କେନ୍ଦ୍ର ଡୋଜ ପିଛା ୨୫୦ ଟଙ୍କା ନେଇ ପାରିବେ ବୋଲି ସରକାର ଅନୁମତି ଦେଇଛନ୍ତି। ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଟିକା କୋଭାସିଲ୍ଡ ଟିକାକୁ ଜରୁରୀକାଳୀନ ଭାବରେ ବ୍ୟବହାର କରିବା ପାଇଁ ସରକାର ଅନୁମତି ଦେଇଛନ୍ତି। ଏକମାତ୍ର ଟିକା ଭାବରେ କୋଭାସିଲ୍ଡ ଏହି ଅନୁମତି ପାଇଛି। ସୂଚନା ଅନୁସାରେ କୋଭାସିଲ୍ଡ ଡୋଜ ପିଛା ୧୫୦ ଟଙ୍କା ଲେଖାଏଁ ସରକାର ସେରମ ପାଖରୁ ଆଣୁଛନ୍ତି। ପରେ ଅନ୍ୟାନ୍ୟ ଟ୍ୟାକ୍ସ ମିଶାଇ ଟିକା ଦର ୨୦୦ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ସେରମ ଡୋଜ ପିଛା ୨୧୦ ଟଙ୍କାରେ ବିକ୍ରି କରୁଥିବା ସୂଚନା ରହିଛି। ସୂଚନାଯୋଗ୍ୟ ଯେ, ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଟିକାକରଣ ଚାଲିଛି। ବହୁବିଧ ରୋଗରେ ଆକ୍ରାନ୍ତ ୪୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏହି ପର୍ଯ୍ୟାୟରେ ଟିକା ନେଉଛନ୍ତି। ଉଭୟ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ଏହି ଟିକାକରଣ ଚାଲିଛି। ଘରୋଇ ହସ୍ପିଟାଲରେ ଟିକା ନେଲେ ନିର୍ଦ୍ଧାରିତ ଦର ଅନୁଯାୟୀ ଦେୟ ଦେବାକୁ ହେବ। ଏହାପୂର୍ବରୁ କୋଭିଡ୍ ଯୋଦ୍ଧାଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟିକା ଦିଆଯାଇଛି।

# ଶାଶୂ ଘରେ ବୋହୂ ନିର୍ଯାତିତ ହେଲେ ସ୍ୱାମୀ ଦାୟୀ : ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ଶାଶୁଘରେ ବୋହୂ ନିର୍ଯାତନାର ଶିକାର ହେଲେ ଏଥିପାଇଁ ସ୍ୱାମୀ ଦାୟୀ। ସୁପ୍ରିମ୍‌କୋର୍ଟ ଏକ ମାମଲାର ବିଚାର କରି ଏଭଳି ରାୟ ଶୁଣାଇଛନ୍ତି। ଏକ ଘରୋଇ ହିଂସା ମାମଲାର ରାୟ ଶୁଣାଣି କରିବା ବେଳେ ସ୍ତ୍ରୀକୁ ମାଡ ମାରିଥିବା ଅଭିଯୋଗରେ ସ୍ୱାମୀର ଜାମିନ ଆବେଦନ ଖାରଜ କରିଥିଲେ ସୁପ୍ରିମ୍‌କୋର୍ଟ। ଏହାପରେ କୋର୍ଟ କହିଥିଲେ ଶାଶୁ ଘରେ ଯଦି ସ୍ତ୍ରୀ କୌଣସି କାରଣ ପାଇଁ ଆହତ କିମ୍ବା ଆଘାତ ପାଇଲେ ସ୍ୱାମୀ ଦାୟୀ ରହିବେ। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏସ୍ ଏ ବୋବଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଶୁଣାଣି କରି ଏହା କହିଛନ୍ତି। ଅଭିଯୁକ୍ତ ଜଣକ ତୃତୀୟ ବିବାହ କରିଥିବା ବେଳେ ମହିଳାଙ୍କର ଏହା ହେଉଛି ଦ୍ୱିତୀୟ ବିବାହ। ବିବାହର ଗୋଟିଏ ବର୍ଷ ପରେ ମହିଳା ଜଣକ ୨୦୧୮ରେ ସନ୍ତାନ ଜନ୍ମ ଦେଇଥିଲେ। ଗତବର୍ଷ ଜୁନ୍ ମାସରେ ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ଶାଶୁଙ୍କ ବିରୋଧରେ ଲୁଧିଆନା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ମହିଳା ଜଣକ ଅଭିଯୋଗ କରିଥିଲେ ଯେ, ଯୌତୁକ ଦାବି ପୂରଣ ନ କରିବାରୁ ତାଙ୍କୁ ତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଶାଶୁ ନିର୍ମମ ଭାବରେ ପିଟିଥିଲେ। ଅଭିଯୁକ୍ତକର ଓକିଲ କୁଶଗ୍ରା ମହାଜନ କୋର୍ଟରେ ଜାମିନ ଆବେଦନ କରିଥିଲେ। ଏହି ସମୟରେ ବିଚାରପତି ଅଭିଯୁକ୍ତଙ୍କୁ ପଚାରିଥିଲେ, ଆପଣ କେଉଁ ପ୍ରକାରର ବ୍ୟକ୍ତି ? ଆପଣଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ମାଡ ମାରୁଛନ୍ତି। ଆପଣ ଗର୍ଭପାତ କରିବାକୁ ବାଧ୍ୟ କରୁଛନ୍ତି। ଆପଣ କେଉଁ ପ୍ରକାରର ପୁରୁଷ ଯେ ନିଜ ସ୍ତ୍ରୀକୁ ମାଡ ମାରିବା ପାଇଁ କ୍ରିକେଟ୍ ବ୍ୟାଟ ବ୍ୟବହାର କରୁଛନ୍ତି। କୋର୍ଟଙ୍କ ପ୍ରଶ୍ନର ଉତ୍ତରରେ ଅଭିଯୁକ୍ତଙ୍କ ଓକିଲ କୁଶଗ୍ରୀ ମହାଜନ ପକ୍ଷ ରଖି କହିଥିଲେ ଯେ, ମହିଳା ଜଣକ ନିଜେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଶ୍ୱଶୁର ତାଙ୍କୁ ବ୍ୟାଟ୍‌ରେ ପିଟିଥିଲେ। ବାପା ଏବଂ ଶ୍ୱଶୁର ବ୍ୟାଟରେ ବାଡେଇବାର କିଛି ଫରକ ନାହିଁ। ଏହାପରେ କୋର୍ଟ କହିଥିଲେ ଯେତେବେଳେ ଜଣେ ମହିଳା ଶାଶୁଙ୍କ ଦ୍ୱାରା କୌଣସି ପ୍ରକାରର ଆଘାତ ପାଇଲେ, ସେତେବେଳେ ପ୍ରାଥମିକ ଦାୟିତ୍ୱ ହେଉଛି ସ୍ୱାମୀଙ୍କର। ଏହାପରେ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ। ପୂର୍ବରୁ ଏହି ମାମଲାରେ ପଞ୍ଜାବ ଏବଂ ହରିଆଣା ହାଇକୋର୍ଟ ମଧ୍ୟ ମହିଳାଙ୍କ ସ୍ୱାମୀଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ।

# ମହାମାରୀ ଯୋଗୁଁ କମିଛି ରାଜ୍ୟ ରାଜସ୍ୱ



**ନୂଆଦିଲ୍ଲୀ :** ଏସ୍‌ବିଆଇର ବିଶ୍ଳେଷଣ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ମିଳିତ ଭାବରେ କେନ୍ଦ୍ର ଓ ରାଜ୍ୟର ବଜେଟ୍ ବ୍ୟବଧାନ ୧୨.୭% ରହିବ। ନିକଟରେ ସାଧାରଣ ବଜେଟ୍ ସଂସଦରେ ଆଗତ ହୋଇସାରିଛି। ଅନେକ ବଡ ରାଜ୍ୟ ମଧ୍ୟ ନିଜ ରାଜ୍ୟର ବଜେଟ୍ ଆଗତ କରିସାରିଛନ୍ତି। ଦେଶରେ ସବୁ ରାଜ୍ୟ ମହାମାରୀ ବିରୋଧରେ ନିଜର ଲଢ଼େଇ ଜାରି ରଖିଛନ୍ତି। ମହାମାରୀ ବିରୋଧରେ ଜାରି ରହିଥିବା ଲଢ଼େଇ ଯୋଗୁଁ ପ୍ରାୟତଃ ରାଜ୍ୟ ମାନଙ୍କର ବଜେଟ୍ ବିଗିଡି ଯାଇଛି। ମହାମାରୀ ଯୋଗୁଁ ସବୁ ରାଜ୍ୟ ମାନଙ୍କ ଆମଦାନୀରେ ହ୍ରାସ ଘଟିଛି। ମାତ୍ର ଖର୍ଚ୍ଚରେ ବୃଦ୍ଧି ଜାରି ରହିଛି। ମହାମାରୀକୁ ମୁକାବିଲା କରିବା ଦିଗରେ ସ୍ୱାସ୍ଥଗତ ଖର୍ଚ୍ଚରୁ ଆରମ୍ଭ କରି ବିଭିନ୍ନ ସରକାରୀ ତଥା କଲ୍ୟାଣମୂଳକ ଯୋଜନାରେ ସରକାରଙ୍କୁ ଅତିରିକ୍ତ ବ୍ୟୟ କରିବାକୁ ପଡିଛି। ଏବେ ମଧ୍ୟ ଟିକାକରଣ ତଥା ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଦିଗରେ ସରକାର ଖର୍ଚ୍ଚ କରିବା ଜାରି ରଖିଛନ୍ତି। ଫଳରେ ବଜେଟ୍ ବ୍ୟବଧାନରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସମ୍ବଳ ଅଭାବରୁ ଋଣର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଏସ୍‌ବିଆଇର ତାଜା ରିପୋର୍ଟ ଅନୁସାରେ ଦେଶର ଟପ୍ ୧୩ଟି ରାଜ୍ୟର ବିତ୍ତୀୟ ନିଅଣ୍ଟର ପରିମାଣ ୪.୫% ରହିବାର ଅନୁମାନ ପ୍ରକାଶ କରିଛି। ଏସ୍‌ବିଆଇର ଚିଫ୍ ଇକୋନୋମିକ୍ ଆଡଭାଇଜର କହିଛନ୍ତି ଯେ, ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟମାନଙ୍କର ବିତ୍ତୀୟ ନିଅଣ୍ଟ ୩.୩% ରହିବାର ଆକଳନ କରିଛନ୍ତି। ରାଜ୍ୟ ମାନଙ୍କର ଜିଡିପି ଗ୍ରୋଥ୍‌ର ଆକଳନ କେନ୍ଦ୍ରର ଜିଡିପିକୁ ପ୍ରଭାବିତ କରିଥାଏ। ଏଥିରୁ ଜଣାପଡେ ଯେ, ଦେଶର ସାଧାରଣ ଲୋକର ଋଣଭାର କେତେ ରହିବ। ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରତି ବ୍ୟକ୍ତିର ଜିଡିପି ବାର୍ଷିକ ଆଧାରରେ ୭,୨୦୦ ଟଙ୍କା ହ୍ରାସ ପାଇବାର ଅନୁମାନ କରିଛନ୍ତି ଏସ୍‌ବିଆଇ। କର୍ଣ୍ଣାଟକ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରତି ବ୍ୟକ୍ତିର ଜିଏସ୍‌ଡିପି ୧୦,୦୦୦ ଟଙ୍କାର ଅଭିବୃଦ୍ଧି ଘଟିପାରେ। ରାଜ୍ୟମାନଙ୍କର ବକେୟା ଋଣର ପରିମାଣରେ ବୃଦ୍ଧି ଘଟିଛି। ରାଜସ୍ୱ ସଂଗ୍ରହର ଉତ୍ସରେ ହ୍ରାସ ଘଟିବା ଫଳରେ ସରକାର ପର୍ଯ୍ୟାପ୍ତ ପରିମାଣରେ ରାଜସ୍ୱ ସଂଗ୍ରହ କରିପାରି ନାହାନ୍ତି। ଫଳରେ ପ୍ରତି ବ୍ୟକ୍ତିର ଋଣ ପରିମାଣରେ ବୃଦ୍ଧି ଘଟିଛି। ୨୦୨୨ ବଜେଟ୍‌ର ଅନୁମାନ କରାଯାଇଛି ଯେ, ଦେଶର ପ୍ରତି ବ୍ୟକ୍ତିର ଆୟରେ ୭.୧% ବୃଦ୍ଧି ଘଟିବା ସହିତ ଋଣରେ ମଧ୍ୟ ୧୬.୪% ବୃଦ୍ଧି ଘଟିଛି। କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ ପ୍ରତି ବ୍ୟକ୍ତିର ଋଣ ପରିମାଣ ଦେଶରେ ସବୁଠାରୁ ଅଧିକ ରହିଛି। ଏହି ଦୁଇଟି ରାଜ୍ୟରେ ପ୍ରତି ବ୍ୟକ୍ତିର ଋଣ ପରିମାଣ ବାର୍ଷିକ ଆଧାରରେ ୨୦% ରହିଚି। ୨୦୨୦-୨୧ ଆର୍ଥିକ ବର୍ଷରେ କର୍ଣ୍ଣାଟକ, କେରଳ ଓ ଉତ୍ତରାଖଣ୍ଡ ଆଦି ରାଜ୍ୟରେ ପ୍ରତି ବ୍ୟକ୍ତିର ଋଣ ପରିମାଣ ବାର୍ଷିକ ଆଧାରରେ ୬୦,୦୦୦ ଟଙ୍କା ରହିବାର ଅନୁମାନ କରାଯାଇଛି। ଯଦିଓ ଗତ ୪ ମାସରେ ସରକାର ରେକର୍ଡ ପରିମାଣରେ ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରିଛନ୍ତି। ମାତ୍ର ରାଜ୍ୟ ତଥା କେନ୍ଦ୍ରର ହିସାବ ଅନୁସାରେ ଚଳିତ ବିତ୍ତ ବର୍ଷରେ ରାଜସ୍ୱ ସଂଗ୍ରହର ପରିମାଣରେ ୨୧.୨% ହ୍ରାସ ପାଇବାର ସମ୍ଭାବନା ରହିଛି। ଦେଶର ବିଭିନ୍ନ ରାଜ୍ୟ ମାନଙ୍କ ଭାଟ୍ ରାଜସ୍ୱ ସଂଗ୍ରହରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ବଜେଟ୍‌ର ଅନୁମାନ ଅନୁସାରେ ରାଜ୍ୟମାନଙ୍କ ଭାଟ୍ ସଂଗ୍ରହରେ ୧୪.୭% କମ୍ ରହିବାର ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭରେ ଅଶୋଧିତ ତେଲ ଦରରେ ହ୍ରାସ ଘଟିବା ଓ ମହାମାରୀ ଯୋଗୁଁ ଦେଶରେ ଆର୍ଥିକ କାରବାର ବନ୍ଦ ହେବା ଫଳରେ ତେଲର ଚାହିଦାରେ ଦ୍ରୁତ ହ୍ରାସ ଘଟିଥିଲା। ଫଳରେ ସରକାରଙ୍କ ରାଜସ୍ୱ ସଂଗ୍ରହର ହାର ହ୍ରାସ ପାଇଥିଲା। ରାଜ୍ୟ ସରକାରମାନେ ରାଜସ୍ୱରେ କ୍ଷତିକୁ ଭରଣା କରିବା ପାଇଁ ଖର୍ଚ୍ଚର ପରିମାଣରେ ମଧ୍ୟ ହ୍ରାସ କରିଛନ୍ତି। ଧାର୍ଯ୍ୟ କରାଯାଇଥିବା ଖର୍ଚ୍ଚର ଆକଳନକୁ ରାଜ୍ୟ ସରକାରମାନେ ଆନୁମାନିକ ୧୧.୩% କମ କରିଛନ୍ତି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ସରକାରୀ ପୁଞ୍ଜିଗତ ବ୍ୟୟରେ ମଧ୍ୟ ହ୍ରାସ ଘଟିଛି। ମହାମାରୀ ଯୋଗୁଁ ଅନେକ ରାଜ୍ୟର ସରକାରମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚର ପରିମାଣକୁ ବୃଦ୍ଧି କରିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କରିବା ଦିଗରେ ସରକାର ବଜେଟ୍‌ରେ ଆବଣ୍ଟନ କରାଯାଇଥିବା ପରିମାଣକୁ ବର୍ଦ୍ଧିତ କରିଛନ୍ତି। ୫ଟି ରାଜ୍ୟ ସେମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆବଣ୍ଟନ କରାଯାଇଥିବା ବଜେଟ୍‌ର ପରିମାଣରେ ୨୦% ପର୍ଯ୍ୟନ୍ତ ବୃଦ୍ଧି କରିଛନତି। ରାଜ୍ୟ ସରକାରମାନେ ପ୍ରମୁଖ ଅସ୍ତ୍ର ହେବେ ବୋଲି ଏସ୍‌ବିଆଇ କହିଛି। ରାଜ୍ୟମାନଙ୍କ ବଜେଟ୍ ଓ ଖର୍ଚ୍ଚର ପରିମାଣ ଉପରେ ଦେଶର ଜିଡିପି ଅଭିବୃଦ୍ଧି ନିର୍ଭର କରେ। ରାଜ୍ୟମାନେ ସବଳ ହେଲେ ରାଜ୍ୟର ଅଧିବାସୀମାନଙ୍କ ଆର୍ଥିକ ମାନଦଣ୍ଡରେ ବୃଦ୍ଧି ପାଇଲେ ଦେଶର ଜିଡିପି ଅଭିବୃଦ୍ଧିଶୀଳ ରହିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# କରୋନା ଟେଷ୍ଟିଂ ଅବଧି ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟରେ ମହାରାଷ୍ଟ୍ର ଭଳି ସ୍ଥିତି ନାହିଁ ଏବଂ ଓଡ଼ିଶାରେ ଏଯାବତ୍ କରୋନା ନିୟନ୍ତ୍ରଣରେ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି। ଏଣେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, 'କୋଭିଡ ସ୍ଥିତିକୁ ନେଇ ଓଡ଼ିଶା ସରକାର ସଚେତନ ଅଛନ୍ତି। ଏଥିଲାଗି ପାଞ୍ଚଟି ରାଜ୍ୟକୁ ପ୍ରତିବନ୍ଧକ ରଖିଛୁ। ଯେଉଁମାନେ ଆସୁଛନ୍ତି ଆରଟିପିସିଆର ଟେଷ୍ଟ କରି ଆସିବେ।' ସେ ଆହୁରି ମଧ୍ୟ କହିଛନ୍ତି ,'ଆଜି ସାପ୍ତାହିକ ରିଭ୍ୟୁ କରାଯାଇଥିଲା। ଆଜି ଯେଉଁଭଳି ଭାବେ ସଂକ୍ରମଣ ବଢ଼ିଛି ତାହା ଚିନ୍ତାଜନକ। ଆଜି ଦେଶରେ ୨୩ହଜାରରେ ସଂକ୍ରମଣ ପହଞ୍ଚିଛି। ମହାରାଷ୍ଟ୍ର, କେରଳ ଓ କର୍ଣ୍ଣାଟକରେ ସଂକ୍ରମଣରେ ବୃଦ୍ଧି ହୋଇଛି। କେରଳ ଓ ମହାରାଷ୍ଟ୍ର ଉପରେ ଆମର ପ୍ରତିବନ୍ଧକ ରହିଛି, ଅନ୍ୟ କେଉଁ ରାଜ୍ୟକୁ ପ୍ରତିବନ୍ଧିତ କରାଯିବ ପରାମର୍ଶ ନେବା ପରେ ଜଣାପଡ଼ିବ। ବିମାନବନ୍ଦରରେ ନିୟମିତ ଚେକ କରାଯାଉଛି। ବିମାନଯାତ୍ରୀମାନେ ଆରଟିପିସିଆର ଟେଷ୍ଟ ରିପୋର୍ଟ ନେଇ ଆସୁଛନ୍ତି। ରାଜ୍ୟରୁ ଟ୍ରେନରେ ଆସୁଥିବା ଲୋକଙ୍କର ବି ଚେକିଂ କରାଯାଉଛି। ଟ୍ରେନରେ ଯେଉଁମାନେ ଆସିବେ ଲକ୍ଷଣ ରହିଥିଲେ, ସେମାନଙ୍କର ଆରଟିପିସିଆର ଟେଷ୍ଟ କରାଯିବ। ଯଦି ପଜିଟିଭ ବାହାରେ ତେବେ ଆଇସୋଲେସନ, କୋଭିଡ ହସ୍ପିଟାଲ କିମ୍ବା ହୋମ ଆଇସୋଲେସନରେ ରଖାଯିବ।' ସେହିପରି ଜିଲ୍ଲା ଦାୟିତ୍ୱରେ ୬ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଦୀପ୍ତ ମହାପାତ୍ର ଆହୁରି ମଧ୍ୟ କହିଛନ୍ତି, 'ଆମେ ଟିକା ଦେବାରେ ଦେଶରେ ଦ୍ୱିତୀୟ। ନବେ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଓ ଫ୍ରଣ୍ଟଲାଇନ ୱାର୍କର ଦ୍ୱିତୀୟ ଡୋଜ ଚାଲିଛି ଓ ବୟସ୍କ ଲୋକଙ୍କ ଟିକାକରଣ ଚାଲିଛି। ଦୈନନ୍ଦିନ ଏକ ଲକ୍ଷ ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ମେ ମାସ ୧୫ ତାରିଖ ଭିତରେ ପ୍ରାୟ ୪୬ ଲକ୍ଷ ବୟସ୍କ ଲୋକ ଓ ଦୁଇ ଲକ୍ଷ ଏକାଧିକ ଗୁରୁତର ରୋଗରେ ପୀଡ଼ିତ ଲୋକଙ୍କ ଟିକାକରଣ ଶେଷ କରାଯିବ। ଏହାକୁ ଲକ୍ଷ୍ୟ ରଖି କାର୍ଯ୍ୟ କରାଯାଉଛି। ବୟସ୍କ ଲୋକଙ୍କୁ ଟିକା ଦେବାରେ ଆମେ ବହୁତ ଭଲ କରୁଛୁ।' ସେହିପରି ବାହାର ରାଜ୍ୟର ପ୍ରଭାବ ରାଜ୍ୟ ଉପରେ ନ ପଡିବା ନେଇ ସ୍ୱାସ୍ଥ୍ୟ ବିଭାଗ କମିଟି ଗଠନ କରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଆରଏମ୍ଆରସି ନିର୍ଦ୍ଦେଶକ, ଆଇଏଲ୍ଏସ୍ ନିର୍ଦ୍ଦେଶକଙ୍କୁ ନେଇ କମିଟି ଗଠନ ହୋଇଛି। ବାହାର ରାଜ୍ୟରେ ବଢୁଥିବା ସଂକ୍ରମଣର ପ୍ରଭାବ ଯେମିତି ଓଡ଼ିଶା ଉପରେ ନ ପଡିବ ସେ ନେଇ କମିଟି ପଦକ୍ଷେପ ନେବ। ଅନ୍ୟ ରାଜ୍ୟରେ ସଂକ୍ରମଣ ମାମଲା ବଢୁଥିବା ବେଳେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବହୁତ କମ ଅଛି।

## ସୁଦୃଢ଼ ହେବ ଅନୁଦାନପ୍ରାପ୍ତ କଲେଜର ଭିତ୍ତିଭୂମି



**ଭୁବନେଶ୍ୱର :** ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବାୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଲାଗି ଲାବରୋଟାରି(ବିଜ୍ଞାନ ପରୀକ୍ଷାଗାର)ଗୁଡ଼ିକର ଉନ୍ନତିକରଣ ହେବାୟ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୨୯ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୮ କୋଟି ୫୫ ଲକ୍ଷ ଟଙ୍କା ଏବଂ ୬୫ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଲାବରୋଟାରି ପାଇଁ ମୋଟ ୫ କୋଟି ଟଙ୍କା ଦିଆଯାଇଛି। ସମସ୍ତ ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟଗୁଡ଼ିକୁ ଏହି ଅନୁଦାନ ପ୍ରଦାନ କରାଯାଇଛି। କଲେଜର ସ୍ଥିତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କିମ୍ବା ୧୫ ଲକ୍ଷ ଟଙ୍କା ଦିଆଯାଇଛି। ଏହି ଅର୍ଥ ବିନିଯୋଗ କରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ କରାଯିବ। ସେହିପରି ରାଜ୍ୟର ୬୫ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଲାବରୋଟାରି ପାଇଁ ୫ କୋଟି ଟଙ୍କା ଦିଆଯାଇଛି। କଲେଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥରାଶି ଦିଆଯାଇଛ। ୫୦ ହଜାରରୁ ୮ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ପ୍ରଦାନ କରାଯାଇଛି।

## 'ଆଜାଦ କି ଅମୃତ' ମହୋତ୍ସବ ପାଳନ କରିବାକୁ ଚିଠି

ज्ञान-विज्ञान विमुक्तये
UGC
University Grants Commission

**ଭୁବନେଶ୍ୱର :** 'ଆଜାଦ କି ଅମୃତ' ମହୋତ୍ସବ ପାଳନ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ୟୁଜିସି ପକ୍ଷରୁ ଲେଖା ଯାଇଥିବା ଚିଠିରେ କୁହାଯାଇଛି ଯେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାଣ୍ଡିଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଯାତ୍ରା ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ଏହାକୁ ପାଳନ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦାଣ୍ଡିଯାତ୍ରା ଯାଉଥିବା ମାର୍ଗରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିବେ। ଦାଣ୍ଡିଯାତ୍ରା ମାର୍ଗରେ ଅବସ୍ଥିତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ଭାଗ ନେଇ ବିଭିନ୍ନ ପ୍ରତିଯୋଗିତା କରିବେ। ଏହାବ୍ୟତୀତ ଉତ୍ସବ ପାଳନ ଲାଗି ଉଚ୍ଚ ଶିକ୍ଷାନୁଷ୍ଠାନ ସେମାନଙ୍କର ସ୍ୱତନ୍ତ୍ର ଯୋଜନା କରିବେ। ଶିକ୍ଷାନୁଷ୍ଠାନଗୁଡ଼ିକ ସର୍ବସାଧାରଣଙ୍କ ସହଭାଗିତାରେ କାର୍ଯ୍ୟକ୍ରମ ଆୟୋଜନ କରିବେ। କାର୍ଯ୍ୟକ୍ରମ ସରିବା ପରେ ତା'ର ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

# ଏପ୍ରିଲରୁ ଚାଲିବ ସବୁ ଟ୍ରେନ୍ !



**ଭୁବନେଶ୍ୱର :** ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। କରୋନା ଯୋଗୁ ରାଜ୍ୟରେ ଦୀର୍ଘଦିନ ଧରି ବନ୍ଦ ରହିଥିବା ସବୁ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନ୍ ପୁଣିଥରେ ଚାଲିପାରେ। ଏନେଇ ପୂର୍ବତଟ ରେଲୱେ ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବତଟ ରେଲୱେ ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି, କରୋନା ଭାଇରସ୍ ଲକଡାଉନ୍ ପୂର୍ବରୁ ରାଜ୍ୟରେ ପୂର୍ବତଟ ରେଲୱେର ମୋଟ ୮୨ ଯୋଡା ଏକ୍ସପ୍ରେସ୍ ଚାଲୁଥିଲା। କିନ୍ତୁ କୋଭିଡ୍-୧୯ କଟକଣା ଲାଗୁ ହେବା ପରଠାରୁ ବିଭିନ୍ନ ରୁଟ୍‌ରେ ୫୯ ଯୋଡା ଏକ୍ସପ୍ରେସ୍ ଟ୍ରେନ୍ ଚାଲିଛି। ଯାହାକି ପାଖପାଖି ୭୨% ଟ୍ରେନ୍ ଚାଲୁଛି। ଆଗକୁ କରୋନା ମାମଲା ଯେତେ କମିବ, ସେତେ ଅଧିକ ଟ୍ରେନ୍ ଚାଲିବ। ଏ ନେଇ ଆମେ ରାଜ୍ୟ ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ଅଛୁ। ତେଣୁ ଆଶା କରୁଛୁ ଏପ୍ରିଲରୁ ଟ୍ରେନ୍ ସଂଖ୍ୟା ବଢ଼ିବ। ଅଧିକାରୀ ଆହୁରି କହିଛନ୍ତି, ବର୍ତ୍ତମାନ ପାସେଞ୍ଜର ଟ୍ରେନ୍ ସଂଖ୍ୟା କମ ରହିଥିବା ବେଳେ ସ୍ପେଶାଲ ଟ୍ରେନ୍ ଅଧିକ ଚାଲୁଛି। ଯେହେତୁ ଏବେ କରୋନା ମାମଲାରେ ସାମାନ୍ୟ ହ୍ରାସ ପାଇଛି, ତେଣୁ ପୁଣିଥରେ ସମ୍ପୂର୍ଣ୍ଣ ଟ୍ରେନ୍ ଚଳାଚଳ ପାଇଁ ଯୋଜନା କରୁଛି ପୂର୍ବତଟ ରେଲୱେ। ତେଣୁ ଏପ୍ରିଲ ମାସରୁ ସବୁ ପାସଞ୍ଜେର ଓ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବା ନେଇ ଆଶାବାଦୀ ଅଛି ପୂର୍ବତଟ ରେଲୱେ। ତେବେ ରାଜ୍ୟ ସରକାର ଓ ପୂର୍ବତଟ ରେଲୱେ ବୋର୍ଡ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ହିଁ କୌଣସି ନିଷ୍ପତ୍ତି ନିଆଯିବ।

# 'ବିଜୁ ଯୁବବାହିନୀ' ବନ୍ଦ

ବିଜୁ ଯୁବ ବାହିନୀ
Biju Yuva Vahini

**ଭୁବନେଶ୍ୱର :** ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ରେ ରାଜ୍ୟ ବଜେଟରେ ବିଜୁ ଯୁବବାହିନୀ ପାଇଁ ଅର୍ଥବ୍ୟବସ୍ଥା ନାହିଁ, ତେଣୁ ବିଜୁ ଯୁବ ବାହିନୀ ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ ଓ ରାଜ୍ୟର କୌଣସି ଅଞ୍ଚଳରେ ଲୋକଙ୍କ ସ୍ୱାର୍ଥ ପାଇଁ କୌଣସି କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ଦ୍ୱାରା ବର୍ତ୍ତମାନ କରାଯାଉନାହିଁ। ଚଳିତ ଆର୍ଥିକ ବର୍ଷରେ ବିଜୁ ଯୁବ ବାହିନୀ ପାଇଁ ବଜେଟରେ କୌଣସି ଅର୍ଥ ବ୍ୟବସ୍ଥା ନାହିଁ, ତେଣୁ ଖର୍ଚ୍ଚର କୌଣସି ଅବକାଶ ନାହିଁ ବୋଲି ମନ୍ତ୍ରୀ ତୁଷାରକାନ୍ତି ବେହେରା ସୂଚନା ଦେଇଛନ୍ତି। ବିଧାୟକ ଭବାନୀ ଭୋଇଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ସେ ଏହା କହିଛନ୍ତି। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବିଜୁ ଯୁବବାହିନୀ ନାଆଁରେ ଏକ ସଂଗଠନ ଖୋଲିଥିଲେ। ସେପଟେ ମନ୍ତ୍ରୀଙ୍କ ସୂଚନା ପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି, ନିର୍ବାଚନ ପାର ହେବା ପାଇଁ ବିଜୁ ଯୁବ ବାହିନୀ ଗଠନ କରାଯାଇଥିଲା। ରାଜ୍ୟ ରାଜକୋଷରୁ ବିଜୁ ଯୁବବାହିନୀ ନାଁରେ ଟଙ୍କା ଲୁଟ୍ କରାଯାଇଛି। ଯେତିକି ଟଙ୍କା ଖର୍ଚ୍ଚ ହୋଇଛି, ସେତିକି ଟଙ୍କାରେ କୌଣସି ଉନ୍ନୟନମୂଳକ କାମ ହୋଇପାରିଥାନ୍ତା ବୋଲି କହିଛନ୍ତି ବିରୋଧୀ ଦଳ ନେତା। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ରଖି କହିଛନ୍ତି, ବର୍ତ୍ତମାନ ନିର୍ବାଚନ ନାହିଁ। ତେଣୁ ସରକାରଙ୍କୁ ବିଜୁ ଯୁବ ବାହିନୀର ଆଉ ଆବଶ୍ୟକତା ନାହିଁ। ତେଣୁ ଯେତେବେଳେ ତିନି ବର୍ଷ ପରେ ପୁଣି ନିର୍ବାଚନ ଆସିବ, ସେତେବେଳେ ରାଜ୍ୟ ସରକାରଙ୍କର ଆଉ କିଛି ବାହିନୀଙ୍କ କଥା ମନେ ପଡ଼ିବ ବୋଲି ସେ କହିଛନ୍ତି।

## ନର୍ସିଂ କଲେଜ ଅଧ୍ୟକ୍ଷାଙ୍କୁ ହଟାଯିବା ଦାବିରେ ଭିମସାର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ




**ବୁର୍ଲା :** ଭିମସାର ନର୍ସିଂ କଲେଜରେ ବେଆଇନ ଫି' ଆଦାୟକୁ କେନ୍ଦ୍ର କରି ନର୍ସିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଘନେଇବାରେ ଲାଗିଛି। ମାତ୍ର ସମାଧାନାର ବାଟ ନ ବାହାରିବା ପରିପ୍ରେକ୍ଷୀରେ ତଥା ତଦନ୍ତ କମିଟି ପକ୍ଷରୁ ରିପୋର୍ଟ ସଠିକ୍ ଭାବରେ ଦିଆ ନଯିବାକୁ ନେଇ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଛାତ୍ରଛାତ୍ରୀମାନେ ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେରଙ୍କୁ ଘେରାଉ କରିବା ସହିତ ସମସ୍ୟାରସ ମାଧାନ ପାଇଁ ଦାବି କରିଥିଲେ। କୌଣସି ସମାଧାନର ବାଟ ନବାହାରିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ନର୍ସିଂ ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସିଛନ୍ତି। ଅନ୍ୟପଟେ ବରଗଡ ସାଂସଦ ସୁରେଶ ପୂଜାରୀ ଭିମସାରକୁ କରୋନା ଭେକ୍ସିନ ନେବା ପାଇଁ ଆସିଥିବା ବେଳେ ବିକ୍ଷୋଭରତ ନର୍ସିଂ ଛାତ୍ରଛାତ୍ରୀମାନେ ତାଙ୍କ ଦାବି ପୂରଣ ଦିଗରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଶହ ଶହ ନର୍ସିଂ ଛାତ୍ରଛାତ୍ରୀଙ୍କ ହସ୍ତାକ୍ଷର ସମ୍ବଳିତ ସ୍ମାରକପତ୍ର ସାଂସଦ ଶ୍ରୀ ପୂଜାରୀଙ୍କୁ ପ୍ରଦାନ କରିଥିଲେ। ଏ ଦିଗରେ ଭିମସାର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ବରଗଡ ସାଂସଦ ବିକ୍ଷୋଭରତ ନର୍ସିଂ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଗତ ଶୁକ୍ରବାର ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଆଲୋଚନା କରିଥିଲେ। ତେବେ ଆଲୋଚନା ପରେ କୌଣସି ସମାଧାନ ହୋଇ ନଥିବା ଜଣାପଡିଛି। ଏହି ଆଲୋଚନାରେ ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ କୁମାର ସାହୁ, ତହସିଲଦାର ଲକ୍ଷ୍ମଣ ଅମାତ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ମିଳିଥିବା ସୂଚନା ଅନୁସାରେ, ଭାରପ୍ରାପ୍ତ ଅଧକ୍ଷା ଲୀଳାରାଣୀ ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବହିଷ୍କାର ଦାବିରେ ଭିମସାର ନର୍ସିଂ କଲେଜ ଛାତ୍ରଛାତ୍ରୀ ସଙ୍ଗଠନ ପକ୍ଷରୁ ଦିବାରାତ୍ର ଧାରଣା ଚାଲୁ ରହିଛି। ଭିମସାର କର୍ତ୍ତୃପକ୍ଷ ୫ଜଣିଆ ତଦନ୍ତ କମିଟି ଗଠନ କରିଥିଲେ ସୁଦ୍ଧା କୌଣସି ରିପୋର୍ଟ ଦାଖଲ କରିନାହାନ୍ତି।

## ପହିଲାରୁ ରବିବାର କ୍ଲାସ୍ ବନ୍ଦ : ମନ୍ତ୍ରୀ



**ଭୁବନେଶ୍ୱର :** ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଖବର। ଏପ୍ରିଲ ପହିଲାରୁ ହେବ ରିଭିଜନ୍ କ୍ଲାସ। ଚଳିତ ମାର୍ଚ୍ଚ ଶେଷ ସୁଦ୍ଧା ସ୍କୁଲମାନଙ୍କରେ ସବୁ କୋର୍ସ କଭର ହୋଇଯିବ ବୋଲି ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଚଳିତ ବର୍ଷର ସ୍କୁଲମାନଙ୍କରେ ପିଲାମାନଙ୍କ ପାଠ୍ୟକ୍ରମ ସରିଆସିଲାଣି, ତେଣୁ ରେଗୁଲାର କ୍ଲାସ୍ ଜରୁରୀ ନାହିଁ। ସେଥିପାଇଁ ଆମେ ବିଚାର କରୁଛୁ, ମୁଁ ଭାବୁନାହିଁ ମାର୍ଚ୍ଚ ପରେ ଆଉ ସ୍କୁଲରେ କିଛି କାର୍ଯ୍ୟକ୍ରମ ରହିବ। ପିଲାମାନେ ବିଶେଷ କରି ସେଲ୍ଫ ଷ୍ଟଡି ବା ଘରେ ରହି ପାଠ ପଢ଼ିବାକୁ ଆଗ୍ରହ କଲେଣି। ସେଥିପାଇଁ ରବିବାର କ୍ଲାସର ମଧ୍ୟ ଆବଶ୍ୟକ ନାହିଁ ବୋଲି କହିଛନ୍ତି ମନ୍ତ୍ରୀ। ଏପରିକି ପିଲାମାନଙ୍କ ପାଇଁ ବିଭାଗ ଯୋଗାଇ ଦେଇଥିବା 'ପରୀକ୍ଷା ଦର୍ପଣ' ସହାୟକ ହେଉଛି। ସେଥିପାଇଁ ଆସନ୍ତା ମାସରୁ ରେଗୁଲାର କ୍ଲାସର ଜରୁରୀ ମନେ ହେଉନାହିଁ। ପିଲାମାନେ ନିଜେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ମନସ୍ଥ କଲେଣି ବୋଲି ଏବେ କ୍ଲାସରେ ପ୍ରାୟତଃ ଉପସ୍ଥାନ କମ୍ ଦେଖିବାକୁ ମିଳୁଛି। ତେଣୁ ଆମେ ବିଚାର କରୁଛୁ ଆସନ୍ତା ମାସରୁ ପିଲାମାନଙ୍କ ସେଲ୍ଫ ଷ୍ଟଡିକୁ ଗୁରୁତ୍ୱ ଦେବୁ ବୋଲି ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

### ଗୋଚର ଜମିରେ ରଣପୁର ତହସିଲଦାରଙ୍କ ବେଆଇନ ଖଣି ନିଲାମ

# କହିଲେ ମାଡିଚାଲ, ବୁଝିବି

**ରଣପୁର :** ମୋ ସରକାର ଓ ୫-ଟି' ସମୟରେ ବେଆଇନ କାର୍ଯ୍ୟ ଉପରେ ରୋକ୍ ଲାଗୁଥିଲା ବେଳେ ନୟାଗଡ଼ ଜିଲ୍ଲାର ରଣପୁର ତହସିଲ ତଥା କୁଳାସର ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ନୀଳପଲ୍ଲୀ ମୌଜାରେ ୨୦୭ ଖାତା ୮୬୯ ଓ ୭୮୦ ପ୍ଲଟ୍ ଯାହାର କିସମ ଗୋଚର ତାହାକୁ ବେଆଇନ ଭାବେ ନିଲାମ ଦେଇଛନ୍ତି ତହସିଲଦାର। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହେବା ସହିତ କେଉଁ ସ୍ୱାର୍ଥ ଯୋଗୁ ତହସିଲଦାର ଏଭଳି କଲେ ରଣପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଖଣି ମାଫିଆଙ୍କୁ ସହଯୋଗ କରିବାକୁ ଯାଇ ଏଭଳି ବେଆଇନ କାର୍ଯ୍ୟ କରାଯାଇଛି। ଉକ୍ତ ବେଆଇନ ଖଣିରୁ ପଥର କଟାଯାଇ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟରେ ବ୍ୟବହାର ହୋଇଥିବା ଏବଂ ଏନେଇ ନୟାଗଡ ଦୁର୍ନୀତି ନିବାରଣ ବିଭାଗକୁ ଅବଗତ କରାଯାଇଥିବା ଜଣାପଡିଛି। କେବଳ ଏତିକି ନୁହେଁ ଏଭଳି ବେଆଇନ କାର୍ଯ୍ୟରେ ଜଡିତ ବ୍ୟକ୍ତିଙ୍କୁ ତହସିଲଦାର ଆଶ୍ୱାସନା ଦେଇଛନ୍ତି ଯେ, ତମେ ମାଡି ଚାଲ, ମୁଁ ବୁଝିବି। ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇ ତହସିଲଦାର କେଉଁ କ୍ଷମତା ବଳରେ ଏଭଳି କରିଛନ୍ତି ତାହା ଜଣା ପଡିନଥିଲେ ମଧ୍ୟ ଖଣି ଖୋଲିବାକୁ ରାଜ୍ୟ ପ୍ରଦୂଷଣ ବୋର୍ଡ କିଭଳି ଅନୁମତି ଦେଲା ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ଗୋଚର ଜମିରେ ପଥର ଉତ୍ତୋଳନ କରିବା ନିମନ୍ତେ ରଣପୁର ତହସିଲଦାର ତା୧୧.୦୨.୨୦୧୫ରିଖ ପତ୍ରସଂଖ୍ୟା ୩୭୮ରେ ବିଜ୍ଞାପନ ପ୍ରକାଶ କରିଥିଲେ ଏବଂ ପରେ ଉକ୍ତ ବିଜ୍ଞାପନ ଅନୁସାରେ ଉପଯୁକ୍ତ ରାଶି ପ୍ରଦାନକାରୀ ବ୍ୟକ୍ତିମାନଙ୍କୁ ଖଣି ଉତ୍ତୋଳନ କରିବା ପାଇଁ ଅନୁମତି ପତ୍ର ପ୍ରଦାନ କରିଥିଲେ। ଅନୁମତି ପାଇଲାପାରେ ଖଣି କାର୍ଯ୍ୟ ଆରମ୍ଭ ହେଲା। ପଥର ଉତ୍ତୋଳନ କରିବା ପାଇଁ ଡ଼ାଇନା ମାଇଟ୍ ମାଧ୍ୟମରେ ବିସ୍ଫୋରଣ କରୁଥିଲେ। ଫଳରେ ଗୋଚର ଜାଗାର ଚଳୁଥିବା ପଶୁମାନେ ଯଥା ଗାଈ ମଇଁଷି ଓ ଛେଳି ଇତ୍ୟାଦି ପଶୁମାନେ ଭୟଭୀତ ହୋଇ ଚରଣ ଭୂମି ଛଡ଼ି ପଳାଉଥିଲେ। ଏବଂ ପାଖରେ ଥିବା କୋଠାଘର ଯାହାକି ବିଜୁପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ହିତାଧିକାରୀଙ୍କର ଘରର କାନ୍ଥ ଫାଟି ଆଁ କରିଅଛି। ଦେଲ ଯାହା ନେଲ ତାହା ନ୍ୟାୟରେ ଗ୍ରାମବାସୀ ମାନଙ୍କର କାନ୍ଥଫାଟି ଆଁ କରିବା ସହ ଘର ଗୁଡ଼ିକ ଭାଙ୍ଗିଯିବାର ସମ୍ଭାବନା ସହ ଧନ ଜୀବନ ହାନି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଉପରୋକ୍ତ ଘଟଣା ବିଷୟରେ ଗ୍ରାମବାସୀ ତଥା ଆଖପାଖରେ ଥିବା କୁଳାସର ଓ ଦେଉଳି ପଞ୍ଚାୟତ ବାସୀମାନେ ଉପଲବଧି କରି ଖଣିରୁ ପଥର ଉତ୍ତୋଳନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ବାରମ୍ବାର ଲିଖିତ ଭାବରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନପାରି ଗ୍ରାମବାସୀମାନେ। ଗୋ ଆଦି ପଶୁମାନଙ୍କୁ ଚରାଇବା ନିମନ୍ତେ ଗୋଚରର ଅଭାବ ଅନୁଭବ କରୁଅଛନ୍ତି। ପ୍ରକାଶ ଥାଉକି ବର୍ତ୍ତମାନର ତହସିଲଦାର ସାମୟିକ ଭାବେ ଉକ୍ତ ଖଣିର ନିଲାମି ବନ୍ଦ ରଖିଥିଲେ ମଧ୍ୟ ଅନଧିକାର ଭାବରେ ପ୍ରତିଦିନ ଡ଼ାଇନାମାଇଟ୍ ସାହାଯ୍ୟରେ ବ୍ଲାଷ୍ଟିଙ୍ଗକରି ପଥର ଉତ୍ତୋଳନ କାର୍ଯ୍ୟ ଜାରିରହିଛି। ଆହୁରି ଆଶ୍ଚର୍ଯ୍ୟର କଥା ବେଆଇନ ଭାବେ ଉତ୍ତୋଳିତ ପଥରକୁ ଗ୍ରାମ ଉନ୍ନୟନ ବିଭାଗ ନୟାଗଡ଼ ସେହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯେଜାନାରେ ହେଉଥିବା ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। କୁଳାସର ଗ୍ରାମର ଚଣ୍ଡୀ ପୋଖରୀଠାରୁ ନୀଳପଲ୍ଲୀ ଗ୍ରାମ ଦେଇ ଖଇର ପଲ୍ଲୀ ରୋଡ଼ ପର୍ଯ୍ୟନ୍ତ ୧ କି.ମି. ୮୫୦ମିଟର ଦୈର୍ଘ୍ୟର ଏକ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପ୍ୟାକେଜ୍ ନଂ-ଓଆର-୨୩-୨୬୨/ଏକ୍ସ୧୧୧ (ବ୍ୟାଚ୍-ଆଇଆଇ) ମାଧ୍ୟମରେ ୯୩,୪୩୦୦୦ ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାଟି ନିର୍ମାଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗ୍ରାମ ଉନ୍ନୟନ ବିଭାଗ ନୟାଗତ ଏବଂ



ପ୍ରଭାତ ଦଳସିଂହ ରାୟ ମଧ୍ୟରେ ୧୬/୧୧/୨୦୧୮ ମସିହାରେ ଚୁକ୍ତି ନାମା ସ୍ୱାକ୍ଷର ହୋଇଥିଲା। ସୂଚନା ଅଧିକାର ଆଇନ ମାଧ୍ୟମରେ ପ୍ରାପ୍ତ ତଥ୍ୟରେ ପ୍ରକାଶ ଉକ୍ତ କାର୍ଯ୍ୟଟି ୧୬/୧୧/୧୮ରେ ଆରମ୍ଭ ହୋଇ ୧୫/୭/୨୦୧୯ ମସିହାରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ବାସ୍ତବରେ ଏହାର ସତ୍ୟତା ନାହିଁ। କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ତଥ୍ୟକୁ ତାଙ୍କ ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହୁଛନ୍ତି କାର୍ଯ୍ୟ ୨୦୧୯ ମସିହାରେ ଏପ୍ରିଲ ମାସରେ ଆରମ୍ଭ ହୋଇଛି। ଏବଂ କାର୍ଯ୍ୟ ଜାରି ରହିଛି। ଏଠାରେ ପ୍ରକାଶ ଥାଉକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଠିକାଦାର ତୁଲାଇଥାନ୍ତେ। ଯଦି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କଥା ସତ୍ୟ ହୋଇଥାଏ ତେବେ ଠିକାଦାର ଉକ୍ତ ରାସ୍ତାର ରକ୍ଷଣା ବେକ୍ଷଣ ୨୦୧୪ ମସିହା ପର୍ଯ୍ୟନ୍ତ ହିଁ କରିବେ। କିନ୍ତୁ ସହାକରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କଥାକୁ ଧରିଲେ ଠିକାଦାର କେଉଁ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା କଥା ଏବେବି ପ୍ରଶ୍ନବାଚୀ ? ଅନ୍ୟ ପଟରେ ନୀଳ ପଲ୍ଲୀ ଗ୍ରାମର ତିନି ଚାରି ଜଣ ବ୍ୟକ୍ତି ଅଭିଯୋଗ କରିଛନ୍ତି ସେମାନଙ୍କର ବିନା ଅନୁମତିରେ ସେମାନଙ୍କ ବ୍ୟକ୍ତିଗତ ଜାଗାରେ ଥିବା ମୂଲ୍ୟବାନ ଗଛ କାଟି ରାସ୍ତା ନିର୍ମାଣ ଚାଲିଛି। ଯାହାକି ସେମାନଙ୍କର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଉକ୍ତ ବ୍ୟକ୍ତିମାନେ ନ୍ୟାୟ ପାଇବା ନିମନ୍ତେ ଅଦାଲତରେ ଶରଣାପନ୍ନ ହୋଇଛନ୍ତି। ଏବଂ ମକଦ୍ଦମା ଗୁଡ଼ିକ ଅଦାଲତରେ ବିଚାରଧୀନ ଥିଲେ ମଧ୍ୟ ଆଇନକୁ ଆଙ୍ଗୁଠି ଦେଖାଇ ରାସ୍ତା କାମ ବେଆଇନ୍ ଭାବରେ ଆଗେଇ ଚାଲିଛି। ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଅଭିଯୋଗ ପ୍ରତି କର୍ଣ୍ଣପାତ କରୁ ନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ତା ୧୭/୨/୨୦୨୧ରିଖରେ ଶିଶିର ଭୋଇ ନୟାଗଡ ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ପରିଦର୍ଶନରେ ଯାଇଥିଲେ। ତେବେ ଏଭଳି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ମାର୍ଚ୍ଚ, ୨୦୨୧

# ଆଜି ମଣିଷ ଅସହାୟ

ସମୟ ବଦଳିବା ସହିତ ଲୋକଚରିତ୍ର ଏଭଳି ଭାବେ ବଦଳି ଯାଉଛି ଯେ, ଜଣେ ଚାହିଁଲେ ବି ମାନସିକ ସୁଖ ଶାନ୍ତି ସହଜରେ ହାସଲ କାରିପାରିବନାହିଁ। କାରର ଏଭଳି ଘଟିବା ପଛରେ ଅନେକ ଗୁଡିଏ କାରଣ ରହିଛି। ପିଢ଼ି ପରେ ପିଢ଼ି ଆମେ ଯେଉଁ ଧାରାରେ ବଞ୍ଚି ଆସିଥିଲେ ସେଥିରେ ପ୍ରାୟତଃ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ଯୌଥ ପରିବାର କଥା ହେଉ କି ଚଳଣି, ବ୍ୟବହାର, ଆହାର, ମୈଥୁନ କେଉଁଥିରେ ଆମର ଆଉ ସଂଯମ ନଥିବା ସ୍ୱଷ୍ଟ ଜଣାପଡିଯାଉଛି। କୃଷି ଉପରେ ନିର୍ଭରଶୀଳ ଆମର ପରିବାର ଏବେ ଚାକିରି, ବ୍ୟବସାୟ ଉପରେ ଅଧିକ ନିର୍ଭରଶୀଳ। ଯେଉଁଥିପାଇଁ ଏତେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ସେଥିରେ କିଏ ମଲା କି ହଜିଲା ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ହୁଏତ କିଛି ଲୋକଙ୍କ ପାଇଁ ଗ୍ରହଣୀୟ ହୋଇନପାରେ। ଯାବତୀୟ ଅପକର୍ମ ଏବେ ଆଗକୁ ବଢ଼ିବାର ଧ୍ୱଜା ଉଡାଇ ଚାଲିଛି। ବସ୍ତୁବାଦର ମୋହ ସହ ମଣିଷ ଏଭଳି ଛନ୍ଦି ହୋଇଗଲାଣି ଯେ ଏଥିରୁ ନିସ୍ତାର ପାଇବାର ରାସ୍ତାରେ ପୁଳାପୁଳା କଣ୍ଟା। ଯେଉଁ କଣ୍ଟା ଆଡେଇ ଦେଇ ଜଣେ ନିରୀହ, ଭଦ୍ର, ସଂସ୍କାରୀ ବ୍ୟକ୍ତି ଆଗକୁ ବଢ଼ିବାକୁ ଚେଷ୍ଟା କରିବ, ତାହା ନିଷ୍ଫଳ ସଦୃଶ। କାରଣ ମଣିଷ ଏବେ ଏତେ ଲୋଭର ବଶବର୍ତ୍ତୀ ହୋଇଗଲାଣି ଯେ, ସେ ନିଜ ପରିବାର ଭିତରେ ବି ଶାନ୍ତି ପ୍ରତିଷ୍ଠା କରିବାକୁ ସହଜ ମଣୁନାହିଁ। ଏହାପଛରେ ମଧ୍ୟ ଆଧୁନିକ ପିଲାମାନଙ୍କ ଆଚାର, ବିଚାର ଓ ବ୍ୟବହାର ପ୍ରସଙ୍ଗ ଆସିପାରେ। ଏବେ ବର୍ତ୍ତମାନ ସମୟରେ ଉଚ୍ଚ ଶିକ୍ଷା ଲାଭ କରୁଥିବା ଓ କରିଥିବା କିଛି ପିଲାଙ୍କ ଉପରେ ଆଲୋଚନା କରିବା। ସବୁ ସମାନ ଉପାର୍ଜନ କରିପାରନ୍ତି ନାହିଁ, ହେଲେ ନିଜ ପିଲାଙ୍କୁ ଭଲ ମଣିଷ ଓ ଶିକ୍ଷିତ କରିବା ଲାଗି ମୁଣ୍ଡ ଝାଳ ତୁଣ୍ଡରେ ମାରି ବଞ୍ଚିଥିଲେ ବି ଭବିଷ୍ୟତକୁ ଦୃଷ୍ଟିରେ ରଖି ସବୁ ପ୍ରକାର କଷ୍ଟ ସହିବାକୁ ଏକପ୍ରକାର ବାଧ୍ୟ ବୋଲି କହିପାରିବା। ହେଲେ ପିଲାମାନେ ଶିକ୍ଷିତ ହେବା ପରେ ପରିବାର ଓ ପିତାମାତାଙ୍କ ବିଷୟରେ ନଭାବି କିମ୍ବା କିଛି ଉପାର୍ଜନ ନକରି ପରିବାର ଉପରେ ବୋଝ ଭଳି ଲଦି ହେବା ଅତ୍ୟନ୍ତ କଷ୍ଟଦାୟକ। କିଛି ପିଲା କେବଳ ନିଜର ସୌଖିନ ଜୀବନ, ମାତ୍ରାଧିକ ଖର୍ଚ୍ଚକୁ ଗୁରୁତ୍ୱ ଦେଇ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଯେଉଁଥିପାଇଁ ମା'ବାପାମାନେ ଦୁଃଖରେ ଭାଙ୍ଗିପଡିବା ସହ ପିଲାଙ୍କ ପାଇଁ ଆଣିଥିବା ଋଣ ସୁଝିବାକୁ ନେଇ ସମ୍ପୂର୍ଣ୍ଣ ଭାଙ୍ଗି ପଡୁଛନ୍ତି। ହେଲେ ଯେଉଁ ପିଲାଙ୍କ ପାଇଁ ପରିବାର ଆର୍ଥିକ ଦୁର୍ଗତି ଦେଇ ଗତି କରୁଛି, ସେମାନେ ଏହାକୁ ସ୍ୱୀକାର କରିବାକୁ ଆଦୌ ରାଜି ନୁହନ୍ତି। ବରଂ ନିଜ ବିଳାସମୟ ସମୟକୁ ନେଇ ଅଧିକରୁ ଅଧିକ ରଙ୍ଗୀନ ସ୍ୱପ୍ନ ଦେଖିବାରେ ବ୍ୟସ୍ତ। ଏହାରି ମଧ୍ୟରେ କେତେକ କୁସଙ୍ଗରେ ପଡି ନିଶାପାଣି ଖାଇ ସର୍ବଦା ଗଣ୍ଡଗୋଳ କରିବାର ପରିଣତି ଭୟାବହ ଆଡକୁ ଗତି କରିଥାଏ। ସ୍ୱପ୍ନ ଦେଖି ଏହାକୁ ସାକାର କରିବାର ଯେଉଁ ଉଦ୍ୟମ ଓ ନିଷ୍ଠା ରହିବା ଦରକାର ତାହା ପରିପ୍ରକାଶ ହେଉନାହିଁ। କିନ୍ତୁ ବାପା ମା'ଙ୍କ ଉପରେ ଚାପ ସୃଷ୍ଟି କରି ନିଜର କାର୍ଯ୍ୟ ହାସଲ କୌଶଳ ପ୍ରୟୋଗ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରୋଜଗାର କରିବାର ମାନସିକତା ହରାଇ କେତେକ କେବଳ ଅନ୍ୟ ଉପରେ ନିର୍ଭର କରିବା ଦ୍ୱାରା ପରିବାରର ଆର୍ଥିକ ମାନଦଣ୍ଡ ଅତ୍ୟନ୍ତ ଦୁର୍ବଳ ସ୍ଥିତିକୁ ଚାଲିଯାଉଛି। ଏତେସବୁ ସତ୍ତ୍ୱେ

ସମ୍ବାଦକୀଟ
ତାରକ ମହାନ୍ତି



ସମ୍ପୃକ୍ତ ଯୁବକ ମାନେ ଏଥିପ୍ରତି ତିଳେମାତ୍ରା ଭ୍ରୁକ୍ଷେପ କରୁନାହାନ୍ତି, ଏହା ବିଡମ୍ବନା ନୁହେଁ ତ ଆଉ କଣ! ଯେଉଁଠି କର୍ମ ବିପରୀତ ସେଭଳି ପରିସ୍ଥିତିରେ ଭାଗ୍ୟକୁ ଭରସା କରି ଜୀବନ ଜୀଇଁବାର ଯନ୍ତ୍ରଣା ଅନୁଭବ କରିଥିବା ପିତାମାତା ହିଁ ଜାଣିପାରିବେ। ଏପରିକି ସାମ୍ପ୍ରତିକ ସମୟର କିଛି ଯୁବକ ଭବିଷ୍ୟତ ଚିନ୍ତା ଅପେକ୍ଷା ବର୍ତ୍ତମାନକୁ ନେଇ ରଙ୍ଗୀନ ମିଜାଜ ଓ ଦୃଷ୍ଟିଭଙ୍ଗୀ ବିହୀନ ଜୀବନ ଜିଇବାକୁ ଶ୍ରେୟ ମଣୁଛନ୍ତି। ତାଙ୍କ ବିଚାରରେ ଯାହା ପୈତୃକ ସମ୍ପତ୍ତି ରହିଛି, ତାହାକୁ ବିକିଭାଙ୍ଗି ଚଳିଗଲେ ଭଲ। ଇୟେ କେଉଁ ପ୍ରକାର ମାନସିକତା ତାହାକୁ ବିଚାର କରିବା ନିତାନ୍ତ ଆବଶ୍ୟକ। କାରଣ କେତେବର୍ଷ ସେମାନଙ୍କ ଦୌରାତ୍ମ୍ୟ ସହି ସାମାଜିକ ପ୍ରତିଷ୍ଠା ବା ଲୋକଙ୍କ ଭଲ ପାଇବାକୁ ବଜାୟ ରଖିହେବ!

ଏଭଳି ଏକ ଆଶଙ୍କାକୁ ନେଇ ପରିବାର ଭିତରେ ଶାନ୍ତି ବଜାୟ ରଖିବା ମୋ ମତରେ ଆଦୌ ସମ୍ଭବପର ନୁହେଁ। କାରଣ ଶାରୀରିକ କଷ୍ଟରୁ ମୁକ୍ତି ପାଇବାର ଅନେକ ଫର୍ମୁଲା ରହିଥିଲା ବେଳେ ମାନସିକ ଯନ୍ତ୍ରଣା ଶରୀରକୁ ରୋଗାକ୍ରାନ୍ତ କରିଦିଏ। ଯନ୍ତ୍ରଣାର ସୀମା ନିର୍ଦ୍ଧାରିତ ନଥିବାରୁ ଏଭଳି ଦୁଃଖ କଷ୍ଟରେ ବଞ୍ଚିବା ମଧ୍ୟ ସନ୍ଦିହାନ। ନାଟକୀୟ ଭାବେ ବାହାରକୁ ମିଛ ହସ ଦେଖାଇ ଭିତରେ ଭିତରେ କଷ୍ଟ ସହିବା ସମଗ୍ର ଜୀବନ ସମ୍ଭବ ନୁହେଁ। ପଶ୍ଚାତାପ ଏଭଳି ଭୟାନକ ସ୍ୱରୂପ ଧାରଣ କରିଥାଏ ଯେ, ଯେଉଁଥିରୁ ଜଣେ ବ୍ୟକ୍ତି ମୁକୁଳିବାକୁ ଚାହିଁଲେ ବି ମୁକୁଳି ପାରେନା। କଷ୍ଟ ଦ୍ୱିଗୁଣିତ ହେଉଥାଏ ତ ଶରୀର ଏକପ୍ରକାର ନିସ୍ତେଜ ଆକାର ଧାରଣ କରିବା ପାଇଁ ବାଧ୍ୟ। କାହାକୁ କହି ହେଉନଥିବା ଯନ୍ତ୍ରଣା ହିଁ ଶରୀର ଦୁର୍ବଳ କରିଦେବା ସହିତ ମାନସିକ ଓ ଶାରୀରିକ ବ୍ୟାଧି ଗ୍ରାସ କରିଚାଲିଥାଏ। ଅନେକ ସମୟରେ ଦେଖିବାକୁ ମିଳେ ଯେ, ପରିବାର ବୋଝ ସମ୍ଭାଳି ନପାରି କିଛି ବ୍ୟକ୍ତି ଆତ୍ମହତ୍ୟା କରିଥାନ୍ତି। ହେଲେ ଏହି ଆତ୍ମହତ୍ୟା ପଛରେ କେଉଁ କାରଣ ନିହିତ ତାହା ଚର୍ଚ୍ଚା ହୋଇନଥାଏ। ବରଂ ଲୋକଟି ଆତ୍ମହତ୍ୟା କରି ପାପ ଅର୍ଜନ କଲା କିମ୍ବା ସବୁ ତ୍ରୁଟି ତିଆରି ନିକଟରେ ରହିଲା ବୋଲି କହିଥାନ୍ତି। ହେଲେ ଜୀବନରେ ଗୋଟିଏ ସମସ୍ୟାର ସମାଧାନ ନସରୁଣୁ ନୂଆ ସମସ୍ୟା ପାହାଡ ପରି ଉଭା ହେବାର ଦେଖିବାକୁ ମିଳେ। ଯେତେବଡ ଧୈର୍ଯ୍ୟବାନ ବ୍ୟକ୍ତି ହୋଇଥିଲେ ବି ଜଣେ ବ୍ୟକ୍ତି ପରିବାର ଭିତରେ ବାରମ୍ବାର ସମସ୍ୟା ଦେଖିଲେ ବା ଅନୁଭବ କଲେ ଭାଙ୍ଗିପଡିବା ସ୍ୱାଭାବିକ। କାରଣ ବାହ୍ୟ ଶତ୍ରୁଙ୍କ ଅପେକ୍ଷା ପରିବାର ସଦସ୍ୟ ଅଧିକ ମାନସିକ ଅଶାନ୍ତି ସୃଷ୍ଟି କରନ୍ତି। ଯାହାକୁ ସହଜରେ ହଜମ କରିହେଉନଥିଲା ବେଳେ ଅଯୋଗ୍ୟ ପିଲା ନିଜ ଦୋଷ ଢାଙ୍କିବାକୁ ଯାଇ ବାପା ମା'ଙ୍କ ଉପରେ ବାରମ୍ବାର ଦୋଷ ଲଦି ଚାଲନ୍ତି। ଫଳତଃ ଏହା ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥାଏ। ବେଳେ ବେଳେ ପରିସ୍ଥିତି ଏଭଳି ହୁଏ, ପରିବାରରେ ଚୁଲି ଜଳେନାହିଁ କିମ୍ବା କେହି ମୁଠେ ଶାନ୍ତିରେ ଖାଇପାରନ୍ତି ନାହିଁ। ରାଗ, ରୁଷା ଓ ଅଭିମାନ ସାମୟିକ ହେଲେ ଏହା ହୁଏତ ଗ୍ରହଣୀୟ ହୋଇପାରେ, ମାତ୍ର ନିୟମିତ ଏଭଳି ପ୍ରକ୍ରିୟା ଚାଲିବା ଦ୍ୱାରା ପରିବାର ରୁଗ୍ଣ ହୋଇପଡେ। ଗୋଟିଏ ଭଲ ପରିସ୍ଥିତି ଦେଇ ଗତି କରୁଥିବା ପରିବାର ନିକଟରେ ଯେତେବେଳେ ଏତେଗୁଡିଏ ସମସ୍ୟା ଜଣେ ସଦସ୍ୟଙ୍କ ଦ୍ୱାରା ସୃଷ୍ଟି ହୁଏ ବା ଜାଣିଶୁଣି ଏଭଳି ଘଟଣା ଘଟେ ସେଭଳି ସ୍ଥିତିରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ହିଁ ବିଚାର କରିବାର କଥା। ସାଧାରଣ ଅର୍ଥରେ ବୁଝିଲେ ଜଣକ ପାଇଁ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହେବା ନ୍ୟାୟୋଚିତ ନୁହେଁ। ତେଣୁ ଏହାକୁ ସଂସ୍କାର ଅଭାବ କୁହନ୍ତୁ କିମ୍ବା ବ୍ୟକ୍ତିର ଅପାରଗତା, ଯାହାବି ହେଉ ଏଭଳି କୁତ୍ସିତ ଭାବନାରେ ବଞ୍ଚୁଥିବା ମଣିଷମାନେ ଯେ ସମାଜ ପାଇଁ ଜଣେ ଜଣେ କଳଙ୍କିତ ବ୍ୟକ୍ତି ତାହା ବୁଝିବାକୁ ପଡିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଏହା ହେଉଛି ପ୍ରକୃତ ଖେଳ

।। ଅସିତ ମହାନ୍ତି ।।

କିଛିଦିନ ପୂର୍ବେ ସୁପ୍ରିମକୋର୍ଟରପ୍ରାକ୍ତନ ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ/ବର୍ତ୍ତମାନ ରାଜ୍ୟସଭା ସଦସ୍ୟ ରଞ୍ଜନ ଗୋଗୋଇ India Today Conclaveରେ ତାଙ୍କର କିଛି ମନର କଥା କହିଛନ୍ତି। ଏଥି ମଧ୍ୟରୁ ଗୋଟିଏ ଗୁରୁତ୍ୱ ପୂର୍ଣ କଥା କହିଲେ, ଏନ୍‌ଆରସି ହେଉଛି ରାଜନେତାଙ୍କ ଏକ ଖେଳ, କଂଗ୍ରେସ ସରକାର ହେଉ କି ବିଜେପି ସରକାର ହେଉ। ବେଆଇନ ଅନୁପ୍ରବେଶକାରୀଙ୍କୁ କୁହାଯିବ ଆମକୁ ଭୋଟ ଦିଅ, ଆମେ ତମକୁ ସୁରକ୍ଷା ଦେବୁ; ଅନ୍ୟ ରାଜନୈତିକ ଦଳ ଆସାମର ମୂଳ ବାସିନ୍ଦାଙ୍କୁ କହିବ ଅନୁପ୍ରବେଶକାରୀ ହେଉଛନ୍ତି ସବୁଠାରୁ ବଡ଼ ବିପଦ, ଆମେ ସେମାନଙ୍କୁ ବହିଷ୍କାର କରିବୁ ଆମକୁ ଭୋଟ ଦିଅ। ଏହା ହିଁ ପ୍ରକୃତ ଖେଳ। ଗୋଟିଏ ରାଜନୈତିକ ଦଳ ଭୋଟ ପାଇଁ ଅନୁପ୍ରବେଶ କାରୀଙ୍କୁ ସୁରକ୍ଷା କଥା କହିବ, ଅନ୍ୟ ଦଳ ଭୋଟ ପାଇଁ ସେମାନଙ୍କୁ ବହିଷ୍କାର କଥା କହିବ। ୫୦ ବର୍ଷହେଲା ଏଇ ଖେଳ ହିଁ ଚାଲିଛି।

ଆସାମ ଏନ୍‌ଆର୍‌ସି ଆନ୍ଦୋଳନର ବଡ଼ ମୁଖିଆଙ୍କ ଏକ ବଡ଼ ବୟାନ - ଆମେ ବହୁତ ଭୁଲ କରି ବସିଲୁ, ଆମର ହୋସ ଥିଲା, କିନ୍ତୁ ଜୋଶ ନଥିଲା। ସର୍ ପ୍ରଥମେ ଯିଏ ଏନ୍‌ଆରସି ପାଇଁ ଲଢ଼ିଥିଲେ , ଯେଉଁ ଲୋକଟି ଆସାମରୁ ବଙ୍ଗଳା ଦେଶୀ ଅନୁପ୍ରବେଶକାରୀଙ୍କୁ ହଟେଇବା ପାଇଁ ନିଜର ପୂରା ଯୌବନକୁ ଅନୁପ୍ରବେଶକାରୀ ହଟାଅ ମୁହିମରେ ବିତେଇ ଦେଇଥିଲେ ସେ ହେଉଛନ୍ତି ମୃଣାଳ ତାଲୁକଦାର, ଆସାମର ଜଣାଶୁଣା ପତ୍ରକାର। ନିକଟରେ ତାଙ୍କର ପୁସ୍ତକ Post-Colonial Assam(ବହିଟି ଅମାଜନରେ ଉପଲବ୍ଧ)କୁ ବିଦାୟୀ ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧୀଶ ରଞ୍ଜନ ଗୋଗେଇ କିଛି ସପ୍ତାହ ତଳେ ଦିଲ୍ଲୀରେ ବିମୋଚନ କରିଥିଲେଫ ତାଙ୍କର ଦ୍ୱିତୀୟ ପୁସ୍ତକ "ଏନ ଆର ସି କା ଖେଲ" ଖୁବ୍‌ଶୀଘ୍ର ପ୍ରକାଶ ହୋଇପାରେ। ଶେଷରେ ସେହି ବ୍ୟକ୍ତି ନିରାଶ ହୋଇ କହୁଛନ୍ତି, ଆମେ ଏକ ପାଗଳାମୀରେ ମାତି ଜୀବନକୁ ବରବାଦ କରିଦେଲୁ ।

ଶ୍ରୀଯୁକ୍ତ ତାଲୁକଦାର ଏନଆରସି ମାମଲାରେ କେନ୍ଦ୍ର ସରକାର ଙ୍କ ପରାମର୍ଶ ଦାତା କମିଟିରେ ବି ସଦସ୍ୟ ଥିଲେ। ସେ ଆସାମ Students Union ବା ଆଶୁରେ ବି ସାମିଲ ଥିଲେ। ତାଙ୍କ ଅନୁସାରେ ମୋ ଭଳି ହଜାର ହଜାର ଯୁବକଙ୍କ ପୂରା ଯୁବାବସ୍ଥା ଆସାମରୁ ଅନୁ ପ୍ରବେଶକାରୀଙ୍କ ବିତାଡ଼ନ ଆନ୍ଦୋଳନରେ ମିଶି ଯାଇଥିଲା। ଆମ ଭିତରେ ଜୋଶ ଥିଲା, କିନ୍ତୁ ହୋସ ନଥିଲା। ଆମକୁ ଜଣା ନଥିଲା ଆମେ ଯେଉଁମାନେ ଆସାମରୁ ଅନୁ ପ୍ରବେଶକାରୀଙ୍କୁ ବିତାଡିତ କରିବାକୁ ଚାହୁଁଛୁ, ସେମାନଙ୍କୁ କେମିତି ଚିହ୍ନଟ କରିବୁ? ଏବଂ ଚିହ୍ନଟ ପରେ ଏମାନଙ୍କୁ ବିତାଡ଼ନ ପ୍ରକ୍ରିୟା କଣ ହେବ?

୧୯୭୯ରେ ଆମର ଆନ୍ଦୋଳନ ଆରମ୍ଭ ହେଲା। ୧୯୮୫ରେ ଆମେ ଆସାମରେ ସରକାରକୁ ଆସିଗଲୁ। ପ୍ରଫୁଲ୍ଲ ମହନ୍ତ ହଷ୍ଟେଲରେ ରହୁଥିଲେ। ହଷ୍ଟେଲରୁ ସିଧା ମୁଖ୍ୟମନ୍ତ୍ରୀ ନିବାସରେ ପହଁଚିଲେ। ୫ ବର୍ଷ କେମିତି ବିତିଗଲା ଆମକୁ ପତ୍ତା ହେଲାନି। ସେତେବେଳେ ରାଜୀବ ଗାନ୍ଧୀ ଠିକ କଲେ, ଆମକୁ ନିର୍ବାଚନରେ ସାମିଲ ହେବାକୁ ଆହ୍ୱାନ ଦେଇ ଆମ ହାତରେ କ୍ଷମତା ଦିଆଇ ଦେଲେ। କ୍ଷମତାକୁ ଆସିବା ପରେ ଆମକୁ ହୃଦୟବୋଧ ହେଲା ସରକାରଙ୍କ କାର୍ଯ୍ୟ ଓ ବାଧ ବାଧକତା ସବୁ କଣ କଣ ରହିଛି। ପରବର୍ତ୍ତୀ ନିର୍ବାଚନରେ ଆମେ ହାରିଗଲୁ ଓ ପୁଣି କ୍ଷମତାକୁ ଆସିଲୁ। ଏହି ଦ୍ୱିତୀୟ ପାଳି ସରକାର ବେଳେ ବି ଆମେ ବୁଝି ପାରିଲୁ ନାହିଁ, ବଙ୍ଗଳା ଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା କଣ? ଲୋକେ ଆମ ଉପରେ ଓ ଆମେ ନିଜ ନିଜ ଉପରେ ନିରାଶ ହେଲୁ। ତଥାପି ଅନୁପ୍ରବେଶ କାରୀ ବିତାଡ଼ନ ଆହ୍ୱାନ ଜାରୀ ରହିଥିଲା। ବହୁତ ଟନାଘନା, ଆଲୋଚନା ପରେ ସେତେବେଳେ ଭାରତ ସରକାରଙ୍କ ଘରୋଇ ସଚିବ ଶ୍ରୀ ଗୋପାଳ କୃଷ୍ଣ ପିଲ୍ଲାଇ ଆମକୁ ଏକ ବାଟ ବତେଇଲେ। ସେ ସମସ୍ତଙ୍କ ନାଗରିକତା ଯାଞ୍ଚ ବୁଦ୍ଧି ଦେଲେ, ଏପରି କି ନିଜ ନିଜର ନାଗରିକତା ଯାଞ୍ଚ ମଧ୍ୟ। ଏହି ଯାଞ୍ଚରେ ଯିଏ ବଳିଲା ସିଏ ବିଦେଶୀ। ଆମେ ମାତିଗଲୁ। ତଥାପି ସେତେବେଳେ ଆମକୁ ଜଣାନଥିଲା, ଆସାମର ପ୍ରାୟ ତିନି କୋଟି ଲୋକଙ୍କ କାଗଜପତ୍ର ଯୋଗାଡ଼ରେ ଲୋକେ ଯେ ଚାରିଆଡ଼େ ଘୁରି ବୁଲିବେ ଓ ହଇରାଣ ହେବେ, ଏହାର ସ୍ଥିତି କଣ ହେବ?

ଏହି ସମୟରେ ଆମକୁ ରଞ୍ଜନ ଗୋଗେଇ ଆଇନ ସହାୟତା ଦେଲେ ଏବଂ ଏହି କାର୍ଯ୍ୟରେ ରୁଚି ରଖିଲେ। ଏଥିରେ ଆସାମର ଜଣେ ବ୍ୟକ୍ତି ପ୍ରଦୀପ ଭୂୟାଁ ପ୍ରମୁଖ ଭୂମିକା ଗ୍ରହଣ କଲେ। ସେ ଏକ ସ୍କୁଲର ପ୍ରିନ୍ସପାଲ ଥିଲେ। ସେ ନିଜେ ସୁପ୍ରିମକୋର୍ଟରେ ପିଟିସନ ଦାଏର କଲେ ଓ ନିଜ ପକେଟରୁ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କଲେ। ଏହି ଆବେଦନ ଶୁଣାଣି କରି ଆସାମରେ ଏନ୍‌ଆରସି ଆଦେଶ ଦେଲେ। ଅନ୍ୟ ଜଣେ ବ୍ୟକ୍ତି ଅଭିଜିତ ଶର୍ମା ଏନ୍‌ଆରସି ଡ୍ରାଫ୍ଟକୁ ଜାରୀ କରିବାରେ ପୂରା କସରତ କଲେ।

ଏନ୍‌ଆରସି ନିର୍ଦ୍ଦେଶ ଆସିବା ପରେ ଆମ ମୁଣ୍ଡରେ ପଶିଲା, ଏହା ଆମେ କଣ କଲୁ। ଦେଖାଗଲା ଆମ ପରିବାର ଲୋକଙ୍କ ନା ବି ଭୁଲ ହୋଇଗଲା। ଭାବିଲୁ, ଏହା କେମିତିକା କଥା, ଆମେ ସିନା ଅନୁପ୍ରବେଶ କାରୀଙ୍କୁ ଚିହ୍ନଟ କରିବାକୁ ଚିନ୍ତା କରିଥିଲୁ, ହେଲେ ଆମର ନିଜ ଲୋକ ବି ଏନ୍‌ଆରସି ତାଲିକାରୁ ବାଦ ପଡିଗଲେ?

ଲକ୍ଷ ଲକ୍ଷ ଆସାମ ବାସୀ, ନିଜର ଜଣାଶୁଣା ଲୋକଙ୍କ ନାଁ ବି ତାଲିକାରେ ନଥିଲା। ପୁଣି ଏହାକୁ ସଂଶୋଧନ କରାଗଲା। ୪୨ ହଜାର କର୍ମଚାରୀ ୪ ବର୍ଷ କାଳ କୋଟି କୋଟି ସଂଖ୍ୟାରେ କାଗଜ ପତ୍ର ଖେଳେଇଲେ। ଆସାମ ଯେମିତି ପାଗଳ ପ୍ରାୟ ହୋଇଗଲା। ଗୋଟିଏ ଗୋଟିଏ କାଗଜ ଯୋଗାଡ଼ ପାଇଁ ଲୋକେ ଏ ରାଜ୍ୟରୁ ସେ ରାଜ୍ୟ, ଏଇ ଜିଲ୍ଲାରୁ ସେଇ ଜିଲ୍ଲା ଦୌଡ଼ିଲେ। ହଜାର ହଜାର ଟଙ୍କା ବ୍ୟୟ କଲେ। କାହାର ଜେଜେ ୧୯୭୧ ପୂର୍ବରୁ ରାଜସ୍ଥାନରେ ଥିଲେ, ନାତି ଦୌଡ଼ିଲା ଜେଜେଙ୍କ ସ୍କୁଲ ସାର୍ଟିଫିକେଟ ଯୋଗାଡ଼ ପାଇଁ। ଅନେକ ଲୋକ ମାନସିକ ଚାପରେ ଆତ୍ମହତ୍ୟା କଲେ, ଅନେକ ହାର୍ଟ ଆଟାକ ହୋଇ ପୁଣି ଅନ୍ୟ ବେମାରିରେ ପୀଡିତ ହେଲେ। ନିଜ ଲୋକଙ୍କୁ ଆମେ କେତେ କଲବଲ କଲୁ, ବର୍ଣ୍ଣନା କରି ହେବ ନାହିଁ। କିନ୍ତୁ ଶେଷରେ କଣ ହାସଲ ହେଲା? ପ୍ରଥମେ ୪୦ ଲକ୍ଷ ବିଦେଶୀ ଚିହ୍ନଟ ହେଲେ, ପରେ ତାହା ୧୯ ଲକ୍ଷକୁ ଖସିଲା। ଧରି ନିଆଯାଉ ଆହୁରି ସଂଶୋଧନ ହୋଇ ୫ ଲକ୍ଷକୁ ଖସିବ। ଆମେ ଏମାନଙ୍କୁ ନେଇ କଣ କରିବୁ? ପ୍ରଥମେ ଆମେ ଏତେ କଥା ଭାବି ନଥିଲୁ। ଆମକୁ ପ୍ରଥମେ ଏହାର ମାନବିକ ଦିଗ ପ୍ରତି ଧାରଣା ନଥିଲା। ଏବେ ଭାବୁଛି , ନା ଆମେ ଲୋକଙ୍କୁ ବଙ୍ଗଳା ଦେଶକୁ ପଠେଇ ପାରିବୁ, ନା ଜେଲରେ ରଖି ପାରିବୁ , ନା ବ୍ରହ୍ମପୁତ୍ରରେ ଫିଙ୍ଗି ପାରିବୁ। ଏବଂ ଶେଷକୁ ହୁଏତ ନିର୍ଣ୍ଣୟ ବାହାରିବ ଏମାନଙ୍କୁ ୱାର୍କ ପରମିଟ ଦିଆ ଯାଉ ଓ ଏନ୍‌ଆରସିକୁ ଅଳିଆ ଗଦାକୁ ଫୋପାଡ଼ି ଦିଆଯାଉ। ଏହି ପ୍ରକ୍ରିୟା ପାଇଁ କେବଳ ସରକାରୀ ରାଜକୋଷର ୧୬ ଶହ କୋଟି ବ୍ୟୟ ହୋଇଛି, ଆସାମର ୩ କୋଟି ଲୋକଙ୍କ ବର୍ଷ ବର୍ଷର ବ୍ୟକ୍ତିଗତ ବ୍ୟୟ ହିସାବ କରିବା ମୁସ୍କିଲ। ଏବେ କେନ୍ଦ୍ର ସରକାର ସାରା ଦେଶରେ ୧୩୫କୋଟିଙ୍କ ପାଇଁ ଏହି ପ୍ରକ୍ରିୟା କରିବାକୁ ଯାଉଛନ୍ତି।

*ସ୍ୱଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗ ଓ ସରକାର

।। ପଙ୍କଜ କୁମାର ପାଣିଗ୍ରାହୀ ।।

କିଛି ଅନୁଭୂତି, ଚର୍ଚ୍ଚା, ଆଖିଦେଖା ସତ୍ୟତାର ପ୍ରତିବିମ୍ବ

ଗଞ୍ଜାମ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଭୂତ, ବର୍ତ୍ତମାନ, ଭବିଷ୍ୟତ !

ଗଞ୍ଜାମ ରାଜ୍ୟର ଗୋଟିଏ ବହୁ ଚର୍ଚ୍ଚିତ ପ୍ରଖ୍ୟାତ ଜିଲ୍ଲା ଭାବେ ଖୁବ୍ ପରିଚିତ । ଏହି ଜିଲ୍ଲାର ଜନସଂଖ୍ୟା, ଆୟତନ, ପ୍ରାଚୁର୍ଯ୍ୟ, ଐତିହ୍ୟ, ତଥା ଅନେକ ଉଚ୍ଚକୋଟୀର ଜ୍ଞାନୀ, ଗୁଣି ଲୋକଙ୍କ ଜନ୍ମସ୍ଥାନ ଭାବେ ରାଜ୍ୟରେ ଗୋଟିଏ ଆଖିଦୃଷ୍ଟିଆ ସ୍ଥାନ ଅଧିଗ୍ରହଣ କରିଥିବା ସମସ୍ତଙ୍କୁ ଜଣା । ଏହି ଜିଲ୍ଲାର ଅନେକ ଜ୍ଞାନୀଗୁଣୀ ଲୋକ ରାଜ୍ୟ, ଦେଶ ତଥା ବିଦେଶରେ ବିଶେଷ ସୁଖ୍ୟାତି ଅର୍ଜନ କରିଥିବାବେଳେ ରାଜ୍ୟର ଶାସନ ଭାର ତୁଲାଇବାରେ ପ୍ରାୟତଃ ଗଞ୍ଜାମର ନାମ ଶୀର୍ଷରେ । ହେଲେ ଯେଉଁ ସବୁ ପ୍ରତିଭାବାନ ମଣିଷ ଏହି ଜିଲ୍ଲାରୁ ବାହାରିଛନ୍ତି ସେମାନେ କେବଳ ନିଜସ୍ୱ ପ୍ରଚେଷ୍ଟାରୁ ହୋଇଥିବା ଖୁବ୍ ଅନୁମେୟ । କାରଣ ଏହି ଜିଲ୍ଲାର ଶିକ୍ଷା ବିଭାଗ ପ୍ରତି ଆଖିଦୃଷ୍ଟିଆ ଆଗ୍ରହ ରାଜ୍ୟ ଶିକ୍ଷା ବିଭାଗର ନଥିବା ଅନୁମାନ ନୁହେଁ ବରଂ ସତ୍ୟ । ଆଜିକୁ ଅନ୍ୟୁନ ୩୦ ବର୍ଷ ପୂର୍ବରୁ ଅଦ୍ୟାବଧି ଏହି ଜିଲ୍ଲାର ଶିକ୍ଷକ ସମାଜ ଏବଂ ଜିଲ୍ଲା ଶିକ୍ଷା ବିଭାଗକୁ ତର୍ଜମା କଲେ ଜାଣିହେବ ଯେ.....

କୌଣସି ବିଭାଗର ମୁଖ୍ୟଙ୍କ କାର୍ଯ୍ୟକଳାପର ନିର୍ମଳ ପ୍ରତିବିମ୍ବରେ ହିଁ ସମ୍ପୃକ୍ତ ବିଭାଗୀୟ ଉନ୍ନତି ହେବା ନିର୍ଭର କରେ, କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ଯେକୌଣସି ସଂସ୍ଥାନ ହେଉକି ସରକାରୀ କଳର ଉତ୍ତରୋତ୍ତର ଉନ୍ନତି କେବଳ ସମ୍ପୃକ୍ତ ମଖିଆ, ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟକଳାପ ଜନିତ ହେଉଥିବା ସର୍ବାଦୌ ଗ୍ରହଣୀୟ । ସମ୍ପୃକ୍ତ ମୁଖ୍ୟ ଅଧିକାରୀଙ୍କ ବ୍ୟକ୍ତିଗତ ଚରିତ୍ର, ଭାବଧାରା ତଥା କାର୍ଯ୍ୟଶୈଳୀ ଉପରେ ନିର୍ଭର କରିଥାଏ ବିଭାଗୀୟ ଭଲ, ମନ୍ଦର ସମସ୍ତ ହିସାବ । ଚରିତ୍ରବାନ ମଣିଷଟିଏ କୌଣସି ବିଭାଗୀୟ ଅଧିକାରୀ ଭାବେ ନିଯୋଜିତ ହେଲେ ସମାଜର ମଙ୍ଗଳ ହୋଇଥାଏ ତଥା ପାରିପାର୍ଶ୍ୱିକ ପରିବେଶ ଉଲ୍ଲସିତ ହେବା ଅତ୍ୟନ୍ତ ସତ୍ୟ । କିନ୍ତୁ ଅମାନବୀୟ ଚରିତ୍ର, ଚେହେରାଟିଏ କୌଣସି ବିଭାଗର ମୁଖ୍ୟ ଭାବେ ନିଯୋଜିତ ଥାଇ ସମ୍ପୃକ୍ତ ବିଭାଗ ତଥା ସାଧାରଣ ମଣିଷ ସମାଜକୁ ନିମ୍ନଗାମୀ କରୁଥିବା ସମସ୍ତଙ୍କ ଦ୍ୱାରା ସ୍ୱୀକାର୍ଯ୍ୟ । ଅନୁରୂପ ଗଞ୍ଜାମ ଜିଲ୍ଲାର ଶିକ୍ଷା ବିଭାଗ ଉପରେ ଗୋଟିଏ ନଜର ପକାଇ ସମ୍ପୃକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାନଙ୍କ କାର୍ଯ୍ୟକଳାପ ଗୁଡିକୁ ତର୍ଜମା କରାଯାଇ ଉପସ୍ଥାପିତ ଆଲେକ୍ଷଟି ସର୍ବସାଧାରଣଙ୍କ ଗୋଚରାର୍ଥେ ଉପସ୍ଥାପନ କରାଗଲା ।

ପୂର୍ବରୁ ଅନେକ ଜିଲ୍ଲା ଶିକ୍ଷାଧିକାରୀ ଏହି ଜିଲ୍ଲାରେ ଅବସ୍ଥାପିତ ହୋଇ କାର୍ଯ୍ୟ ନିର୍ବାହ କରିଛନ୍ତି ଯେଉଁମାନଙ୍କ ମଧ୍ୟରୁ କେତେକଙ୍କ ସମୟରେ ଶିକ୍ଷକ ମାନଙ୍କ ଦ୍ୱାରା ସେମାନଙ୍କ ପ୍ରତି ଏତେ ବୈମାତୃକ ଭାବ ପ୍ରଦର୍ଶନ କରାଯାଇଥିଲାଯେ ସ୍ଥଳ ବିଶେଷରେ ସେମାନଙ୍କ କୁଶପୁତଳିକା ଦାହ କରାଯିବା ସହିତ ସେମାନଙ୍କୁ ତୁରନ୍ତ ବଦଳୀ କରାଯିବା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବୀ ଉପସ୍ଥାପନ କରାଯାଇଥିଲା! ତଥାପି ସରକାରୀ ଶାସନ କଳର କୌଣସି କ୍ଷିପ୍ର ପ୍ରତିକ୍ରୀୟା ଦେଖାନଯିବା ହେତୁ ବିଭିନ୍ନ ସମୟରେ ଅନଶନ, ପ୍ରତିବାଦ ଆଦି କରାଯାଉଥିଲା । କେତେକ କେଳେଙ୍କାରୀ ଶିକ୍ଷାଧିକାରୀ ସେମାନଙ୍କ ନିଜସ୍ୱ ସ୍ୱାର୍ଥ ପାଇଁ ସମଗ୍ର ଶିକ୍ଷକ ସମାଜକୁ ତଳିତଳାନ୍ତ କରିଥିବା ଏବଂ ଶିକ୍ଷକ ମାନଙ୍କ ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ମଧ୍ୟ ଖୁବ ଚର୍ଚ୍ଚା ହୁଏ ଶିକ୍ଷକ ସମାଜରେ! ଏମିତି ମଧ୍ୟ ଦେଖିବାକୁ ମିଳୁଥିଲା ଯେ କେତେକ ଶିକ୍ଷାଧିକାରୀ ନିଜସ୍ୱ ସ୍ୱାର୍ଥ ତଥା ଦକ୍ଷତା ପ୍ରତିପାଦନ କରିବାକୁ ଚେଷ୍ଟାକରି ସମଗ୍ର ଶିକ୍ଷକ ସମାଜ ତଥା କର୍ମଚାରୀଙ୍କ ଦ୍ୱାରା ଦୃଢ଼ ପ୍ରତିବାଦର ସମ୍ମୁଖୀନ ହୋଇଥିବା ବେଳେ ସେମାନଙ୍କ ଆନ୍ତରିକ ଘୃଣାର ପାତ୍ର ହୋଇଥିଲେ ମଧ୍ୟ ଆର୍ଥିକ ଏବଂ ରାଜନୈତିକ ଚାପ ପ୍ରୟୋଗ କରି ଅନେକ ଦିନ ଧରି ନିଜର କୁଶାସନ ଚଳାଇ ଆସୁଥିଲେ! ସେଥିରେ ଶିକ୍ଷକ ସମାଜ କ୍ଷୁବ୍ଧ ତଥା ପ୍ରତାରିତ ହୋଇ ସେମାନଙ୍କ ମାନସିକ ସନ୍ତୁଳନ ହରାଉଥିବା ବେଳେ ଶିକ୍ଷାଦାନ ପ୍ରଣାଳୀରେ ବ୍ୟାପକ ବାଧା ସୃଷ୍ଟି ହେଉଥିବା ପ୍ରକାଶ କରନ୍ତି ଅନେକ ଶିକ୍ଷକ । ଏମିତିକି ବିଭିନ୍ନ ସମୟରେ ରାଜ୍ୟ ଉଚ୍ଚାଧିକାରୀଙ୍କ ପାଖରେ ସେମାନଙ୍କ କୁକର୍ମ ଜନିତ ଅଭିଯୋଗ ସାଙ୍ଗକୁ ରାସ୍ତାରେ ଶୋଭାଯାତ୍ରା କରାଯାଇ ଅଭିଯୋଗ ପତ୍ର ଦାଖଲ କରାଯାଇଥିବା ବିଷୟ ମଧ୍ୟ ଅନେକ ଖବର କାଗଜରେ ଦେଖିବାକୁ ମିଳୁଥିଲା । କିନ୍ତୁ ସମ୍ପୃକ୍ତ ଅଧିକାରୀ ସେଇଥିରେ ଲଜ୍ଜା ଅନୁଭବ କରି ନିଜକୁ ସୁଧାରିବା ବିପରୀତେ ନିରୀହ ଶିକ୍ଷକ ମାନଙ୍କୁ ବ୍ୟାପକ ଅମାନୁଷିକ ବ୍ୟବହାର, ତଥା ଅଯୌକ୍ତିକ ବିଚାର କରି ଦଣ୍ଡିତ କରିଥିବା ପ୍ରକାଶ କରନ୍ତି ଅନେକ ଶିକ୍ଷକ । ପ୍ରକାଶ ଥାଉକି ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ତଥା ସର୍ବାଦୌ ଶିକ୍ଷାଧିକାରୀ ଯଦି ମାନବିକ ଚରିତ୍ର ପ୍ରବାହ କରିବା ବିପରୀତେ ହିଟଲର ଭଳି ମନମୁଖୀ କାର୍ଯ୍ୟ କରିବେ ତାହେଲେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେବା ନିଶ୍ଚିତ, ଯାହା ଘଟିଥିବା ମଧ୍ୟ ଅନେକ ପ୍ରାଞ୍ଜଳ ଉଦାହରଣ ଦେଖିବାକୁ ମିଳୁଥିଲା। କେତେକ କ୍ଷୀଣ ମାନସିକତା ପ୍ରବଣ ଶିକ୍ଷାଧିକାରୀଙ୍କ କ୍ଷେତ୍ରରେ ଏହିଭଳି ଘଟଣା ଘଟୁଥିବା ବେଳେ ଅନେକ ଉତ୍ତମ ଚରିତ୍ରବାନ ଶିକ୍ଷାଧିକାରୀ ମଧ୍ୟ ଏହି ଜିଲ୍ଲାରେ ନିଯୋଜିତ ହୋଇ କାର୍ଯ୍ୟ କରିଯାଇଛନ୍ତି ଯେଉଁମାନଙ୍କୁ ଆଜିପର୍ଯ୍ୟନ୍ତ ଶିକ୍ଷକ ସମାଜ ଭୁଲିପାରୁନାହାନ୍ତି । ସେମାନଙ୍କ ମାନବୀୟ ଭାବଧାରା ସମଗ୍ର ଶିକ୍ଷକ ସମାଜ ତଥା କର୍ମଚାରୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିଛି ଯାହା ସମୟ ସମୟରେ ଆଲୋଚନରେ ପ୍ରସ୍ଫୁଟିତ ହୁଏ ସେମାନଙ୍କ ଚରିତ୍ର । ସେଥିମଧ୍ୟରୁ ପୂର୍ବତନ ଶିକ୍ଷାଧିକାରୀ ଶ୍ରୀ ତ୍ରିନାଥ ଚୌଧୁରୀ, ଶ୍ରୀ ଶିବରାମ ରଥଙ୍କ ଭଳି ଅତିଉତ୍ତମ ଚରିତ୍ରର ଚେହେରା ପଦାକୁ ଆସୁଥିବା ବେଳେ ଶ୍ରୀ ନିମାଇଁ ଚରଣ ସ୍ୱାଇଁଙ୍କ ଭଳି ଶାନ୍ତ ଶୀତଳ ଚେହେରା ଅନ୍ୟତମ । ଏମିତି ମଧ୍ୟ ଶ୍ରୀ ସଂଜୀବ କୁମାର ସିଂ, ଶ୍ରୀ ସୁଧାନନ୍ଦ ପରିଡା ଇତ୍ୟାଦି କେତେକଙ୍କ ନାମ ନିରପେକ୍ଷ ଭାବେ ଶିକ୍ଷକ ମହଲରେ ଖୁବ ଚର୍ଚ୍ଚିତ । ହାତଗଣତି କେତେକ କେଳେଙ୍କାରୀ ଶିକ୍ଷାଧିକାରୀଙ୍କ ସମୟରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷକ, କର୍ମଚାରୀଙ୍କ ଅସନ୍ତୋଷ ଦେଖିବାକୁ ମିଳୁଥିଲା ଯାହା ଅବର୍ଣ୍ଣନୀୟ! ସେମାନଙ୍କ ସମୟରେ ବିଭାଗୀୟ ଅନିୟମିତତା ସାଙ୍ଗକୁ ବିଭାଗୀୟ କର୍ମଚାରୀଙ୍କୁ ପ୍ରତାରିତ କରାଯିବା, ବ୍ୟାପକ ଲାଞ୍ଚ କାରବାର, ସରକାରୀ ଅର୍ଥ, କାର୍ଯ୍ୟରେ ଅନିୟମିତତା ହେବା ତଥା ଶିକ୍ଷକ ମାନଙ୍କୁ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଅତ୍ୟନ୍ତ ମର୍ମସ୍ପର୍ଶୀ! ତଥାପି ବର୍ଷ ବର୍ଷ ଧରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯାଇ ସେମାନଙ୍କୁ ଘଣ୍ଟ ଘୋଡାଇ ରଖାଯାଇଥିବା ହେତୁ ଜିଲ୍ଲା ଶିକ୍ଷା ବିଭାଗ ତଥା ଶିକ୍ଷାଦାନ ପ୍ରକ୍ରିୟା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରନ୍ତି ଶିକ୍ଷକ ସମାଜ । ଏମିତିକି କେତେକଙ୍କ ଚେହେରା କେବଳ ଜିଲ୍ଲାର ଶିକ୍ଷକ ସମାଜ କାହିଁକି ବରଂ ସମଗ୍ର ଜନସାଧାରଣଙ୍କ ମନ ମାନସରେ ଘୃଣାଭାବ ସୃଷ୍ଟି କରିଥିଲା ଯାହାଙ୍କ ନାମ ପଡିଲେ ସାଧାରଣ ଲୋକେ ମଧ୍ୟ ଅନେକ ଧିକ୍କାର କରୁଥିବା ଦେଖିବାକୁ ମିଳିବ ଅନୁସନ୍ଧାନ କଲେ । ସରକାର ଠିକଣା ସମୟରେ ସେଥିପ୍ରତି ଉପଯୁକ୍ତ ଦୃଷ୍ଟି ନିକ୍ଷେପ କରୁନଥିବା ହେତୁ ସେହିଭଳି ହୋଇ ଆସୁଥିବା ମତବ୍ୟକ୍ତ କରନ୍ତି ଶିକ୍ଷକ, ବିଭାଗୀୟ କର୍ମଚାରୀ । କିନ୍ତୁ ବର୍ତ୍ତମାନ ଓଡିଶା ସରକାରଙ୍କ ୫ଟି ବିଭାଗ ପୂର୍ବତନ ଶିକ୍ଷାଧିକାରୀ ମାନଙ୍କ କାର୍ଯ୍ୟ ପ୍ରଣାଳୀ ଗୁଡିକୁ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ପୂର୍ବକ ଜଣେ ଉତ୍ତମ ଚରିତ୍ର ବିଶିଷ୍ଟ ଶିକ୍ଷାଧିକାରୀ ନିଯୋଜିତ କରିଥିବା ହେତୁ ଜିଲ୍ଲା ଶିକ୍ଷା ବିଭାଗ ଗୋଟିଏ ପ୍ରକାର ଶାନ୍ତ, ସରଳ ପରିବେଶ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳୁଛି।

ଯାହାହେଉ ଆରମ୍ଭରୁ ଅଦ୍ୟାବଧି ନିଯୋଜିତ ଅନେକ ଶିକ୍ଷାଧିକାରୀଙ୍କ ଭଲ ମନ୍ଦର ବହୁଚର୍ଚ୍ଚିତ କେତେକ ଚେହେରା ମଧ୍ୟରୁ ଉତ୍ତମଚାରିତ୍ରିକ କେତେକଙ୍କ ହେତୁ ଜିଲ୍ଲା ଶିକ୍ଷା ବ୍ୟବସ୍ଥା କିଛି ମାତ୍ରାରେ ତାହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିପାରିଥିଲା । କେବଳ ହାତଗଣତି କେତେକ ଦୁଃସଚାରିତ୍ରିକ, ଅମାନବୀୟ ଚିନ୍ତାଧାରା ପ୍ରବାହ କରିଥିବା ରାକ୍ଷସ ଚେହେରା କେତେକାଂଶରେ ବିଭାଗୀୟ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଅନ୍ତତଃ ରସାତଳଗାମୀ ହୋଇନାହିଁ ଶିକ୍ଷା ବ୍ୟବସ୍ଥା କେବଳ ଜିଲ୍ଲାର ଶିକ୍ଷକ ସମାଜ, ସାଧାରଣ ଲୋକଙ୍କ ଦୃଢ଼ତା ହେତୁ । ଅନେକ ବର୍ଷର ଅପେକ୍ଷା ପରବର୍ତ୍ତୀ ବର୍ତ୍ତମାନର ନିଯୋଜିତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଅମୁଲ୍ୟ କୁମାର ପଧାନଙ୍କ ସୁନ୍ଦର, ସାବଲୀଳ ଚାରିତ୍ରିକ ଚେହେରା ସାଙ୍ଗକୁ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ତଥା ଶିକ୍ଷକଙ୍କ ପ୍ରତି ସଦ୍‌ଭାବନା ଖୁବ୍ ଚର୍ଚ୍ଚାରେ! ସମ୍ପୃକ୍ତ ମହାଶୟ କିଛି ମାସ ହେବ ଗଞ୍ଜାମରେ ନିଯୋଜିତ ହୋଇଥିବାବେଳେ ତାଙ୍କର କୌଣସି ସମୟୋଚିତ ଆଖିଦୃଷ୍ଟିଆ ପଦକ୍ଷେପ ଲୋକ ଲୋଚନକୁ ଆସିନଥିଲେ ମଧ୍ୟ ଶିକ୍ଷକ, କର୍ମଚାରୀଙ୍କ ଆନ୍ତରିକ ଘୃଣା କିମ୍ବା ଅଭିଯୋଗ ଶୁଣିବାକୁ ମିଳୁନାହିଁ ତାଙ୍କ ବିରୁଦ୍ଧରେ! ଅନ୍ତତଃ ପକ୍ଷେ ଯେକୌଣସି ଲୋକଙ୍କ ସହିତ ଏତେ ମାନବୀୟ ଢଙ୍ଗରେ କଥାବାର୍ତ୍ତା କରନ୍ତି ସେ ଯେ, କହିବାକୁ ଗଲେ ପ୍ରାୟତଃ ଜିଲ୍ଲାର ସମସ୍ତ ବିଭାଗୀୟ କର୍ମଚାରୀ, ଶିକ୍ଷକଙ୍କ ସମେତ ଅଭିଭାବକ ହୁଅନ୍ତୁକି ସାଧାରଣ ଜନତା ସମସ୍ତେ ତାଙ୍କ ବ୍ୟବହାରରେ ଅତ୍ୟନ୍ତ ସନ୍ତୁଷ୍ଟ ଥିବା ଶୁଣିବାକୁ, ଦେଖିବାକୁ ମିଳୁଛି! ଅନ୍ତତଃ ପକ୍ଷେ ସେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷା ବିଭାଗକୁ କିଛି ଅଭିନବ ରୂପରେ ସୁଗଠିତ କରିବେ ବୋଲି ସମସ୍ତେ ଆଶା ଓ ମତ ବ୍ୟକ୍ତ କରୁଥିବା ବେଳେ କିଛି ନକଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ପ୍ରତି ଆନ୍ତରିକ ଭାବ ପୋଷଣ କଲେ ଶିକ୍ଷାଦାନ ତଥା ବିଭାଗୀୟ ଉତ୍ତରୋତ୍ତର ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତ ବ୍ୟକ୍ତ କରନ୍ତି ସାମାଜିକ କର୍ମୀ, ବୁଦ୍ଧିଜୀବୀ ତଥା ଜିଲ୍ଲା ଶିକ୍ଷକ ସମାଜ । ପ୍ରକାଶ ଥାଉକି ସମ୍ପୃକ୍ତ ଉପସ୍ଥିତ ଶିକ୍ଷାଧିକାରୀ ପୂର୍ବରୁ ନିଯୋଜିତ ଥିବା କେତେକ କେଳେଙ୍କାରୀ ଶିକ୍ଷାଧିକାରୀମାନଙ୍କ ଦ୍ୱାରା ପ୍ରେରିତ କେତେକ କର୍ମଚାରୀଙ୍କ ଠାରୁ ନିଜକୁ ଦୁରେଇ ରଖି ଉତ୍ତମ ଚାରିତ୍ରିକ କର୍ମଚାରୀଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟ ପରିଚାଳନା କରିବା ଲକ୍ଷ ରଖିଲେ ନିଶ୍ଚିତଯେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ବିଭାଗୀୟ ଉନ୍ନତି ହେବା ସଂଗେ ସଂଗେ ନିଜର ସୁପ୍ରତିଭା ବିକଶିତ କରିବାରେ ସିଦ୍ଧହସ୍ତ ହୋଇପାରିବେ ସେଇଥିରେ ତିଳେହେଲେ ଦ୍ୱିମତ ନାହିଁ । କିନ୍ତୁ ନିର୍ଭର କରୁଛି ତାଙ୍କ ନିଜସ୍ୱ ବିଚାରଧାରା ଉପରେ।

ଇତି ମଧ୍ୟରେ ଉପସ୍ଥିତ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ମହୋଦୟ ଜଣେ ଶିକ୍ଷାପ୍ରେମୀ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ତଥା ବିଭାଗୀୟ ରାଜ୍ୟସ୍ତରୀୟ ଉଚ୍ଚାଧିକାରୀଗଣ ଉପସ୍ଥିତ ଶିକ୍ଷାଧିକାରୀଙ୍କୁ ଯଥେଷ୍ଟ ସୁବିଧା, ସୁଯୋଗ ଦେଇ ବିଭାଗୀୟ କାର୍ଯ୍ୟ କ୍ଷେତ୍ରରେ ସହଯୋଗ କଲେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାଯେ ଅଗ୍ରଗାମୀ ହୋଇପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା...!

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୂରଭାଷ.: ୯୪୩୭୩୨୪୯୧୭*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

ପରଦିନ ନାଗସାପ ପଶିଲା ଗାତ ଭିତରେ। ଯଥାରୀତି କେଉଟଟି ଆସି ଗାତରେ ହାତ ପୂରାଇଲା। କେଉଟର ହାତକୁ ଦେଖି ଗାତ ଭିତରେ ଥାଇ ନାଗ ସାପଟି ଫଁଅଁ-ଫଁଅଁ ହେଲା। ହେଲେ ଗାତର ଆକାର ଏମିତି ଥିଲା ଯେ, ନା ସେ ଫଣା ଟେକି ପାରୁଥିଲା ନା ଚୋଟ ମାରିପାରୁଥିଲା। କେଉଟଟି ତା' ଲାଞ୍ଜକୁ ଧରି ବାହାରକୁ ଟାଣି ଆଣିଲା। କ୍ରୋଧ ଓ ଅପମାନରେ ନାଗ ସାପଟି ଫଁଅଁ ଫଁଅଁ ହେଉଥିଲା କେବଳ। ତା'ର ଫଁଅଁ ଫଁଅଁ ଶବ୍ଦ ଶୁଣି କେଉଟ ଚାହିଁଲା ତା' ମୁଣ୍ଡ ଆଡେ। କହିଲା- ଆରେ ଏଇଟା ତ ଧଣ୍ଡ ନୁହଁରେ ନାଗଟାଏ। ତା' ପରେ ତା' ଲାଞ୍ଜକୁ ଧରି ଘୂରାଇଲା ଘୂରାଇଲା ଚର୍କି ପରି କିଛି ସମୟ। ଘୂରାଇ ଘୂରାଇ ଛାଟି ଦେଲା ଯେ ନାଗଟି କଚକରି ପଡିଲା ଯାଇ ପୋଖରୀ ହୁଡା ଆରପଟ କ୍ଷେତରେ। କେଉଟ ଯଥା ପୂର୍ବଂ ମାଛଧରି ଘରକୁ ଗଲା।

କେଉଟ ଚାଲିଯିବା ପରେ ଧଣ୍ଡଟି ଗଲା ନାଗ ସାପ ପାଖକୁ। ସେ ପଡିଥିଲା ମୁମୂର୍ଷୁ ଅବସ୍ଥାରେ, ତାକୁ ପଚାରିଲା କ'ଣ କିଛି କରିପାରିଲ ?

ବଡ କଷ୍ଟରେ ମୁଣ୍ଡ ଉଠାଇ ନାଗଟି କହିଲା- ନାଁରେ ତୁ ସତ କହୁଥିଲୁ, ସେଠିକା ପରିବେଶ ଓ ପରିସ୍ଥିତି ଏମିତି ଯେ ନାଗ ବି ଧଣ୍ଡ ହୋଇଯିବ। କିଛି ବି କରିହେବନି।

ନୂଆ କମ୍ପାନୀ ସହ ଏ ଧଣ୍ଡ ନାଗ ଉପାଖ୍ୟାନାର ସମ୍ପର୍କ କ'ଣ ?

ସମ୍ପର୍କ ଅଛି ବୋଲି କହିଲି ନା, କ'ଣ ମାଗଣାରେ କହିଲି।

ହଉ ସମ୍ପର୍କଟାକୁ ଟିକିଏ ବ୍ୟାଖ୍ୟା କର।

ଆରେ ଆମ ଲୋକେ ଧଣ୍ଡକୁ କିପରି ବ୍ୟବହାର ଓ ନାଗକୁ କିପରି ବ୍ୟବହାର କରିବା କଥା ଭଲ ଭାବରେ ଜାଣିଛନ୍ତି। ଏବେ ଯେଉଁ ନୂଆ କମ୍ପାନୀ ଆସୁଛି ଓ ତା' ଫଁଅଁ ଫଁଅଁ ତମେମାନେ ଶୁଣି ଚମକୁଛ। ସେ ଗାତରେ ପଶିସାରୁ ଦେଖିବ। ଆରେ ସେ ମଧ ନାଗ ସାପ ପରି ଘିର୍ ଘିର୍‌କା କଚଡା ଖାଇ ଘାଇଲା ହେବ ଏବଂ ତା'ର ଫଁଅଁ ବନ୍ଦ ହୋଇଯିବ। ଆରେ ସେ କମ୍ପାନୀ ଡାଳେ ଡାଳେ ଗଲେ ଲୋକେ ଏଠି ପତ୍ରେ ପତ୍ରେ ଯିବେ। ପହିଲେ ପହିଲେ ତାଙ୍କୁ ଟିକେ ଫଁଅଁ ଫଁଅଁ ହେବାକୁ ସୁଯୋଗ ଦିଅ। ଆଗକୁ ଆଗକୁ କ'ଣ ହେଉଛି ଦେଖ, ନୂଆ ବୋତଲରେ ପୁରୁଣା ମଦ। ନାଆଁ ବଦଳିଗଲେ କ'ଣ ଅଭ୍ୟାସ ବଦଳି ଯିବ। ଆରେ ସେ କମ୍ପାନୀରେ ଯେଉଁମାନେ ଚାକିରି କରିବେ ସେମାନେ କ'ଣ ସବୁ ଯୁଧିଷ୍ଠିର ? ଗାତରେ ରହୁ ଅବା ଚାଳରେ, ବିଲରେ ରହୁ ଅବା ଖଳାରେ ମୂଷା କ'ଣ ତା' ଧର୍ମ ଛାଡ଼ିଦେବ ? ନଈ ନ ଦେଖୁଣୁ ଲଙ୍ଗଳା ହୁଅନା, ଆଗକୁ ଆଗକୁ ଦେଖ କ'ଣ ହେଉଛି।

-ଦୁଇ-

ଏନ୍.ଏସ୍.କ୍ୟାଣ୍ଟିନ। ଏହା କୌଣସି ସାଇନ୍ ବୋର୍ଡ ହୋଇ ଲେଖା ଯାଇନି। ସିମେଣ୍ଟ ପଲସ୍ତରା ହୋଇଥିବା କାନ୍ଥରେ ଆଲ୍‌କାତରାରେ ଲେଖା ଯାଇଛି। ଏହି ନାମକରଣ ଓ ଲେଖା ପଛରେ ନିତିଆ ସାହୁର କୌଣସି ଭୂମିକା ନାହିଁ। ଛକ ଉପରେ ଦୋକାନ। କଲେଜ ପିଲାଙ୍କ ପାଇଁ ମୁଖ୍ୟତଃ ମାତ୍ର ଏବେ ଧୀରେ ଧୀରେ ଯିବା ଆସିବା କରୁଥିବା ଲୋକଙ୍କର ଭିଡ ଜମୁଛି ସେଠାରେ। ଗତ ସରପଞ୍ଚ ନିର୍ବାଚନ ସମୟରେ ସେଠି ରାତି ଦିନ ଲାଗି ରହିଥିଲା ଭିଡ। କାନ୍ଥ, ବାଡ, ପାଚେରି ବିଭିନ୍ନ ପ୍ରାର୍ଥୀଙ୍କର ବିଜ୍ଞାପନ ଲେଖୁଥିବା କେହି ଜଣେ ଦୋକାନଟିକୁ ଏ ନାମକରଣ କରି ଲେଖି ଦେଇଥିଲା ତା' କାନ୍ଥରେ। ସେବେଠାରୁ ଏହାର ନଆଁ ଧୀରେ ଧୀରେ ଏନ୍.ଏସ୍. କ୍ୟାଣ୍ଟିନ୍‌ରେ ପରିଣତ ହୋଇଗଲାଣି।

ନିତିଆ ସାହୁ ସାଧାରଣତଃ ତା'ର କ୍ୟାଣ୍ଟିନ୍ ଖୋଲେ ସକାଳ ନଅଟାରେ। କାରଣ ତା' ଦୋକାନର ବେପାର ଆରମ୍ଭ ହୁଏ କଲେଜ ଖୋଲିଲେ, ଅବଶ୍ୟ ଦୋକାନ ବନ୍ଦ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ରହେନା। ଗ୍ରାହକଙ୍କ ଭିଡ ନେଇ ଦୋକାନ ବନ୍ଦର ସମୟ ନିର୍ଦ୍ଧାରଣ ହୁଏ। ହେଲେ ସେଦିନ ସକାଳୁ ସକାଳୁ ସେ ଦୋକାନ ଖୋଲି ସୋ' କେଶ ଭିତରେ ମିଠା ସବୁ ସଜାଡୁ ଥାଏ। ଦୁଇଟା ବଡ ଡେକ୍‌ଚିରେ ବିରିବଟା ଓ ବେସନ ଗୋଳା ହୋଇ ଥୁଆ ହୋଇଥାଏ। ସକାଳୁ ସକାଳୁ ଟ୍ରଲିବାଲାଟିଏ ଗୋଟିଏ ଟ୍ରଲି ଶୁଖିଲା କାଠ ଆଣି ଜମା କରୁଥାଏ ତା' ଦୋକାନ ସାମ୍ନାରେ।

ନିତିଆ ଟ୍ରଲିବାଲାକୁ କହୁଥାଏ-କାଠକୁ ସାଇତ୍ କରି ଚୁଲି ପାଖରେ ରଖି ଦେଇ ଯାଆତ ମାଧ ସାହୁର ଦୋକାନରୁ ଦୁଇଟି ରିଫାଇନ, ଗୋଟେ ପ୍ୟାକେଟ୍ ଆଳୁ ଓ ଗୋଟେ ପକେଟ୍ ପିଆଜ ଧରି ଆସିବୁ ଟ୍ରଲିରେ।

ଟ୍ରଲିବାଲା କହିଲା- ଏତେ ସକାଳୁ ସକାଳୁ ସେ କ'ଣ ଦୋକାନ ଖୋଲିବଣି ?

(କ୍ରମଶଃ)

# ଶବ୍ଦ ଓ ଭାଷା

## ସୁଧାଂଶୁ ଶେଖର ଦ୍ୱିବେଦୀ





ଯେବେ ଭାବ ଶୂନ୍ୟ ହୁଏ
ଶବ୍ଦ ସବୁ ଅର୍ଥହୀନ ହୋଇଯାଏ
ଶବ୍ଦର ମହିମା ଅସୀମ
ଭାବର ଆତ୍ମାରେ
ମୂର୍ତ୍ତିମାନ ସ୍ୱରୂପ
ଭାବର ଅଭାବରେ
ଶବ୍ଦକୁ ଶୁଳି ଚଢ଼େଇ ଦେଉ
ପ୍ରାଣହୀନ ଦେହ ପରି
ଶବ୍ଦ ସବୁ ପଡିରହେ ଏଣେ ତେଣେ।
ଶବ୍ଦଟିଏ ସଭିଙ୍କ ପାଇଁ
ଭାଷା ହୋଇପାରେ
ଶବ୍ଦକୁ ଭାଷା ବାନ୍ଧିରଖେ
ପୁଣି ଭାଷାକୁ ବାନ୍ଧିଦିଏ ମଣିଷ
ଶବ୍ଦ ମଧ୍ୟରେ।
କେବେ କେବେ ଶବ୍ଦରେ
ଗଢ଼ା ହୋଇଥିବା ଭାଷା ପାଇଁ
ଦୂରେଇବାକୁ ହୁଏ
ନିଜ ଦୁନିଆରୁ ଅନ୍ୟ ଏକ ଦୁନିଆକୁ।
ସେତେବେଳେ ଶବ୍ଦସବୁ
ଜୀବନ ହୋଇଯାଏ
ଓ ଭାଷା
ମୁକ୍ତିର ପଥ ଖୋଜୁଥାଏ।


*ବିସି-୭୪, ସଲଟ ଲେକ, କୋଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୫*


# ଶ୍ମଶାନ

## ସୁଶାନ୍ତ କୁମାର ସାହୁ





ଧନ,ମନ କହି କେତେ ଘାଣ୍ଟି ହେଉ
ମୋର ମୋର ବୋଲି କହି,
ଆଜି ମରିଗଲେ ପାଶେ ତୋର ଆଉ
କାଲିକି ନ ଥିବେ କେହି ।
ପେଟ,ଟଟିଂ କାଟି ରଖିଛୁ ଯାହା
ସେଇ ସବୁ ନୁହେଁ ତୋର,
ତୁ ମରିଗଲେ ସେଇ ସବୁ ଧନ
ଖାଇ ଯିବେ ଭୂତ, ଚୋର ।
କାଠ ଛଅ ଖଣ୍ଡେ ଜଳାଇ ତୋତେ ଦେବେ
ମଶାଣି ପଦାକୁ ବୋହି,
ନିଜର ଲୋକ ତୋ କାନ୍ଦବେ ବହୁନି
ଲୋକ ଦେଖାଣିଆଁ ହେଇ।
ଯାହାକୁ ଭାବୁଛୁ ମୋର ମୋର କହି
ସେଇ କରିଦେବେ ପର,
ବାର ଦିନ ଗଲେ ତତେ ଭୁଲିଯିବେ
ସାରି କରି ତୋର କାର୍ଯ୍ୟ ଘର୍।
ନିଆଁରେ ଜଳି ମଶାଣି ଭୂଇଁରେ
ପାଉଁଶ ମୁଠାଏ ହୋଇଯିବ ଦେହ ତୋର,
ଖାଲି ଆସିଥିଲୁ ଖାଲି ହାତେ ଯିବୁ
ଏଇ ସଂସାରେ ଛାଡି ରାଗ,ରୁଷା ,ଅହଂକାର ।


*ଧୋବାବାହାଲି,ସୋନପୁର,ସୁବର୍ଣ୍ଣପୁର*
*ମୋ-୯୯୩୭୯୮୭୪୬୭*


# ଉଶୃଙ୍ଖଳ ଯୌବନ

## ଅନିତା ମିଶ୍ର ଦାଶ୍



ରାଜତନ୍ତ୍ର ଥିବା ସମୟରେ, ରାଜା ମାନେ ରାଜ କନ୍ୟାଙ୍କର ସହିତ ବିବାହ କରୁଥିଲେ ସତ, ମାତ୍ର ଜଣେ ରଜ କନ୍ୟାରେ ସେମାନଙ୍କ ମନ ଭରୁ ନ ଥିଲା। ସେଥିପାଇଁ ସେମାନେ ବଡ ରାଣୀ,ମଝିଅ। ରାଣୀ, ସାନ ରାଣୀ ଏମିତି ରଖିବା ପରେ ମଧ ଚାକରାଣୀ ମାନଙ୍କୁ ରଖୁଥିଲେ। ଗର୍ବର ସହିତ କେତେ କହନ୍ତି, ଆମେ ଦାସୀ ପୁତ୍ର। ପରେ ମଧ ଯେଉଁ ରାଜାଙ୍କୁ ପରାସ୍ତ କରୁଥିଲେ, ସେହି ରାଜାଙ୍କ ରାଜକୁମାରୀ ଆଉ ରାଣୀ ସମସ୍ତେ ବିଜୟୀ ରାଜାଙ୍କର ହେଉଥିଲେ। ଆମର ରାମ ରାଜାଙ୍କ ପରି କିଛି ରାଜାଙ୍କୁ ଛାଡିଦେଲେ, ଅନ୍ୟ ସବୁ ରାଜା ମଧ ଏକ ପତ୍ନୀରେ ସନ୍ତୁଷ୍ଟ ରହୁ ନ ଥିଲେ। ଏହି ଉଶୃଙ୍ଖଳତା କେବଳ ପ୍ରବଳ ଅର୍ଥ ଆଉ ପ୍ରାଚୁର୍ଯ୍ୟ ପାଇଁ ଶରୀର ଭୋଗର ନାମ ଥିଲା। ଆଜିର ଏ ଯୁଗରେ ରାଜା କିଏ..? ଯିଏ ପ୍ରଚୁର ଅର୍ଥ ଉପାର୍ଜନ କରିପାରୁଛି। ସେମାନେ ନିଜ ଇଚ୍ଛାରେ ଉଶୃଙ୍ଖଳ ଯୌନ ଜୀବନ ଅତିବାହିତ କରୁଛନ୍ତି। ଆମ ସମାଜ ତାକୁ ପାଶ୍ଚାତ୍ୟ ଜୀବନ ଶୈଳୀ କହି ପ୍ରୋତ୍ସାହନ ଦେଉଛି। ଯାହା ଫଳରେ ଯୁବକ ହେଉ ବା ଯୁବତୀ ହେଉ, ପଥ ଭ୍ରଷ୍ଟ ହେଉଛନ୍ତି। ଯାହାର ପାଇଁ ଅନେକ ସନ୍ତାନ ପିତୃ, ମାତୃ ପରିଚୟ ହରା ହୋଇ ସମାଜରେ ବଞ୍ଚିବା ପାଇଁ ବାଧ ହେଉଛନ୍ତି। ଆହୁରି କେତେକ ଜୀବନକୁ ରାସ୍ତା,ଘାଟ, ଅଳିଆ ଗଦାରେ ଫୋପଡି ବି ଦିଆ ଯାଉଛି। ଜୀବନଟିଏ ଜୀବନକୁ ଉପ ଭୋଗ କରିବା ପାଇଁ, ଜୀବନ ଟିଏ କାହିଁକି ରାସ୍ତାରେ ଫୋପାଡି ଦିଆଯିବ ...? ଯୌବନ ପ୍ରାପ୍ତି ପରେ ସନ୍ତାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ସମୟ ଆଉ ଆମ ସମଜ କହୁଛି। ଯାହାଦ୍ୱାରା ଆମର ତିରିଶ ଚାଳିଶ ହଜାର ଟଙ୍କା ରୋଜଗାର କରୁଥିବା ସନ୍ତାନ ମାନେ ମଧ ଆଗର ରଜା ପରି ଜୀବନ ଅତିବାହିତ କରିବା ପରି ଚଳୁଛନ୍ତି। ଏହି ବାର ଧନ୍ଦା ଯଦି ସମ୍ଭାଳି ନ ପାରିଲ ଗଲ..! ଯୁବକ ଯୁବତୀ ପରସ୍ପରର ଶତ୍ରୁ ହୋଇ ପ୍ରତିହିଂସା ପରାୟଣ ହେଉଛନ୍ତି। ଏଥିରେ ମଧ ଅଭିଭାବକ ପଶିବାକୁ ସମାଜ ବାରଣ କରେ। କାରଣ ସେମାନେ ସାବାଳକ। ଜୀବନର ସବୁ କିଛି ନିଷ୍ପତ୍ତି ସେମାନେ ନିଜେ ନେବେ। ଯଦି କିଛି ଅଘଟଣ ହେଇ ଗଲା, କାହାର କିଛି ଯିବନି, କେବଳ ବାପ, ମା' ସନ୍ତାନର ଯୌନ ଉଶୃଙ୍ଖଳତାର ଦଣ୍ଡ ଭୋଗିବେ। ସମାଜ ସେତେ ବେଳେକୁ ଆସିବ ବହୁ କିଛି ଶୁଣାଇବା ପାଇଁ। ଏଇ ହେଉଛି ବର୍ତ୍ତମାନର ରାଜକୀୟ ଜୀବନ ଶୈଳୀ। ଆମ ଭାଷାରେ କହିବାକୁ ଗଲେ, କୁକୁର ମାନଙ୍କ ପରିବାର ଆଡେ ମୁହଁ ମାର, ତାର ପରେ ଅଭିଭାବକ ମାନଙ୍କୁ ମାର...!! ଏଥିରେ ଗର୍ଲଫ୍ରେଣ୍ଡର କିଛି ଯିବନି, କି ବୟଫ୍ରେଣ୍ଡର କିଛି ଯିବନି। ବୁଢା କାଳରେ ଜୀବନ, ସନ୍ତାନ ହରାଇ ଯନ୍ତ୍ରଣା ଭୋଗିବାକୁ ବାଧ ହେବେ। ସୁଶାନ୍ତ ସିଂ ରାଜପୁତ, ସେ ମଧ ଆକାଶର ତାରା ଥିଲେ। ସେ ମଧ ମନ ଇଚ୍ଛା ସମ୍ପର୍କ ରଖି ଚଳୁଥିଲେ। ଏମିତି ଚାଲିଥିଲେ ଭଲ ହୋଇଥାଆନ୍ତା କିନ୍ତୁ ତାଙ୍କୁ ଜୀବନ ଦେଇଦେବାକୁ ପଡିଲା। ମା' ଯାହାକୁ ଖୋଜି, ଲୋଡି ଆଣିଥିଲେ, ସେ ଖସି ଯାଇଛନ୍ତି, ବୋଲି ଯୁବକ ପୁଅର ମୃତ ଦେହ ଦେଖି ପାରିଲେ ନାହିଁ। ବାପ, ଏକ ମାତ୍ର ପୁଅକୁ ନିଜ ହାତରେ ମୁଖାଗ୍ନି ଦେଇ ବିଦାୟ ଦେଲେ। କୋ ଗର୍ଲଫ୍ରେଣ୍ଡର କିଛି ଯାଉନି। ଦୁନିଆଁ ଯେମିତି ଚାଲୁଥିଲା, ସେମିତି ଚାଲିଛି। ଏତେ ମେଧାବୀ ଛାତ୍ର ଟିଏ ଆଉ ଏତେ ସୁନ୍ଦର ଅଭିନେତା ଟିଏ ଯଦି ଆଜିର ଜୀବନ ଯାପନ ଶୈଳୀରେ ହାରି ଯାଉଛି, ସାଧାରଣ ପିଲାଙ୍କର କ'ଣ ବା ନ ହେବ..? ଝରା ଫୁଲ ବୋଲି ଝିଅଟିଏ ମଧ ଜଣେ ମେଧାବୀ ଛାତ୍ରୀ ଥିଲେ। ତାଙ୍କୁ ମଧ ନିଜକୁ ଗଢିବା ଆଗରୁ ଆଧୁନିକତାର ରଙ୍ଗରେ ରଙ୍ଗୀନ ହେବାକୁ ଇଚ୍ଛା ହେଲା। ସେ ମଧ ପିତାମାତାଙ୍କର ଅନୁମତି ନ ନେଇ ବୟଫ୍ରେଣ୍ଡ ସହିତ ରାତ୍ରି ଯାପନ କରିବା ପାଇଁ ହୋଟେଲ୍‌କୁ ଯାଇଥିଲା। କାରଣ, ଆମର ଦେଶର ଆଇନ୍ ହୋଟେଲ୍‌ରେ ବୟଫ୍ରେଣ୍ଡ ସହିତ ଗାଲ୍‌ଫ୍ରେଣ୍ଡକୁ ରାତ୍ରି ଯାପନ କରିବା ଅନୁମତି ଦିଏ। ରାତ୍ରି ଯାପନ ସରିଲା ବେଳକୁ, ଗାଲ୍‌ଫ୍ରେଣ୍ଡ ଛାତ୍ରୀଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏବେ ଆସିଲା, ବୟଫ୍ରେଣ୍ଡର ମୃତ ଗାର୍ଲଫ୍ରେଣ୍ଡ ପ୍ରତି ତା'ର କର୍ତ୍ତବ୍ୟ କଥା। ବୟଫ୍ରେଣ୍ଡ,ନିଜର ଗାଲ୍‌ଫ୍ରେଣ୍ଡ ପ୍ରତି ଥିବା କର୍ତ୍ତବ୍ୟ କଥା ବୋଧହୁଏ ଜାଣି ନ ଥିଲେ। ସେ ଭାବିଲେ, ତାଙ୍କର କର୍ତ୍ତବ୍ୟ ଏବେ ପ୍ରାଣ ଶୂନ୍ୟ ଶରୀରଟିକୁ ଫୋପାଡି ଦେବା। ସେ ନେଲେ ଗାଲ୍‌ଫ୍ରେଣ୍ଡଙ୍କୁ ଫୋପାଡି ଦେଲେ। କାହାର ଝିଅ, ସେ କୁଆଡେ ଆସିଥିଲା, ସେ କେମିତି ମଲା, ତାକୁ କିଏ ଫୋପାଡିଲା..? ଏବେ ଏଇ କଥା ଖୋଜି ବାହାର କରି ଅପରାଧୀକୁ ଫାଶୀ ଦଣ୍ଡ ଦେଇ ଦେବାକୁ ସମାଜ ଦାବି କରୁଛ। ଏବେବି ବୟଫ୍ରେଣ୍ଡ ଧରି ବୁଲୁଥିବା ଗାର୍ଲଫ୍ରେଣ୍ଡ ମାନେ କହୁଛନ୍ତି...... ଦୋଷୀଟା ଦଣ୍ଡ ପାଇଗଲେ, ମୃତ ଛାତ୍ରୀଙ୍କର ଆତ୍ମା ଶାନ୍ତି ପାଇଯିବ। ମୃତ ଗାର୍ଲଫ୍ରେଣ୍ଡ୍ ସିନା ନାହାଁନ୍ତି, ତାଙ୍କର ଆତ୍ମାଟା ଅଛି। ସେ ଗାଲ୍‌ଫ୍ରେଣ୍ଡ୍‌ର ଆତ୍ମାଟା ଶାନ୍ତି ପାଇଯିବା, ନିତାନ୍ତ ଜରୁରୀ। ଏଇ କଥା ବି ରାସ୍ତାରେ ଗାର୍ଲଫ୍ରେଣ୍ଡଙ୍କୁ ଧରି ବୁଲୁଥିବା ବୟଫ୍ରେଣ୍ଡ ମାନେ ମଧ କହୁଛନ୍ତି। ଏବେ ଆମର ଆଇନ୍ ଚାଲିଛି, ମୃତ ଗାର୍ଲଫ୍ରେଣ୍ଡଙ୍କର ଆତ୍ମା ଶାନ୍ତି କରିବା କାମରେ। ନ ଲାଗିଲେ ସରକାରଙ୍କର ଉପରେ ପ୍ରଶ୍ନ ଉଠିବ..! ସବୁ ଗାର୍ଲଫ୍ରେଣ୍ଡ ଆଉ ବୟଫ୍ରେଣ୍ଡ ସଙ୍ଘ ନିଜ ଜୀବନ ସୁରକ୍ଷା ମଧ ଚାହୁଁଛନ୍ତି। ପାଶ୍ଚାତ୍ୟ ଦେଶର କର୍ମ କୌଶଳତାକୁ ଆମର ଯୁବ ସମାଜ ଅନୁକରଣନ୍ତେ। ଏଇ ବିପଦପୂର୍ଣ୍ଣ ଯୌନ ଉଶୃଙ୍ଖଳାତାରେ ଆଇନର ଅଙ୍କୁଶ ଲଗାଇଲେ, ଅନେକ କୋମଳ ଜୀବନ ରକ୍ଷା ହୋଇ ପାରନ୍ତା। ରାସ୍ତା ଘାଟରେ ଫୋପଡି ଦିଆ ଯାଉଥିବା, ଜୀବନ ଗୁଡିକ ଆଉ ନଷ୍ଟ ହୁଅନ୍ତା, ନାହିଁ।



## ପିଲାଙ୍କ ଦୁନିଆ






**ଐଶାନୀ ମିଶ୍ର**
ଷ୍ଟାଣ୍ଡାର୍ଡ - ୪
କେନ୍ଦ୍ରୀୟ ବିଦ୍ୟାଳୟ-୧
ଭୁବନେଶ୍ୱର




# କବିତାର କଥା

(ଭାଗ-୧୦)



**ଉମାକାନ୍ତ ରାଉତ**



# ଖଟିଖିଆ ମଣିଷର ଉଚ୍ଛ୍ୱାସ

ଆମ ସ୍ୱାଧୀନତାର ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଋଷିଆରେ ସଂଘଟିତ ସମାଜବାଦୀ କ୍ରାନ୍ତି ସମଗ୍ର ପୃଥିବୀକୁ ଚମକାଇ ଦେଲା। ସାମ୍ୟବାଦର ସମାଜମନସ୍କ ଆନ୍ଦୋଳନ ଯୁବପିଢିଙ୍କୁ ଆପଣାଛାଏଁ ଆଗେଇନେଲା ବିଜ୍ଞାନଭିତ୍ତିକ ସମାଜବାଦୀ ଆଦର୍ଶ ଆଡ଼କୁ। ଫଳତଃ ଏକ ଶ୍ରେଣୀହୀନ ସମାଜ ଗଠନ ପାଇଁ କବିର କଲମ ବଜ୍ର ହୋଇ ଉଠିଲା। ସାଧାରଣ ମଣିଷର ପ୍ରତିନିଧି କରିବାକୁ ଲାଗିଲା କବିର ଲେଖନୀ। ରାଶି ରାଶି କବିତାର ମନ୍ଦ୍ରଧ୍ୱନିରେ ଗୁଞ୍ଜରିତ ହେଲା ଖଟିଖିଆ। ମଣିଷର ସ୍ୱର/ଉଚ୍ଛ୍ୱାସ। ସେଥିସହିତ କାବ୍ୟକବିତାରେ ତିରସ୍କୃତ ହେବାକୁ ଲାଗିଲା ଲୁଟିଖିଆର ଚକ୍ରାନ୍ତ। କବିତାର ପ୍ରତିଟି ପଂକ୍ତି ପଦାଘାତ କରିବାକୁ ଲାଗିଲା ଶୋଷଣକାରୀ, ତୋଷଣକାରୀ ଆଉ ପେଷଣକାରୀର ଦୌରାତ୍ମ୍ୟ ଓ ହୀନକର୍ମ। ଶୋଷିତ, ଅତ୍ୟାଚାରିତ, ନିଷ୍ପେଷିତ, ନିର୍ଯ୍ୟାତିତ ଓ ଅବହେଳିତ ଜନମାନସର କୋହଚ୍ଛ୍ୱାସରେ ଗୁଞ୍ଜରିତ ହୋଇ ଉଠିଲା କବିତାର ସ୍ୱର।

ଏହାର ପ୍ରଭାବରେ ଓଡ଼ିଶାର କାବ୍ୟ ଆନ୍ଦୋଳନରେ ମଧ ଏକ ନବଯୁଗର ସୂତ୍ରପାତ ହେଲା। ପୂର୍ବ ପରି ରାଜକୁମାର, ରାଜକୁମାରୀ, ତଥାକଥିତ ସଂଭ୍ରାନ୍ତି। ଗୋଷ୍ଠୀ, ପଦପଦବୀ ପ୍ରତିଷ୍ଠାଧାରୀ, ମହାଜନ କି ଜମିଦାରମାନେ କାବ୍ୟ କବିତାର ନାୟକ ନାୟିକା ହୋଇ ରହିଲେ ନାହିଁ। ପ୍ରୋଟାଗୋନିଷ୍ଟଭାବେ ଉଭାହେଲେ ଚାଷୀ, ମୂଲିଆ, ନିଷ୍ପେଷିତ ନିର୍ଯ୍ୟାତିତ ଶ୍ରମିକ, ନିଃସ୍ୱ ଓ ଅସହାୟ ମଣିଷ, ଅତ୍ୟାଚାରିତ ତଳିଆ କର୍ମଚାରୀ, ସର୍ବହରା ଓ ସାଧାରଣ ମଣିଷ।

ଶାଣଦିଆ ଖର ତରବାରୀ ଭଳି କଲମ ମୂନ ଝଳି ଉଠିଲା ଦାରିଦ୍ର୍ୟ, କ୍ଷୁଧା, ଶୋଷଣ, ସାମ୍ରାଜ୍ୟବାଦ, ପୁଞ୍ଜିବାଦୀ ମାଲିକ, କତିପୟ ପଦବୀ କ୍ଷମତା ଓ ପ୍ରତିଷ୍ଠାଧାରୀଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ। ଅନେକ କବିଙ୍କର ଧ୍ୟେୟ ହୋଇଉଠିଲା ---

ଶାଣଦିଆ ଖର ତରବାରୀ ଭଳି
କଲମ ଯଦି ମୋ ନ ଉଠିଲା ଝଳି
ଯାହା ସେ ଭାବିଲା ଠିକ୍
ମୋର କବି ବୋଲାଇବା ଧିକ୍।

ଏହି ବାସ୍ତବତାର ମୂଳଦୁଆ ଉପରେ ସଚ୍ଚି ରାଉତରାୟଙ୍କ ଭଳି ମହାକବିଙ୍କ ଅମର ତୂଳୀରୁ ଝରି ପଡ଼ିଲା କୋଣାର୍କ ଓ ବାଜିରାଉତ ଭଳି ଅନବଦ୍ୟ କାବ୍ୟସମ୍ଭାର।

କୋଣାର୍କ ଗାତ୍ରରେ ରମ୍ୟ କଳାର ଦୈହିକ ଆମୋଦ (ଲୀଳା) କବି ମାନସକୁ ଆଚ୍ଛନ୍ନ କରିପାରିଲା ନାହିଁ। ତୋରଣର ନନ୍ଦନ ଶିରି, ଯକ୍ଷପୁରୀର ଲତା କି ନଗ୍ନ ନଟୀର ନଧର ଚରଣର ଚପଳ ଛନ୍ଦ ମାଟି ସହ ସାମିଲ୍ ଥିବା କବି ପ୍ରାଣକୁ ଆନ୍ଦୋଳିତ କରିପାରିଲା ନାହିଁ। ସମ୍ରାଟର ଜୟ ଜୟକାର ପାଇଁ ଗଣଙ୍କର ଜୀବନକୁ ମାଟିରେ ମିଶାଇ ଜଣକର ନାମ ଘୋଷିବା ପାଇଁ କୋଟି କୋଟି ବିଶୁ ମହାରଣା, ଶିବେଇ ସାଆନ୍ତ ଓ ଧର୍ମପଦମାନଙ୍କର ନିରବେଇ ଦିଆଯାଇଥିବା କୋହଚ୍ଛ୍ୱସକୁ ଶୁଣିପାରିଲା କବି।

ପଣ୍ଡିତ, ମୁଣ୍ଡିଆଳ ଓ ଭାଟମାନେ ସେ ନିର୍ମାଣକୁ ଦେଶ ଓ ଜାତିର ପରିଚୟ ବୋଲି ଆଖ୍ୟାୟିତ କରିବାକୁ କୋଟି ଘୋଷଣା ପରେ ବି ମାଟିମନସ୍କ କବି ସେକଥା ସ୍ୱୀକାର କରିବାକୁ ନାରାଜ ହେଲା ଯକବି କେବଳ ଦ୍ୱିଧା ବୋଧ କଲା ନାହିଁ ବରଂ ମର୍ମେ ମର୍ମେ ଭୀଷଣ ଆଘାତ ପ୍ରାପ୍ତ ହେଲା। ତାର ବିଗଳିତ ହୃଦୟ ଜାତନା ଓ ଜ୍ୱାଳାରେ ଦହଗଞ୍ଜି ହେବାକୁ ଲାଗିଲା। ସବୁ ଦେଖି , ସବୁ ଅନୁଭବ କରି ବି କିଛି କରିପାରୁ ନଥିବା ଅସହାୟ କବିମାନସ ଫାଟି ନଯାଇ ଭାରସାମ୍ୟ ରକ୍ଷା କରିବାକୁ ମଣିଷ ଓ ମାନବିକତାର ଜୟ ଜୟକାର ଘୋଷି ସର୍ଜନା କରିଚାଲିଲା ରାଶି ରାଶି କବିତାର ପଂକ୍ତି।

ଚକ୍ଷୁଷ୍ମାନ କବିର ଆଖି ସ୍ପଷ୍ଟ ଦେଖିପାରିଲା ସ୍ୱର୍ଣ୍ଣ ଉଷାର ଛବି ନେପଥ୍ୟରେ ଥିବା ରାତ୍ରୀର କଳା ଯବନିକାକୁ ,ତିଳେ ତିଳେ ସମାଧି ଦିଆଯାଇଥିବା ନିରୀହ କାରିଗରର ଛାତିକୁ, କଳାମୁଗୁନିର ରକ୍ତରେ ମିଶିଯାଇଥିବା ନିରୀହ ମଣିଷର ଶୋଣିତକୁ , ମାଟି ହୋଇଯାଉଥିବା କ୍ଷୁଧାତୁର ମଣିଷକୁ ଆଉ ଆଭିଜାତ୍ୟ ପ୍ରଦର୍ଶନ ପାଇଁ ଏସବୁର ସମାଧି ଉପରେ ମୃଗତୃଷ୍ଣା ସାଜିଥିବା ସପନର ନୀଳ ଢେଉକୁ।

ଏହି ଚରମ ଅନୁଭବର ଅନ୍ତର୍ଦାହରୁ ତ୍ରାହି ପାଇବାକୁ କବିର ନିରୂତା କଲମରୁ ସ୍ୱତଃ ନିର୍ଗତ ହେଲା ମଣିଷର ବ୍ୟଥା ଓ କଥା, କଳାର ଦରବାରରେ ସ୍ଥାନ ପାଇ ନଥିବା ଦାହର କଥା, ରାଜ୍ୟ ତଥା ରାଜକୋଷକୁ ସମୃଦ୍ଧ କରୁଥିବା କୃଷକର କନକ ଶସ୍ୟଦାନାର କଥା, ଫସଲକଟା ଗୀତର କଥା, ଶିଳ୍ପର କାରୁକାର୍ଯ୍ୟ ଭିତରେ କେଉଁଠି ସାମାନ୍ୟଭାବେ ବି ଦେଖା ଯାଉ ନଥିବା କଳାକାର/ଶିଳ୍ପୀର ଚରଣଲିପିର କଥା .....କଳା, ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟରେ ଯାହାସବୁ ନିହାତି କହିବାର ଥିଲା, ଯାହାସବୁ ଖୋଦିତ ହେବା ଅପରିହାର୍ଯ୍ୟ ଥିଲା; ହେଲେ କୁହାଯାଇନଥିଲା।

ତେଣୁ ତ କବି କୋଣାର୍କକୁ ଅତିକ୍ରମ କରି ଅଧିକ ବଳୀୟାନ ଓ ମହତ୍ତର ଭାବେ ଗଢିଦେଲା ଭିନ୍ନ ଏକ କୋଣାର୍କ। ମାଟି ପଥରରେ ଗଢ଼ା ମୃଣ୍ମୟ କୋଣାର୍କ ଦିନେ ମାଟିରେ ମିଶିଯିବ, ହେଲେ କବିକଳାର ନିଦର୍ଶନ ଏ ଚିନ୍ମୟ କୋଣାର୍କ କାଳ ଥିଲାଯାଏଁ ଚିର ଭାସ୍ୱର ହୋଇ କାଳର କପାଳରେ ଝୋଟି ଚିତା ଭାବେ ଝଟକୁ ଥିବ : ନିଃସନ୍ଦେହ। ସେଥିପାଇଁ କବିର ଛାତିରୁ ଉକୁଟି ଉଠିଲା -----

ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଂକାଳ
ଭଗ୍ନ ବୁକୁର ସ୍ତୂପ
କେତେ କ୍ଷୁଧାତୁର ମଣିଷ ଖାଇଚି
କ୍ଷୁଧାରେ ସେଦିନ ମାଟି
ରମ୍ୟ କଳାର ଦରବାରେ ତାର
କିଛି ନାହିଁ ପରିପାଟୀ

କବି ସଚ୍ଚି ରାଉତରାୟଙ୍କ ପୂର୍ବରୁ ଆଧୁନିକ ଓଡ଼ିଆ ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ଭାବରେ ଉଭା ହୋଇଥିଲେ କବି ଗୋଦାବରୀଶ ମହାପାତ୍ର। ନିଆଁଖୁଣ୍ଟା ମହାପାତ୍ରେ ନାମରେ ପରିଚିତ ଏହି ସ୍ରଷ୍ଟାଙ୍କର ସାରସ୍ୱତ ରଚନାରେ କେବଳ ନଥିଲା ସାମାଜିକ ଅବ୍ୟବସ୍ଥା , ଦୁର୍ନୀତି ଓ କତିପୟ ସଂଭ୍ରାନ୍ତୀୟ ପଦପଦବୀ ପ୍ରତିଷ୍ଠାଧାରୀ ତଥାକଥିତ ସଂଭ୍ରାନ୍ତୀୟ ଶୋଷକଙ୍କ ବିରୁଦ୍ଧରେ ଖଡ୍ଗ ଉତ୍ତୋଳନ ଅବା ଗୋଟେ ସାରସ୍ୱତ ସୈନିକର କଠୋରପଣ, କର୍କଶତା, ଅକୁତୋଭୟତା ଓ ସାହସିକତା। ବରଂ ଥିଲା ଆବଶ୍ୟକତା ଅନୁଯାୟୀ ଲାଳିତ୍ୟ, ଶିଶୁସୁଲଭ ଚପଳତା ଏବଂ ସରସତା।

ନବରସର ଚର୍ଚ୍ଚାରେ ହାସ୍ୟରସ ଓ ଭୟାନକ ରସ ପରସ୍ପରର ନିକଟବର୍ତ୍ତୀ ନୁହଁନ୍ତି ବୋଲି କୁହାଯାଉଥିଲାବେଳେ ଆଶ୍ଚର୍ଯ୍ୟଜନକଭାବେ ଗୋଦାବରୀଶଙ୍କ ଯମଦାଢ ଭଳି ରଚନାରେ ଏ ଦୁଇଟିର ଉପସ୍ଥିତି ତାଙ୍କୁ କେବଳ ଏକ ବିସ୍ମୟକର ପ୍ରତିଭାର ପ୍ରତିଷ୍ଠା ଦେଲା ନାହିଁ ବରଂ ଦୁର୍ନୀତିଖୋର୍ ଶୋଷଣକାରୀ, ଲମ୍ପଟ, କାପୁରୁଷ ଓ ମାଟି ବିରୋଧୀ ଗଦ୍ଦାରମାନଙ୍କର କମ୍ପନ(ଐବଙ୍ଗକ୍ଟମ) ଭାବେ ପ୍ରତୀୟମାନ କଲା। ତେଣୁ ହେ ମୋର କଲମର ପୃଷ୍ଠାରେ ସେ ଏହିପରି ଢଙ୍ଗରେ ସୁକୋମଳ ମାଟିର କଥା କହିଲେ ---

ଯେଉଁ ଗାଆଁର ପାଣି ପବନ
ଅଙ୍ଗେ ଦେଲା ବଳ
ଯେ ଭୂଇଁ ତଳ ଧୂଳିରେ ରଚିଥିଲି
ମୁଁ ଖେଳଘର
ଯେଉଁ ବକୁଳ ମୂଳରେ ବସି
ରଚିଲି ଫୁଲ ମାଳା
ଯେଉଁ ନିର୍ଜନ କୁଟୀର କୋଳେ
ଢାଳିଛି ଲୁହଧାରା
ଆପଣା ସଖା ବନ୍ଧୁ ବୋଲି
ଯାହାରେ ଅଛି ଡାକି
ସେ ଭୂଇଁ ସେବା କରିବାକୁ ତ
ରହିଚି ବହୁ ବାକି
ସେଇଠି ପୁଣି ଜନ୍ମ ହେବି
ସେଇଠି ହେ ଦେଖା
ଆବର ନିଆଁଖୁଣ୍ଟା ହେବ
ସେଇ ଥାନରେ ଲେଖା

ଇଏ ତ ହେଲା ମାଟିର କଥା। ହେଲେ ମାଟି ମଣିଷର ଉଚ୍ଛ୍ୱାସକୁ ସେ କଲମର ମସୀରେ ଯେଭଳି ଭାବେ ତୋଳି ଧରିଛନ୍ତି ତା'ର ପଟ୍ଟାନ୍ତର ନାହିଁ ...

ହେ କଲମ ମୋର ଅତି ଆପଣାର
ଅନ୍ତର କଥା କହ-
ଦେଖିଚ କି ଏତେ ସତ୍ୟ ନାମରେ
ଛଳନା ଦୁର୍ବିସହ !
କେତେ ଅବତାରେ ଧରଣୀ ବୁକୁରେ
ଦେବତା ହୋଇଲା ନର
କାଳ ଇଙ୍ଗିତେ ଲୁଚିଗଲେ ସବୁ
ରହିଲା ତୁମରି ଗାର !
ତୁମେ ଗୌତମ ଶଙ୍କର ଯୀଶୁ
ବଚନ ରଖିଚ ଧରି
ଜାଗ୍ରତ କର ଉଦ୍ୟତ କର
ଆଉଥରେ ସେଇପରି
ତୁମେତ ଚାଲିନ' ଛଳନାରେ କେବେ
ଥକି ନ' ଗୁଣ୍ଡାମିରେ
ପେଷଣ ଶୋଷଣ ଦୂଷଣ ଦେଇଚ
ଆଡେଇ ଏକଇ ଗାରେ
ଛେଦନ କରିଚ ବନ୍ଧନ ଯେତେ
ଅନ୍ଧେ ଦେଇଚ ଆଖି
କାଳ ବକ୍ଷରେ ମହା ଅକ୍ଷରେ
ପଦେ ପଦେ ଲେଖି ଲେଖି
ବିପ୍ଳବ ତବ ସତ୍ୟ ଶାନ୍ତି
ଶିବ-ସୁନ୍ଦର-ରସେ
ଯୁଗ ଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ।

ଏହି ପରିପ୍ରେକ୍ଷୀରେ କବି ରବି ସିଂଙ୍କର ମଣିଷ କବିତାର ପ୍ରତିଟି ପଂକ୍ତି ମଧ ପ୍ରଣିଧାନଯୋଗ୍ୟ।

ମଣିଷକୁ ଥରେ ପଢ଼ ପଢ଼
ମଣିଷଠାରୁ କେ ନାହିଁ ବଡ଼
ମଣିଷ ତ ବଡ଼ ଗ୍ରନ୍ଥ କିତାବ
ସାରା ଦୁନିଆର କାରିଗର
ମଣିଷକୁ ଥରେ ପଢ଼ ପଢ଼

(କ୍ରମଶ)


*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଖାଉଟିଙ୍କୁ ଅତିଷ୍ଠ କରୁଛି ଅଣାୟତ୍ତ ଦରବୃଦ୍ଧି

**ସୋନପୁର :** ଲୋକଙ୍କୁ ଗୋଟିଏ ପଟେ ପଟ୍ରୋଲ ଡିଜେଲ ବୃଦ୍ଧି ଖାଉଟିଙ୍କୁ ଅତିଷ୍ଠ କରିଥିବା ବେଳେ ରନ୍ଧନ ଗ୍ୟାସ,ଖାଇବା ତେଲ ଓ ଅନ୍ୟାନ୍ୟ ସାମଗ୍ରିର ଦର ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ବଜାରରେ ସହେ ଛୁଇଁ ଥିବା ପେଟ୍ରେଲ ଓ ଡିଜେଲ ଆଗାମି ଦିନରେ ଅଧିକ ମହଙ୍ଗା ହେବ ବୋଲି ଆକଳଣ କରାଯାଏ । ଏହାର ପ୍ରଭାବରେ ରନ୍ଧନ ଗ୍ୟାସ ଦର ବଢିପାରେ ବୋଲି ମଧ୍ୟ ଆକଳଣ କରାଯାଏ। ତେଲ ଡାଡିକୁ ନେଇ ରାଜ୍ୟ ରାଜନିତି ସର ଗରମ ରହିବା ସହ ବିଧାନସଭା ମଧ୍ୟ ସର ଗରମ ରହିଛି। ତେବେ ତେଲ ଦରକୁ ନେଇ ଅଜଥା ରାଜନୀତି ହେଉଛି ବୋଲି ବିଜେପି କହିଛି। ସେପଟେ ତେଲ ଦର ବୃଦ୍ଧି ରୋକିବାକୁ ରିଜଭ ବ୍ୟାଙ୍କ ଗଭର୍ଣ୍ଣର କେନ୍ଦ୍ର ଓ ରାଜ୍ୟ ମିଳିତ ପଦେକ୍ଷେପ ନେବାକୁ କହିଛନ୍ତି। ଏପଟେ କିଛି ମାସ ବ୍ୟବଧାନ ରେ ଖଉଟିଙ୍କୁ କନ୍ଦାଇବା ଆରମ୍ଭ କରିଛି ପିଆଜ ଦର। ନିତ୍ୟ ବ୍ୟବହାର ସାମଗ୍ରି ଦର ବି ଖାଉଟିଙ୍କୁ ଅତିଷ୍ଟ କରିଛି। ଏଥିରେ ନିୟନ୍ତ୍ରଣ ଆଣିବା ରେ ସରକାର ବିଫଳ ହୋଇଥିବା ପ୍ରତିୟମାନ ହେଉଛି। ବର୍ଦ୍ଧିତ ମୂଲ୍ୟ ଖାଉଟିଙ୍କ ପାଇଁ ଏବେ ବୋଝ ହୋଇଥିବା ଦେଖାଯାଇଛି। ଏ ବିଷୟରେ ଏକ ଉପସ୍ଥାପନା...



**ଜଗଜ୍ୟୋତି ତ୍ରିପାଠି**
**ବିଜେପି ଟାଉନ ସଭାପତି, ସୋନପୁର**

ବୈଦେଶିକ ବଜାରରେ ପେଟ୍ରେଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ଭାରତ ସହ ଓଡିଶାରେ ମଧ୍ୟ ଦରଦାମ ବୃଦ୍ଧି ହଉେଛି । ଏଥର ପଯ୍ୟାୟ କ୍ରମେ ତେଲ ଦର କମିବ ଏଣୁ କିଛିଦିନ ଆଉ ଲେକଙ୍କୁ ଅପେକ୍ଷା କରିବକୁ ପଡିବ । ତେଲ ଦର ଯେପରି ବଢୁଛି ସେ ଦିଗରେ କେନ୍ଦ୍ର ସରକାର ଯତ୍ନବାନ ଅଛନ୍ତି ଓ ଦର କମାଇବାପାଇଁ ଉଦ୍ୟାମ କରୁଛନ୍ତି । ଯେପରି ଅନ୍ୟ ରାଜ୍ୟ ଗୁଡକ ତୈଳ ଦର କାମାଇଛନ୍ତି ଓଡିଶା ସରକାର ମଧ୍ୟ ସେ ଦିଗରେ ଧ୍ୟାନ ଦେବା ଆବଶ୍ୟକ।



**ରମେଶ ପୁଝାରୀ**
**ବିଜେଡି ସୋନପୁର**

ମେକିନ ଇଣ୍ଡିଆ, ଗରିବ ହଟିବା ଭଳି ସ୍ଲୋଗାନ କେନ୍ଦ୍ର ସରକାର ଯେଉଁ ଆଶା ସଂଚାର କରୁଥିଲେ ତାହା ଏବେ ସଂମ୍ପୁର୍ଣ୍ଣ ଅଲଗା ହୋଇଯାଇଛି । ପେଟ୍ରୋଲ ,ଡିଜେଲ ଓ ଗ୍ୟାସ ର ବୃଦ୍ଧି ସାଧାରଣ ଖାଉଟିଙ୍କ ପେଟରେ ଲାତ ମାରିବା ଭଳି ହୋଇଛି । ଦିନକୁ ଦିନ ନିତ୍ୟ ବ୍ୟବହାର ଜିନିଷ ର ଦରଦାମ ବଢିବାରେ ଲାଗିଛି । କେନ୍ଦ୍ର ସରକାର ଚାହିଁଲେ ଏହାର ମୁଲ୍ୟ ଶୀଘ୍ର ହ୍ରାସ ହେବ।



**ବରୁଣ ସୁନା**
**ସମ୍ପାଦକ ଜିଲ୍ଲା କଂଗ୍ରେସ କମିଟି,ସୋନପୁର**

ଗରିବଙ୍କ ପାଇଁ ଏବେ ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ । ପେଟ୍ରୋଲ ,ଡିଜେଲ ଗ୍ୟାସ ସହ ଚାଉଳ,ଲୁଣ,ତେଲ ଠାରୁ ଆରମ୍ଭ କରି ଅତିଆବଶ୍ୟକ ସାମଗ୍ରି ଦର ଅସହ୍ୟ ହେଲାଣି । ଏହି ଦରଦାମ ବୃଦ୍ଧି ସାଧାରଣ ଖାଉଟିଙ୍କ ପେଟରେ ଲାତ ମାରିବା ଭଳି ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଗରିବି ହଟାଇବା କେବଳ ନାରାବାଜିରେ ସିମିତ ନ ରଖି ତୁରନ୍ତ ମୁଲ୍ୟ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବା ଆବଶ୍ୟକ।



**ଈଶ୍ୱର ଚନ୍ଦ୍ର ବିଶି**
**ସାଧାରଣ ଜନତା,ସୋନପୁର**

ରନ୍ଧାଶାଳରେ ଏବେ ଗୃହିଣି କାନ୍ଦୁଛନ୍ତି । ଏଲ ପି ଜି ଗ୍ୟାସ ଠୁ ଆରମ୍ଭ କରି ପନି ପରିବା ପର୍ଯ୍ୟନ୍ତ ରନ୍ଧନ ଗ୍ୟାସର ବୃଦ୍ଧି ଏବେ ସମସ୍ତଙ୍କୁ ହତାସ କରିଛି । କରୋନ କାଳରେ କିଛି ଲୋକ ରୋଜଗାରରୁ ସଂଚୟ ଶୂନ୍ୟ ହୋଇଯାଇଛନ୍ତି । ସମଗ୍ର ଦର ଦାମ ବୃଦ୍ଧି ଲୋକଙ୍କୁ ହତାସ କରିଛି । ତେବେ ଦରଦମ ବୃଦ୍ଧିରେ ଘର ଚଳାଇବା ମୁସ୍କିଲ ହୋଇପଡିଛି । ଏହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦର ଦାମ ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦେବା ଦରକାର।



**ବିନୟ ରଞ୍ଜନ ପଧାନ**
**ବରିଷ୍ଠ ସାମ୍ବାଦିକ,ସୋନପୁର**

ଯେଉଁ ଭଳି ଭାବରେ ଦରଦାମ ବୃଦ୍ଧି ଘଟୁଛି ତାହ ସାଧାରଣ ଜନତାଙ୍କୁ ବାଧିଲାଭଳି । ଲୋକେ କରୋନା ଭଳି ପରିସ୍ଥିତିର ସାମ୍ନା କରୁଥିବା ବେଳେ ଦରଦାମ ବୃଦ୍ଧି ଲୋକଙ୍କୁ ହତାଶ କରୁଛି । କେନ୍ଦ୍ର ଓ ରାଜ୍ୟ ସରକାର ଜନ ସାଧାରଣଙ୍କ ସ୍ୱର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବା ଦରକାର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହ ଅଚଳ ...

ଏହା ପରେ ସେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ପୁଣି ଦ୍ୱିତୀୟାର୍ଦ୍ଧ ବୈଠକ ହେବା କ୍ଷଣି ଶାସକ ଦଳ ସଭ୍ୟ ମାନେ ବିଧାୟକ ସୁବାସ ପାଣିଗ୍ରାଣୀଙ୍କ କ୍ଷମାପ୍ରାର୍ଥନା ଦାବିରେ ଅଟଳ ରହି ପୁଣି ଥରେ ହଟ୍ଟଗୋଳ କରିଥିଲେ। ପରେ ପରେ ଧାନ କିଣାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ସମାନ ଢଙ୍ଗରେ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ଅଣାୟତ ହେବାରୁ ବାଚସ୍ପତି ୪ ଟା ୨ ରୁ ୪ଟା ୧୭ , ୧୫ ମିନିଟ୍ ପାଇଁ ଗୃହକୁ ମୁଲତବୀ ରଖିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ବିଲ୍ ଉପସ୍ଥାପନ କରିବାକୁ ବାଚସ୍ପତି କହିଥିଲେ। ସମ୍ପୃକ୍ତ ବିଭାଗର ମନ୍ତ୍ରୀମାନେ ହଟ୍ଟଗୋଳ ମଧ୍ୟରେ ବିଲ୍ ଉପସ୍ଥାପନ କରିଥିଲେ। ଏହାପରେ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସମ୍ପୃକ୍ତ ବିଲ୍ ଗୁଡିକର ଆଲୋଚନା ଲାଗି ଦିନ ଓ ସମୟ ଧାର୍ଯ୍ୟ ଲାଗି ଏକ ପ୍ରସ୍ତାବ ଆଗତ କରିଥିଲେ।ମୌଖିକ ଭୋଟ୍ ରେ ତାହା ଗୃହୀତ ହୋଇଥିଲା। ସଦସ୍ୟମାନଙ୍କର ହୋ ହାଲ୍ଲା ଯୋଗୁଁ ୪ଟା ୨୪ ରୁ ୪ ଟା ୩୯ ପର୍ଯ୍ୟନ୍ତ ପୁଣି ଥରେ ଗୃହ ମୁଲତବୀ ରହିଥିଲା। ଏହାସତ୍ତ୍ୱେ ଗୃହ ଚାଲି ନପାରିବାରୁ ବାଚସ୍ପତି କହିଥିଲେ ଯେ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚ ଦାବି ରହିଛି। ଏହା ଉପରେ ଆଲୋଚନା ହେବା ଜରୁରୀ। ଆପଣ ମାନେ ହଟ୍ଟଗୋଳରୁ ବିରତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ବାଚସ୍ପତି ଅନୁରୋଧ କରିଥିଲେ ହେଁ ସେମାନେ ଶୁଣି ନଥିଲେ। ଏହି ଖର୍ଚ୍ଚ ଦାବି ଆସନ୍ତା ୩୦ ତାରିଖ ଦିନ ଗିଲୋଟିନ୍ ଦ୍ୱାରା ପାରିତ ହେବ ବୋଲି ଘୋଷଣା କରିଥିଲେ। ଏହାପରେ ଗୃହ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରହିବା ନେଇ ବାଚସ୍ପତି କହିଥିଲେ।

### ଦ୍ୱିତୀୟ ଲହର ...

ଅନ୍ୟପଟେ ଦେଶରେ ଲଗାତାର ସଂକ୍ରମଣ ବଢ଼ି ଚାଲିଥିବା ବିଶେଷ କରି ମହାରାଷ୍ଟ୍ର, କେରଳ, ପଞ୍ଜାବ, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଗୁଜୁରାଟରେ ସଂକ୍ରମଣ ବଢୁଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସତର୍କ କରାଇଛନ୍ତି। ଜାତୀୟ ସଂକ୍ରମଣ ହାରଠାରୁ ଏହି ୬ ରାଜ୍ୟର ସଂକ୍ରମଣ ହାର ଯଥେଷ୍ଟ ଅଧିକ ରହିଛି ଏବଂ ସକ୍ରିୟ ମାମଲା ମଧ୍ୟ ବଢ଼ିଛି। ହର୍ଷବର୍ଦ୍ଧନ କହିଛନ୍ତି, ଦେଶରେ ମୃତ୍ୟୁହାର ବହୁତ କମ ରହିଛି ଏବଂ ଟିକା ବି ଅଛି। କିନ୍ତୁ ଏହାସତ୍ତ୍ୱେ ବି କରୋନାକୁ ନେଇ ବେପରୁଆ ହେଲେ ସ୍ଥିତି ନିୟନ୍ତ୍ରଣ ବାହାକୁ ଚାଲିଯିବ। ଲୋକଙ୍କ ବେପରୁଆ ଏବଂ ଖାମଖିଆଲ କାର୍ଯ୍ୟ ଯୋଗୁଁ ୬ ରାଜ୍ୟରେ ସଂକ୍ରମଣ ବଢ଼ିଚାଲିଛି। ତେଣୁ କରୋନକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ କରୋନା ନିୟମାପଳି ମାନିବାକୁ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଅନୁରୋଧ କରିଛନ୍ତି। ସମସ୍ତେ ପୁରି ପୂର୍ବପରି ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରକୁ ପଠାଯାଇଥିବା ବିଶେଷଜ୍ଞ ଟିମ୍‌ଙ୍କ ମତ ଅନୁଯାୟୀ ମହାରାଷ୍ଟ୍ରରେ କରୋନା ନିୟମାବଳୀର ବ୍ୟାପକ ଉଲ୍ଲଙ୍ଘନ ହୋଇଛି। ମହାରାଷ୍ଟ୍ରରେ ଏବେ ଦୈନିକ ସଂକ୍ରମଣ ୧୫ ହଜାରରୁ ଅଧିକ ରହିଥିବା ବେଳେ ସକ୍ରିୟ ମାମଲା ୭୪ ହଜାର ଟପି ଯାଇଛି। ପଞ୍ଜାବରେ ଏବେ ସକ୍ରିୟ ମାମଲା ପ୍ରାୟ ୮ ହଜାର ରହିଥିବାରୁ ଅଧିକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି।

### 'ସେଦିନର ...

ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ନୂଆପଡା ବାସୀ ଫ୍ଲୋରାଇଡି ପାଣି ଯୋଗୁଁ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମା ମାନଙ୍କୁ ଭଲ ପିଇବା ପାଇଁ ମାଇଲ ମାଇଲ ବାଟ ଯିବାକୁ ପଡୁଥିଲା। ଆଜି ସେ ସମସ୍ୟା ନାହିଁ। ଆଜି ନୂଆପଡାର ଏକ ଲକ୍ଷ ପରିବାର ପାଖରେ ଆଜି ପାଇପ ପାଣି ପହଞ୍ଚି ପାରିଛି ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ପାଣିରୁ ଫ୍ଲୋରାଇଡ ଦୂର କରିବା ପାଇଁ ୧୧୦୦ ରୁ ଅଧିକ ଫ୍ଲୋରାଇଡ ରିମୁଭାଲ ପ୍ଲାଣ୍ଟ ଇନ୍‌ଷ୍ଟଲ କରାଯାଇଛି। ୯୦୦ ରୁ ଅଧିକ ଗାଁକୁ ସଂପୂର୍ଣ୍ଣ ଭାବରେ ଫ୍ଲୋରାଇଡ୍ ସମସ୍ୟାରୁ ମୁକ୍ତ କରାଯାଇଛି। ୨୦୨୨ ସୁଦ୍ଧା ନୂଆପଡାର ସବୁ ପରିବାରକୁ ଶତ ପ୍ରତିଶତ ପାଇପ ପାଣି ଯୋଗାଇ ଦିଆଯିବ। ଏଥିପାଇଁ ୭୦୦ କୋଟି ଟଙ୍କା ୨୦୫ ଟି ପାଇପ ୱାଟର ସପ୍ଲାଇ ପ୍ରୋଜେକ୍ଟ ଏବଂ ଗୋଟିଏ ମେଗା ପାଇପ ୱାଟର ସପ୍ଲାଇ ପ୍ରୋଜେକ୍ଟ କାମ ଚାଲିଛି। ଆଜି ଉଦଘାଟିତ ଲୋୟର ଇନ୍ଦ୍ର ପ୍ରୋଜେକ୍ଟକୁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚିର ମରୁଡି ପ୍ରପୀଡିତ ଅଞ୍ଚଳ ନୂଆପଡାରେ ଆଜି ନୂଆ ସବୁଜିମା ସୃଷ୍ଟି ହୋଇଛି। ନୂଆପଡା ଆଜି ବିକାଶର ନୂଆ ଇତିହାସ ଲେଖିଛି। ଜିଲ୍ଲାରେ ଗତ ଦଶ ବର୍ଷ ମଧରେ ଜଳସେଚନ ସୁବିଧା ୫୪ପ୍ରତିଶତ ବଢିଛି। ଜିଲ୍ଲାର ଦେଢ ଲକ୍ଷ ଏକର ଜମିକୁ ଆଜି ପାଣି ସୁବିଧା ମିଳିଛି। ନୂଆପଡାର ଚାଷୀ ଆଜି ଧାନ ଉତ୍ପାଦନ ସହିତ ଆଜି ମକା ଚାଷ , କପା ଚାଷ କରିପାରୁଛି। ଆଜିର ଏ ପ୍ରକଳ୍ପ ଚାଷୀ ମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବ। ଏ ପ୍ରକଳ୍ପ ଦ୍ୱାରା ନୂଆପଡାର କୋମନା, ଖଡିଆଳ ଓ ବଲାଙ୍ଗୀରର ବଙ୍ଗୋମୁଣ୍ଡା, ମୁରିବାହାଲ ଓ ଟିଟିଲାଗଡ ବ୍ଲକ ର ୨୦୦ ଟି ଗାଁ ର ୧,୮୦,୦୦୦ ଲୋକ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପ ପାଇଁ ଜମି ଦେଇଥିବା ଲୋକମାନଙ୍କୁ ସେମାନଙ୍କ ତ୍ୟାଗ ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ନୂଆପଡାରେ ଚାଲିଥିବା ୨୨୦ କୋଟି ଟଙ୍କାର ମେଗା ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ ଏବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହାଦ୍ୱାରା କୋମନା, ନୂଆପଡା, ସିନାପାଲୀ ଓ ବୋଡେନ ଅଞ୍ଚଳର ୧୮୦୦୦ ଏକରରୁ ଅଧିକ ଜମିକୁ ପାଣି ମିଳିପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଲୋୟର ଇନ୍ଦ୍ର ପ୍ରୋଜେକ୍ଟ ଅଣ୍ଡରଗ୍ରାଉଣ୍ଡ ପାଇପ ଲାଇନ୍ ଟେକ୍ନୋଲୋଜିରେ ନିର୍ମିତ ହୋଇଥିବାରୁ ଏହି ପ୍ରୋଜେକ୍ଟରୁ ଆଉ ୭୫୦୦ ଏକର ଜମିକୁ ପାଣି ଯୋଗାଇବା ପାଇଁ କାମ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଲୋୟର ଇନ୍ଦ୍ର ସାଇଟ୍‌ରେ ୩ କୋଟି ଟଙ୍କା ବ୍ୟୟରେ ଏକ ସାଇନ୍ସ ପାର୍କ ଓ ମ୍ୟୁଜିୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି ନୂଆପଡା ଓ ଖଡିଆଳ ଏନ୍‌ଏସିରେ ଦୁଇଟି ଇନ୍‌ଡୋର ଷ୍ଟାଡିୟମ ସହିତ ଖଡିଆଳ ଅଟୋନୋମାଉସ୍ କଲେଜରେ କ୍ରୀଡା ଭିତ୍ତିଭୂମିର ବିକାଶ କରାଯିବ। ନୂଆପଡା ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଗତ କିଛି ବର୍ଷ ମଧ୍ୟରେ ବିକାଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆପଡାରେ ଶିଶୁ ମୃତ୍ୟୁହାର କମିଛି। ମା ମାନଙ୍କ ଜୀବନ ବଞ୍ଚାଇବାରେ ମଧ ନୂଆପଡା ବହୁତ ଭଲ କାମ କରିଛି। ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ରାଜ୍ୟର ବଡ ବଡ ସହରର ହସ୍ପିଟାଲ ସହ ସମକକ୍ଷ ହୋଇପଡ଼ିଛି। ବିଜୁ ଏକ୍ସପ୍ରେସ ୱେ ରେ ସବୁଠାରୁ ଅଧିକ ଲାଭ ପାଇଛି ନୂଆପଡା। ୬୮୦ କୋଟି ଟଙ୍କା ଖର୍ଚ୍ଚରେ ୧୩୨ କି.ମି ରାସ୍ତା କେବଳ ନୂଆପଡାରେ ହିଁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇ ଜିଲ୍ଲାର ବିକାଶରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂଆପଡା ସହ ବିଜୁବାବୁଙ୍କ ସମ୍ପର୍କ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆପଡାକୁ ବିଜୁବାବୁ ଏକ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କଲେ। ସେତେବେଳେ କିଛି ଲୋକ ତାଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଏତେ ଛୋଟ ଅଞ୍ଚଳକୁ କାହିଁକି ଜିଲ୍ଲା କଲେ? ସେତେବେଳେ ବିଜୁବାବୁ କହିଥିଲେ, ନୂଆପଡା ଓଡିଶା ମା'ର ସବୁଠାରୁ ସାନ ପିଲା। ସେ ପୁଣି ଦୂରରେ ଅଛି। ସବୁ ବାପା ମା' ଯେପରି ଦୂରରେ ଥିବା ପିଲାକୁ ଅଧିକ ଭଲ ପାଆନ୍ତି , ମୁ ମଧ ସେପରି ନୂଆପଡାକୁ ସ୍ୱତନ୍ତ୍ର ଧ୍ୟାନ ଦେଉଛି। ଆଜି ନୂଆପଡାର ରୂପାନ୍ତରକୁ ଆପଣ ମାନେ ଦେଖି ପାରୁଛନ୍ତି ଓ ଅନୁଭବ କରିପାରୁଛନ୍ତି। ବିଜୁବାବୁଙ୍କର ସେଦିନର ସାନ ପିଲା ନୂଆପଡା ଆଜି ବଡ ହୋଇଛି। ସଶକ୍ତ ହୋଇଛି। ସବୁଜ ହୋଇଛି। ଓଡିଶାର ବିକାଶ ଯାତ୍ରାରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିପାଇଁ ମୁଁ ବହୁତ ଖୁସି। ନୂଆପଡାରେ ବିକାଶର ଏ ଧାରା ଆହୁରି ଆଗକୁ ବଢିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲାର ଭେଲା ଗାଁ ର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭେଲାର ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇ ସେଠାରେ ଏକ ସ୍ମାରକ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଓ ନୂଆପଡା ଜିଲ୍ଲାର ବିଧାୟକ ମାନେ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଯୋଗ ଦେଇଥିଲେ।

### ଦୂଷିତ ଅଞ୍ଚଳ ...

ମନୁଷ୍ୟ ମଧ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ଜାତୀୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ରିପୋର୍ଟ ଆସିବା ପରେ ଚେତିଉଠିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଦୂଷିତ ରସାୟନିକ ପଦାର୍ଥ ଦ୍ୱାରା ହେଉଥିବା ପ୍ରଦୂଷଣ ରୋକିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଜଳବାୟୁ ଦୂଷିତ କରୁଥିବା ଫ୍ୟାକ୍ଟ୍ରି, ସଂସ୍ଥା, କଳ କାରଖାନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ଗୁଡିକୁ ଆଲର୍ଟ କରାଯାଇଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶରେ ଓଡ଼ିଶା ସମେତ ୭ଟି ରାଜ୍ୟର ୧୪ଟି ଦୂଷିତ ସ୍ଥାନକୁ ସଫା କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏପରି ଦୂଷିତ ସ୍ଥାନରେ ଥିବା ପ୍ରଦୂଷିତ ମୃତ୍ତିକା, ଭୂତଳ ଜଳ, ଭୂପୃଷ୍ଠ ଜଳ, ଭୂମିକୁ ସଫା କରାଯାଉଛି। ପ୍ରତ୍ୟେକ ଚିହ୍ନିତ ଉପାଦାନ ପାଇଁ ପୂର୍ବ ନିର୍ଦ୍ଧାରିତ ପ୍ରତିକାର ଲକ୍ଷ୍ୟ ସ୍ଥିର କରି ବିଭିନ୍ନ ଇନ୍-ସିଟ୍ କିମ୍ବା ଏକ୍ସ-ସିଟ୍ କ୍ଲିନ୍ ଅପ୍ ଟେକ୍ନୋଲୋଜି ଗ୍ରହଣ କରାଯାଉଛି।

### ବନାଗ୍ନି ...

ଏସଏମଏସ୍ ଜରିଆରେ ତଥା ହ୍ୱାଟସଆପ୍ ମାଧ୍ୟମରେ କ୍ଷେତ୍ରୀୟ କର୍ମଚାରୀଙ୍କ ପଂଜୀକୃତ ମୋବାଇଲ୍‌କୁ ଏବଂ ଇମେଲ୍‌ରେ ବନଖଣ୍ଡ କାର୍ଯ୍ୟାଳୟକୁ ତୁରନ୍ତ ପ୍ରେରଣ କରାଯାଉଅଛି । ବନ କର୍ମଚାରୀମାନେ ତୁରନ୍ତ ଏହି ପଏଂଟଗୁଡ଼ିକରେ ପହଂଚି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କ୍ଷେତ୍ର ସ୍ତରରେ ଜଙ୍ଗଲ ଅଗ୍ନି ନିୟନ୍ତ୍ରଣ ନିମନ୍ତେ ବର୍ଦ୍ଧିତ ମାନବ ଶକ୍ତି ଏବଂ ଭିତିଭୂମିର ଦୃଢ଼ୀକରଣ ଫଳପ୍ରଦ ଭାବରେ ବ୍ୟବହୃତ ହେଉଛି । ଅସୁରକ୍ଷିତ ବନାଂଚଳ ଏବଂ ବନାଗ୍ନି ପ୍ରାବଲ୍ୟ ସ୍ଥାନ ଗୁଡ଼ିକର ସୁରକ୍ଷା ନିମନ୍ତେ ଅଧିକ ଅଗ୍ନି ସଚେତନତା, ଅଗ୍ନି ନୀରିକ୍ଷଣକାରୀ ଦଳ ଏବଂ ଲିଫ୍ ବ୍ଲୋୟର୍ ନିୟୋଜନ କରାଯାଇଅଛି। ଅଗ୍ନି ନିୟନ୍ତ୍ରଣରେ ସକ୍ରିୟ ଭୂମିକା ପାଇଁ ସ୍ଥାନୀୟ କିମ୍ବା ଭିଏସଏସ ସଦସ୍ୟଙ୍କୁ ପ୍ରୋତ୍ସାହନ ପ୍ରଦାନ ଏବଂ ପୁରସ୍କାର ବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକତା ଅନୁଯାୟୀ ଦେୟ ଆଧାରରେ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କୁ ଅଗ୍ନି ନିର୍ବାପକ କାର୍ଯ୍ୟରେ ନିୟୋଜିତ କରିବାକୁ ରାଜ୍ୟ ସରକାର ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନାଗ୍ନି ଦମନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ସ୍ଥାନୀୟ ଲୋକଙ୍କର ସହଯୋଗକୁ କାୟମ ରଖି ବନାଗ୍ନିକୁ ଦମନ କରିବା ନିମନ୍ତେ ସମସ୍ତ ଉଦ୍ୟମ ଜାରି ରଖିବାକୁ ସମ୍ପୃକ୍ତ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ମୋନା ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ସେଂଟ୍ରାଲ୍ ଟିମ୍ ଶିମିଳିପାଳ ଗସ୍ତ ପରେ ବର୍ତମାନ କୁଳଡିହା ବନ୍ୟଜନ୍ତୁ ଅଭୟାରଣ୍ୟରେ ଆମର କ୍ଷେତ୍ର ଅଧିକାରୀମାନଙ୍କ ସହ ଅଗ୍ନି ପ୍ରଭାବିତ ଅଂଚଳ ପରିଦର୍ଶନ କରୁଛନ୍ତି । ରାଜ୍ୟରେ ଜଙ୍ଗଲ ଅଗ୍ନି ପରିଚାଳନା ପାଇଁ ସରକାର ଏବଂ ଟାସ୍କ ଫୋର୍ସ ଦ୍ୱାରା କ୍ଷେତ୍ର ଅଧିକାରୀଙ୍କ ସହିତ ଅଗ୍ନି ସ୍ଥିତିର ନିରନ୍ତର ବ୍ୟକ୍ତିଗତ ତଦାରଖ ଓ ସମୀକ୍ଷା ଜାରି ରହିଛି।

### ମଦ ଓ ଚରସ ...

ମଠ, ମନ୍ଦିର, ବିଦ୍ୟାଳୟ, ପୋଲ ଓ ଭଙ୍ଗା, ଦଦରା ଘର ଗୁଡିକରେ ମଦ୍ୟପ ଯୁବକମାନେ ଆଡ୍ଡା ଜମାଇ ମଦ, ଗଞ୍ଜେଇ, ଚରସ ଓ ବ୍ରାଉନସୁଗାର ପ୍ରଭୃତି ଖାଇ ସେମାନଙ୍କ ଚାହିଦା ବଢ଼ାଇ ବଢ଼ାଇ ଚାଲିଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳୁଛି ଯେ ଥାନା କର୍ତ୍ତୃପକ୍ଷ ଓ ଅବକାରୀ ବିକାଗ ଅଧିକାରୀମାନେ କେଉଁ କେଉଁ ସ୍ଥାନରେ ଜିନିଷ ସବୁ ବିକ୍ରୟ କରାଯାଉଛି ବା ନେଣଦେଣ କରାଯାଉଛି, ତାହା ସବୁ ଜାଣିଥିଲେବି ମାସିକିଆ ହାତଗୁଞ୍ଜା ଆଣି ସକ୍ରିୟ ପରିବର୍ତ୍ତେ ନିଷ୍କ୍ରିୟ ହେଉଥିବାର ଦେଖିବାକୁ ମିଳୁଛି। ଏପରିକି କୋରନା କୋଟକଣାକୁ ଏହି ମଦ୍ୟପ ଯୁବକ ବା ବେପାରିମାନେ ନମାନି ସରକାରଙ୍କ ନିୟମକୁ ଫୁ କରି ଉଡେଇ ଦେଉଛନ୍ତି। କୌଣସି ଥାନା କର୍ତ୍ତୃପକ୍ଷ ବା ଅବକାରୀ ବିଭାଗ ଅଧିକାରୀ ଲୋକଦେଖାଣିଆ ଭାବେ ଚଢ଼ଉ କରିବା, ଗିରଫ କରିବା ବା ମଦଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ମଧ ସେହି ଅଭିଯୁକ୍ତମାନେ ଖୁବ୍ କମ୍ ଦିନରେ କୋର୍ଟରୁ ଜାମିନିରେ ଆସି ପୁନର୍ବାର ବ୍ୟବସାୟ କରିବାରେ ସକ୍ଷମ ହେଉଛନ୍ତି। ଦିନକୁ ଦିନ ଛତୁ ଫୁଟିବା ପରି ଗାଁ ଗହଳି ମାନଙ୍କରେ ଗଢ଼ିଉଠୁଥିବା ଏହି ଚୋରା ମଦବ୍ୟବସାୟୀ ମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ରକ୍ଷଣାବେକ୍ଷଣ ଅଭାବରୁ ଜିଲ୍ଲା ବୃକ୍ଷ ଶୂନ୍ୟ

**ଜଗତ୍‌ସିଂହପୁର :** ସମଗ୍ର ରାଜ୍ୟରେ ଚଳିତ ବର୍ଷ ପ୍ରବଳ ଖରାସାଙ୍ଗକୁ ବର୍ଷାର ଆର୍ବିଭାବ ଦେଖିବାକୁ ମିଳୁନଥିବାବେଳେ ଶିମିପାଳ ସ୍ଥିତି ଚିନ୍ତାଜନକ ହୋଇପଡିଛି। ସରକାର ପ୍ରତିବର୍ଷ ବିଶ୍ୱମୃର୍ତ୍ତିକା ଦିବସ ପାଳନ ଓ ବନମହୋତ୍ସବ ଦିବସ ପାଳନ କରି ରାଜକୋଶରୁ କୋଟି କୋଟି ଟଙ୍କା ବିର୍ନିମୟ କରୁଥିବାବେଳେ, ଜଗତ୍‌ସିଂହପୁର ଜିଲ୍ଲା ପରି ଏକ ଶିକ୍ଷିତ ଜିଲ୍ଲାରେ ଦିନକୁ ଦିନ ବୃକ୍ଷମାନଙ୍କରେ ନିଆଁ ଲଗାଇ ବୃକ୍ଷସବୁ ପଦା ହୋଇଗଲାଣି। ଏପରିକି କୃତିମ ଜଙ୍ଗଲ ସୃଷ୍ଟି ହୋଇପାରୁନାହିଁ। ରାସ୍ତା ପାର୍ଶ୍ୱବର୍ତ୍ତୀ ଜମି ସବୁ ଏବେ କୋଠାଘର ନିର୍ମାଣ ହୋଇ ଜିଲ୍ଲା ବୃକ୍ଷଶୂନ୍ୟ ହେବାକୁ ବସିଲାଣି। କଟକ-ପାରାଦ୍ୱୀପ ରାସ୍ତା ହେଉ ବା କନ୍ଦରପୁର-ଜଗତ୍‌ସିଂହପୁର ରାସ୍ତା ହେଉ ଉଭୟ ପାର୍ଶ୍ୱରେ ବନବିଭାଗ ନିଗମ ପକ୍ଷରୁ ଔଷଧୀୟ ବୃକ୍ଷସବୁ ଲଗାଯାଇ ଯାତ୍ରୀମାନଙ୍କୁ ସୁରକ୍ଷା ଦେଉଥିବାବେଳେ ଏବେ କେତେକ କାଠମାଫିଆମାନେ ଏଥିରେ ନିଆଁ ଲଗାଇ ଦେଇ ଗଛ ସବୁକୁ କାଟି ଦେବାରେ ସକ୍ଷମ ହେଉଛନ୍ତି, ଯାହାଫଳରେ ଅସୁନ୍ତଳନ ପରିସ୍ଥିତି ସୃଷ୍ଟି ହେଲାଣି। ଏ ସବୁ ସମସ୍ୟାକୁ ଦେଖି ଚିନ୍ତା ବଢ଼ିଗଲାଣି ପରିବେଶବିତ୍ ମାନଙ୍କ ମହଲରେ। ଚଳିତ ବର୍ଷ ଗ୍ରୀଷ୍ମପ୍ରବାହ, ଶୀତ ଓ ବର୍ଷାର ସନ୍ତୁଳନ ଯେ କିପରି ହେଉଛି ତାହା ଚିନ୍ତାର ବିଷୟ ପାଲଟି ଗଲାଣି। ଜିଲ୍ଲାର ବିଭିନ୍ନ ରାସ୍ତାର ଉଭୟ ପାର୍ଶ୍ୱରେ ବନବିଭାଗ, ମୃର୍ତିକା ସଂରକ୍ଷଣ ବିଭାଗ ଏବଂ ସଡ଼କ ପରିବହନ ଓ ନିର୍ମାଣ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲେ ବି ପ୍ରତିବର୍ଷ ଏଗୁଡିକରେ ନିଆଁ ଲଗାଯାଇ ବା ବିଦ୍ୟୁତ୍ ବିଭାଗ ପକ୍ଷରୁ ବୃକ୍ଷଗୁଡିକୁ କାଟି ଦେଇ ଜାଳରେ ପରିଣତ କରିଦିଆଯାଉଛି। ଏଥିରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବାର ଦେଖିବାକୁ ମିଳୁଛି। ଏପରିକି ବହୁ ସ୍ଥାନରେ ଦେଖିବାକୁ ମିଳୁଛି ଯେ, ଯେଉଁମାନେ ରାସ୍ତା ପାର୍ଶ୍ୱରେ ବ୍ୟବସାୟ ଗୃହ, ଦୋକାନ ବଜାର ଓ ବାସଗୃହ ନିର୍ମାଣ କରୁଛନ୍ତି ସେମାନେ ଏହି ବୃକ୍ଷରାଜି ସବୁକୁ ପଦାକରିଦେବାରେ ସକ୍ଷମ ହେଉଛନ୍ତି। ଏଥିରେ ଜିଲ୍ଲାପ୍ରଶାସନ ହେଉ ବା ବିଭାଗୀୟ ଅଧିକାରୀମାନେ ନିରବ ରହିଯିବା ଦ୍ୱାରା ବୃକ୍ଷସବୁ ପଦା ହୋଇଯିବାକୁ ବସିଲାଣି। ୧୯୯୯ ମହାବାତ୍ୟାରେ ଜଗତ୍‌ସିଂହପୁର ଜିଲ୍ଲା ପରିସ୍ଥିତି ଯାହା ହୋଇଥିଲା ଆଗାମୀ ଦିନରେ ଜଙ୍ଗଲଜମି ସବୁ ପଦା ହୋଇ ବିପର୍ଯ୍ୟୟ ଆଡକୁ ମୁହାଁଇବାରେ ସକ୍ଷମ ହେବ। ବିଶେଷଜ୍ଞ ମହଲରୁ ଜାଣିବାକୁ ମିଳୁଛି ଯେ ବଡ଼ ବଡ଼ ସଂରକ୍ଷିତ ଜଙ୍ଗଲ ଜମି ହେଉ ବା ରାସ୍ତା ପାର୍ଶ୍ୱମାନଙ୍କରେ ଥିବା ବୃକ୍ଷରାଜି ଗୁଡିକର ଅବକ୍ଷୟ ଘଟିଲେ ସେଥିରେ ମୁକ୍ତ ବିଚରଣ କରୁଥିବା ପଶୁ ସମ୍ପଦ ଗୁଡିକ ମଧ ଲୋପପାଇଯାଇପାରେ। ଚିନ୍ତାର ବିଷୟ ହେଉଛି ଯେ ଜିଲ୍ଲା ସନ୍ତୁଳନ ସୃଷ୍ଟି ହେବାରେ ପରିବର୍ତ୍ତନ ଆବଶ୍ୟକ କରୁଛି। ଯଦି ଏଥିରେ ସରକାର ଗୁରୁତ୍ୱ ନଦିଅନ୍ତି ତେବେ ଆଗାମୀ ଦିନରେ ଆମ ପୂର୍ବପିଢ଼ିମାନଙ୍କ ପାଇଁ ଚିନ୍ତାର କାରଣ ହୋଇଯିବ। ବୃକ୍ଷରାଜି ଗୁଡିକର ବିନାଶ ପାଇଁ ଆଗକୁ ଜନଅସନ୍ତୋଷ ବୃଦ୍ଧିହେବାର ଆଶଙ୍କା ସୃଷ୍ଟି ହେଲାଣି। ବୃକ୍ଷରାଜି ଗୁଡିକର ସୁରକ୍ଷା ପାଇଁ ଯଦି ବିଭାଗୀୟ ଅଧିକାରୀମାନେ ନିଆଁ ଲଗାଯାଉଥିବା ସ୍ଥାନ ଗୁଡିକର ସମୀକ୍ଷା କରି ଓ ଏଥିରେ କେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ନାମରେ ଏତଲା ଦାଖଲ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତେ ବୃକ୍ଷରାଜି ଗୁଡିକର ବିନାଶ ପରିବର୍ତ୍ତେ ସହାୟକ ହୋଇପାରନ୍ତା।

# ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ନବରଙ୍ଗପୁର ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟର ସମସ୍ୟା ଏବଂ ରହିଥିବା ଉନ୍ନତିକରଣର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷକ / ଶିକ୍ଷୟିତ୍ରୀମାନେ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ ଛାତ୍ରଛାତ୍ରୀମାନଙ୍କ ସହ ସୁସମ୍ପର୍କ ବଜାଇ ରଖି ଉତ୍ତମ ଶିକ୍ଷା ଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଶିକ୍ଷା ଦାନରମାନ ଦଣ୍ଡକୁ ସୁଦୃଢ଼ କରି ଗଢ଼ି ତୋଳିବା ପାଇଁ ପରାମର୍ଶ ଦେବା ସହ ଏହି ପୁରାତନ ବିଦ୍ୟାଳୟକୁ ଏକ ନୂତନ ରୂପରେଖ ଦେଇ ସମସ୍ତେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ଦରକାର ବୋଲି କହିଥିଲେ ଜିଲ୍ଲାପାଳ। ଉନ୍ନତମାନର ଶିକ୍ଷା ଦାନ ପାଇଁ ଖୋଲା ଯାଇଥିବା ସ୍ମାର୍ଟକ୍ଲାସ ରୁମ, ପିଇବା ପାଣି ବ୍ୟବସ୍ଥା, ଲାଇବ୍ରେରୀ, ଖେଳ ପଡିଆ ଆଦିର ଉନ୍ନତିକରଣ କାର୍ଯ୍ୟ ଯଥାଶୀଘ୍ର ସରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଡଃ ମିଶ୍ର। ଏହି ବିଦ୍ୟାଳୟର ଉନ୍ନତିକରଣ ପାଇଁ ଆବଶ୍ୟକ ହେଉଥିବା ପାଣ୍ଠି ପଞ୍ଚାୟତ ସମିତି ନବରଙ୍ଗପୁର ୧୫ଲକ୍ଷ, ପୌରପାଳିକା ନବରଙ୍ଗପୁର ୧୫ଲକ୍ଷ, ଆଇଟିଡିଏ ନବରଙ୍ଗପୁର ୨୦ଲକ୍ଷ ଟଙ୍କା ଯୋଗାଇ ଦେବା ପାଇଁ ଏହି ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କ ସମେତ ପି,ଆଇଟିଡିଏ ଅଣାକାର ଠାକୁର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁପ୍ରିୟା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟିର ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବେସରକାରୀ ଏନ୍ ଆଇ ଓଏସ୍ ଡିଏଲଇଡି ଶିକ୍ଷକ ସଂଘର ବୈଠକ



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଶିକ୍ଷକ ଭବନଠାରେ ବେସରକାରୀ ଏନ୍ ଆଇ ଓଏସ୍ ଡି ଏଲ ଇଡି ଶିକ୍ଷକ ସଂଘର ଏକ ସାଧାରଣ ବୈଠକ କଳାହାଣ୍ଡି ଜିଲ୍ଲା ସଂଘର ସଭାପତି ବରଦା ପ୍ରସନ୍ନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରେମାନନ୍ଦ ଚୌଧୁରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ୨୦୧୭ ରୁ ୨୦୧୯ ମଧ୍ୟରେ ଆୟୋଜିତ ହୋଇଥିବା ଏନ୍ ଆଇ ଓଏସ୍ ଡି ଏଲ ଇଡିର ପରୀକ୍ଷାରେ ଯୋଗ ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଆଲୋଚନାର ବିଷୟ ଥିଲା ଏନ୍‌ସି ସମସ୍ୟା ଯେଉଁଟାକି ସରକାରଙ୍କ ଦ୍ୱାରା ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ। ସରକାରଙ୍କ ବିଧିବଧ ଘୋଷଣା ଏନ୍‌ସି ସମ୍ବନ୍ଧରେ ହୋଇନଥିବାରୁ ଅଧିକାଂଶ ଛାତ୍ରଛାତ୍ରୀ ତାଙ୍କର ନିଜସ୍ୱ ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ ହେଉଛନ୍ତି ଦ୍ୱାରା ସେମାନଙ୍କୁ ଏକ ବିଷମ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡିଛି ଯଥା କିଛି ସରକାରୀ ଅନୁଦାନ ପାଇବାରୁ ବଞ୍ଚିତ ହେଉଚନ୍ତି ତ ଆଉ କିଛି ବେସରକାରୀ ଅନୁଷ୍ଠାନରେ ଚାକିରି କରୁଥିଲେ ମଧ ସେମାନଙ୍କର ଚାକିରି ଖଣ୍ଡାଧାରରେ ଝୁଲୁଛି। ଯେଉଁଥିପାଇଁ ଏନ୍ ଆଇ ଡି ଏଲ୍ ଇଡି ସଂସ୍ଥା ଦାୟୀ। ଶେଷରେ ଜିଲ୍ଲା ସମ୍ପାଦକ ଗୁରୁଚରଣ ମଙ୍ଗରାଜ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଏଥିରେ ସଭ୍ୟ ସଦସ୍ୟ ଦିଗାମ୍ବର ସାହୁ, ଉପେନ୍ଦ୍ର କୁମାର ମୁଣ୍ଡ, ପ୍ରତାପ ଗୋପାଳ, ନରେନ୍ଦ୍ର ମାଝୀ, ଅନୁସାୟା ନାୟକ, ବିଦ୍ୟୁତ୍ ପ୍ରଭା ଖମାରି, ଦିଲୀପ ଚୌଧୁରି, କ୍ଷମା ପ୍ରସାଦ ନାୟକ, ସଞ୍ଜିତ କୁମାର ହରିଜାନଙ୍କ ସମେତ ବହୁ ବେସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକରେ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ।

# ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ ମହର୍ଷିମାନଙ୍କ ଭବିଷ୍ୟବାଣୀ



**ସୌରଚନ୍ଦ୍ର ମହାପାତ୍ର**

କସ୍ତୁରୀଙ୍କ ଦ୍ୱାରା ରଚିତ 'ସତ୍ୟଂ ଶିବଂ ସୁନ୍ଦରମ୍' ପାଠ କରିବା ବେଳେ ଭାରତୀୟ ଜ୍ୟୋତିର୍ବିଜ୍ଞାନ ସମାଜର ସଦସ୍ୟ ଡଃ ଇଭିଭି ଶାସ୍ତ୍ରୀ ବାବାଙ୍କ ଜାତକ ଦ୍ୱାରା ଆକର୍ଷିତ ହୋଇଥିଲେ। ବୃତ୍ତିଗତ ଆଗ୍ରହ ଯୋଗୁ ସେ ନାଡି ଗ୍ରନ୍ଥମାନଙ୍କୁ ପରୀକ୍ଷା କରିବାକୁ ଆରମ୍ଭ କଲେ। ସେ ଅଗସ୍ତ୍ୟନାଡି, ବୁଧନାଡି ଓ ଶୁକ୍ରନାଡି ଅଧ୍ୟୟନ କଲେ। ସେ ଲକ୍ଷ୍ୟ କଲେ ଯେ ବାବାଙ୍କ ଜାତକ ତିନୋଟି ଯାକ ଗ୍ରନ୍ଥରେ ଯାହା ଘୋଷିତ ହୋଇଛି ତା ସହ ସମାନ।

ଅଗସ୍ତ୍ୟ ନାଡି : ଏହି ଜାତକ ଚିକିତ୍ସା ବିଜ୍ଞାନରେ ବିଶେଷଜ୍ଞ ହେବ ଏବଂ ବିଜୁଳି ବେଗରେ ରୋଗ ଆରୋଗ୍ୟ କରିବ। ଖାଲି ଇଚ୍ଛା କଲେ ସେ ଅନେକ ରୋଗ ଭଲା କରିପାରିବ। ସେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବ। ଧାର୍ମିକ ଜୀବନକୁ ଉନ୍ନତ କରୁଥିବା ଅନେକ ଗ୍ରନ୍ଥ ରଚନା କରିବ। ମନୁଷ୍ୟ ମାନଙ୍କଠାରେ ଆଧ୍ୟାତ୍ମିକ ଚିନ୍ତନକୁ ଉତ୍ସାହିତ କରିବ। ପିଲାଦିନରୁ ମାତା ପିତାଙ୍କ ଠାରୁ ଦୂରେଇ ଯିବ। ସେ ଧର୍ମୋଦ୍ଧରଣ ଓ ଧର୍ମସଂସ୍ଥାପନକୁ ଲକ୍ଷ୍ୟ କରିଥିବା ତାର କାର୍ଯ୍ୟକ୍ରମ ପୂର୍ଣ୍ଣ କରିବ। ସେ ପୂର୍ବଜନ୍ମର ଶିରିଡ଼ି ସାଇ ବାବାଙ୍କ ଛଡ଼ା ଆଉ କେହି ନୁହେଁ। ସେ ପ୍ରେମର ପ୍ରତୀକ। ଏହି ଜଗତର ପିତା। ସେ ଅଖିଳାଧାରପତି।

ବୁଧ ନାଡି : ଏହି ଜାତକ ସର୍ବଦା ଆନନ୍ଦିତ। ସେ ସର୍ବଦା ଦିବ୍ୟାନନ୍ଦ ଓ ବ୍ରହ୍ମାନନ୍ଦରେ ସଂପୃକ୍ତ ରହିବ।

ଶୁକ୍ର ନାଡି : ଏହି ଜାତିକର ସାଇବାବାଙ୍କର ସବୁ ଶକ୍ତି ରହିବ। ନିଜର ପ୍ରେମ, ସ୍ନେହ ଓ ଜ୍ଞାନଶକ୍ତି ବଳରେ ସେ ସମଗ୍ର ଜଗତକୁ ନିତ୍ୟାନନ୍ଦ ପ୍ରଦାନ କରିବ। ସେ ପ୍ରଶାନ୍ତିନିଳୟମ୍ ପ୍ରତିଷ୍ଠା କରିବ। ଏହା ଧ୍ୟାନ ପାଇଁ ସୁବିଧାଜନକ ହେବ। ସେ ଅବତାର ମାନଙ୍କର ଅବତାର। ସେ ମାନବସେବା କରିବାରେ ସନ୍ତୋଷ ଲାଭ କରିବ।

ବ୍ରହ୍ମା ନାଡି : ଶ୍ରୀ ଚିନ୍ନା ଦୁରାଇ ବ୍ରହ୍ମାନାଡିରେ ବାବାଙ୍କ ବିଷୟରେ ଏହିପରି କୁହାଯାଇଥିବାର କହିଛନ୍ତି - ମନୁଷ୍ୟ ପରି ଏହି ଅବତାର ପୁରୁଷ କଳ୍ପନା ସୃଷ୍ଟି କରିବେ। ସେ ପର୍ତ୍ତି ପାଇଁ ଆଖିପତା - ଶିବଶକ୍ତିଙ୍କର ଅବତାର ଅଟନ୍ତି। ସେ ଶିରିଡ଼ି ସାଇବାବାଙ୍କର ଅବତାର। ସେ ଶାନ୍ତ ଓ ସ୍ନିଗ୍ଧ। ତାଙ୍କର ଆବାସ ହେଉଛି ଚିତ୍ରାବତୀ କୂଳରେ ଶାନ୍ତିନିଳୟମ୍‌ରେ। ସେ ସତ୍ୟସାଇ ନାରାୟଣ। ସେ ଶ୍ରୀକୃଷ୍ଣ, ଶ୍ରୀରୁଦ୍ର, ଶ୍ରୀଲିଙ୍ଗ, ଶ୍ରୀ ରୁଦ୍ରକାଳୀ, ଶ୍ରୀ ଶକ୍ତି, ଶ୍ରୀବିଷ୍ଣୁଙ୍କ ରୂପ। ସବୁ ରୂପ ତାଙ୍କର। ଗୋଟିଏ ରୂପ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଦତ୍ତାତ୍ରେୟ ସଦୃଶ ! ସେ ମହାଶକ୍ତିସମ୍ପନ୍ନ ପ୍ରଚାରକ। ପ୍ରେମସାଇ ସତ୍ୟସାଇଙ୍କର ଆଉ ଏକ ଅବତାର ହେବେ। ସତ୍ୟସାଇ ତାଙ୍କ ବାଲ୍ୟାବସ୍ଥାରେ ମଧ୍ୟ ଗୁରୁବାରକୁ ଭଲ ଦିନ ବୋଲି ଘୋଷଣା କରିବେ।

ପାଲାନି ସୁବ୍ରହ୍ମଣ୍ୟେଶ୍ୱର ସ୍ୱାମୀ ମନ୍ଦିରରେ ନାଡି ଗ୍ରନ୍ଥ : ଭଗବାନ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ଚିତ୍ରାବତୀ କୂଳରେ ଜନ୍ମ ହେବେ, ଯାହା କି ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ମଝିରେ। ତାଙ୍କର ନାମ ସତ୍ୟନାରାୟଣ। ସେହି ସମୟରେ ଆନ୍ଧ୍ରପ୍ରଦେଶରେ ଜଣେ ଯୋଗୀ ହେବେ। ତାଙ୍କର କ୍ଷୁଧା ବା ତୃଷ୍ଣା ନଥିବ। ସେ ସମୟରେ ଆନ୍ଧ୍ରପ୍ରଦେଶରେ ଜଣେ ଆତ୍ମା ହେବେ। ସେ ତାଙ୍କ ମୁଣ୍ଡରେ ବଡ଼ ସିନ୍ଦୂର ଟୋପା ଲଗାଇବେ। ସେ ଜଣେ ଯୋଗିନୀ। ସତ୍ୟନାରାୟଣ ଯୋଗୀଶ୍ୱର। ସେ ଶୋଇବେ ନାହିଁ।

ଶୁକନାଡି : ଶ୍ରୀସତ୍ୟସାଇ ବାବାଙ୍କ ଭକ୍ତ ମଦୁରାଇ ସୁବ୍ରହ୍ମଣ୍ୟ ଚେଟ୍ଟିୟାର ଦିନେ ରାତିରେ ଏକ ସ୍ୱପ୍ନ ଦେଖିଲେ। ଶ୍ରୀ ସତ୍ୟସାଇ ବାବା ଏକ ସୁନ୍ଦର ସ୍ୱର୍ଣ୍ଣରଥରେ ବସିଛନ୍ତି ବୋଲି ସେ ସ୍ୱପ୍ନ ଦେଖିଲେ। ସ୍ୱପ୍ନର ଅନୁଭୂତି ଓ ଦିବ୍ୟ ଦର୍ଶନର ସୁଯୋଗ ଯୋଗୁଁ ସେ ଶ୍ରୀ ସତ୍ୟସାଇ ପାଦୁକା ନ୍ୟାସ ତରଫରୁ ଏକ ସ୍ୱର୍ଣ୍ଣରଥ ପ୍ରସ୍ତୁତ କଲେ ଏବଂ ତାହା ବାବାଙ୍କୁ ଉତ୍ସର୍ଗ କଲେ। ସେ ବାବାଙ୍କୁ ସେହି ରଥରେ ବସାଇବାକୁ ଠିକ୍ କଲେ। ଚେଟ୍ଟିୟାରଙ୍କ ଅନୁରୋଧ ଓ ତାଙ୍କର ଜିଦ୍ ଯୋଗୁଁ ଭଗବାନ ବାବା ରଥରେ ବସିବାକୁ ରାଜି ହେଲେ। କିଛି ଦିନ ପରେ ଉଜ୍ଜ୍ୱଳ ସତ୍ୟସାଇ ସ୍ୱର୍ଣ୍ଣାଦିତ୍ୟ ପାଦୁକା ରଥ ମଦୁରାଇରୁ ବାହାରିଲା ଏବଂ ତିନୋଟି ବଡ଼ ଟ୍ରକରେ ଦୃଢ଼ ସୁରକ୍ଷା ମଧ୍ୟରେ ପ୍ରଶାନ୍ତି ନିଳୟମ୍‌ରେ ପହଞ୍ଚିଲା। ଜଣେ ନ୍ୟାସ ସଦସ୍ୟ ବାବାଙ୍କୁ ଜ୍ୟୋତିଷ ରାଶିଚକ୍ର ଦେଖାଇଥିଲେ, ଯେଉଁଥିରେ ଭଗବାନ ବାବା ସ୍ୱର୍ଣ୍ଣରଥରେ ବସିବାରା ଶୁଭ ମୁହୂର୍ତ୍ତ ଦର୍ଶାଯାଇଥିଲା। ବାବା ରାଶି ଚକ୍ରରେ ଥିବା ଭୁଲ ଦେଖାଇଲେ ଏବଂ ଲଗ୍ନ ମୁହୂର୍ତ୍ତ ସକାଳ ସାତଟା ପରିବର୍ତ୍ତେ ୭.୦୫ ବୋଲି କହିଲେ। ଏହିପରି ବାବା ସ୍ୱର୍ଣ୍ଣରଥ ଆରୋହଣ ପାଇଁ ୨୨ ସେପ୍ଟେମ୍ବର ୧୯୯୭ ସୋମବାର ଘ୭.୦୫ ଶୁଭ ସମୟ ସ୍ଥିର କଲେ।

ଭଗବାନା ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଶ୍ରୀ ସୁବ୍ରହ୍ମଣ୍ୟ ସ୍ୱାମୀଙ୍କ ଅନାବରଣ ପାଇଁ ପାଦୁକା ନ୍ୟାସ ଦ୍ୱାରା ସୁମୁହୂର୍ତ୍ତ ନିର୍ଦ୍ଧାରିତ କରାଗଲା - ଭାଦ୍ରପଦ ମାସ, କୃଷ୍ଣ ପଞ୍ଚମୀ, ଭାନୁବାସର, କୃତ୍ତିକା ନକ୍ଷତ୍ର ୨୧ ସେପ୍ଟେମ୍ବର ୧୯୯୭। ଏହା ଶୁକ ନାଡି ଗ୍ରନ୍ଥର ଶୁଭଲଗ୍ନ ସହ ସମାନ। ମାନବଜାତିର କଲ୍ୟାଣ ନିମନ୍ତେ ଭଗବାନ ବାବା ପ୍ରଶାନ୍ତିନିଳୟମ୍‌ରେ ବେଦପାଠ ମଧ୍ୟରେ ଯୋଗଯଜ୍ଞ ସମ୍ପାଦନକରିବା ପରେ ୨୧ ସେପ୍ଟେମ୍ବର ୧୯୯୭ ନଅଟାବେଳେ ଶ୍ରୀ ସୁବ୍ରହ୍ମଣ୍ୟେଶ୍ୱର ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା କଲେ। ୨୨ ସେପ୍ଟେମ୍ବରରେ ବାବା ମଙ୍ଗଳ ବାଦ୍ୟ ମଧ୍ୟରେ ଠିକ୍ ଘ୭.୦୫ରେ ରତ୍ନଖଚିତ ସୁବର୍ଣ୍ଣରଥ ଆରୋହଣ କଲେ। ସୁବ୍ରହ୍ମଣ୍ୟ ଚେଟ୍ଟିୟାର ବାବାଙ୍କୁ ସାନନ୍ଦ ସୁବର୍ଣ୍ଣ ବେଲାୟୁଧ ଅର୍ପଣ କଲେ ଓ ବାବା ତାହା ସ୍ୱୀକାର କଲେ ଏବଂ ଭଗବାନ ବାବା ସୁବ୍ରହ୍ମଣ୍ୟ ଅବତାର ଗ୍ରହଣ କଲେ। ଶୁକନାଡି ଅନୁସାରେ ଭଗବାନ ବାବା ବେଲାୟୁଧ (ସୁବ୍ରହ୍ମଣ୍ୟ ସ୍ୱାମୀ) ସଦୃଶ ଥିଲେ। ବାବାଙ୍କର ପ୍ରିୟ ଛାତ୍ରମାନେ ଧଳା ଘୋଡ଼ା ଭଳି ରଥକୁ ଟାଣିଥିଲେ ଏବଂ ବାବା ସହସ୍ର ସୂର୍ଯ୍ୟାଲୋକ ଭଳି ଉଦ୍‌ଭାସିତ ହେଉଥିଲେ। ନାଦସ୍ୱର ଓ ବେଦସ୍ୱର ଏବଂ ଭକ୍ତମାନଙ୍କ ଦ୍ୱାରା ଜୟ ଧ୍ୱନି ମଧ୍ୟରେ ବାବା ଏକ ଶୋଭାଯାତ୍ରାରେ ପୂର୍ଣ୍ଣଚନ୍ଦ୍ରରୁ ୱେଷ୍ଟ ବ୍ଲକ ଓ କ୍ୟାଣ୍ଟିନ ରୋଡ଼ ହୋଇ ସାଇକୁଳବନ୍ତ ଭବନରେ ପହଞ୍ଚିଲେ। ଶୋଭାଯାତ୍ରା ବେଳେ ବାବା ଭକ୍ତମାନଙ୍କୁ ଅଭୟ ହସ୍ତ ଦେଖାଉଥାନ୍ତି। ଏହି ଘଟଣା ପ୍ରଶାନ୍ତିନିଳୟମ୍‌ର ଇତିହାସରେ ଏବଂ ବାବାଙ୍କର ଦିବ୍ୟ ବୈଭବ ଆଖ୍ୟାନରେ ଲିପିବଦ୍ଧ ରହିଲା।



୨୦ ଡିସେମ୍ବର ୧୯୯୭ରେ ପୁଟପର୍ତ୍ତିରେ ଶ୍ରୀସତ୍ୟସାଇ ୟୁନିଟ କପ୍ ନାମରେ ରାଷ୍ଟ୍ରୀୟ ଓ ଅର୍ନ୍ତରାଷ୍ଟ୍ରୀ କ୍ରିକେଟ ଖେଳାଳୀମାନଙ୍କ ମଧ୍ୟରେ ଏକ ଐତିହାସିକ କ୍ରିକେଟ ମ୍ୟାଚ ହୋଇଥିଲା। ମ୍ୟାଚ ଆରମ୍ଭ ହେବା ପୂର୍ବରୁ ବୃନ୍ଦାବନରୁ ୫୦ଜଣ ଓ ପ୍ରଶାନ୍ତିନିଳୟମ୍‌ରୁ ୫୦ଜଣ ପିଲା ହିଲ୍ ଭ୍ୟୁ କ୍ରୀଡ଼ାଙ୍ଗନରେ ବିଭିନ୍ନ ଦେଶର ପତାକା ଧରି ଧୀରେ ଧୀରେ ମାର୍ଚ୍ଚିଙ୍ଗ କରି ଆସିଥିଲେ। ତା ପୂର୍ବରୁ ୟୁନିଟ ଫ୍ଲାଗ ଉତ୍ତୋଳନ କରାଯାଇଥିଲା। ଏହି ପ୍ରସଙ୍ଗରେ ୨୦ ଡିସେମ୍ବର ୧୯୯୭ରେ ପ୍ରଶାନ୍ତି ନିଳୟମ୍ ମନ୍ଦିର ବାରଣ୍ଡାରେ ଜଣେ ଅଧ୍ୟାପକ ଭଗବାନ ବାବାଙ୍କୁ ପଚାରିଲେ, 'ସ୍ୱାମୀ ଶୁକନାଡିରେ ଲେଖା ଅଛି ଯେ ୧୯୯୭ ଶେଷ ବେଳକୁ ଜଣେ ଅବତାର ପୁରୁଷ ବିଶ୍ୱ ଶାନ୍ତିର ପ୍ରତୀକ ଭାବରେ ବିଶ୍ୱ ଏକତା ପତାକା ଉତ୍ତୋଳନ କରିବେ ଏବଂ ଏହା ବିଶ୍ୱ ଏକତା ପାଇଁ ଏକ ପରିବର୍ତ୍ତନ ବିନ୍ଦୁ ହେବ ! ବାବା କହିଲେ, 'ସମୟ ଆସିଛି, ସମୟ ଆସିଛି। ହଁ, ଏହା ଶୁକ ନାଡିରେ ଲେଖା ଅଛି।

*ବରିଷ୍ଠ ଆଇନଜୀବୀ*
*ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୦୦୪୪୬୬*

# ଶିବମହିମା

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା। ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା ।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଘ୍ନେଶ୍ୱର, ୮. ତ୍ରେମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧ-ରାମେଶ୍ୱର, ୧୨. ଘୁସ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ । ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀପ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ ।

ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ ।

ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

# ରାଜ୍ୟ ବାହାରେ ହଜିଯାଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର



**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନେସନାଲ ଠାରେ କେରା ଜଗନ୍ନାଥ ମନ୍ଦିର ମଣ୍ଡଳୀ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଅବିନାଶ ସିଂହଦେଓ, ମୁଖ୍ୟ ବକ୍ତା ସତ୍ୟପ୍ରକାଶ କର ଏବଂ ସଂପାଦକ ହିମାଂଶୁ ମହାପାତ୍ର ପ୍ରମୁଖ ମନ୍ଦିରର ପରିସ୍ଥିତି ତଥା ନବକଳେବର ସଂପର୍କରେ ଆଲୋକପାତ କରିଥିଲେ। ଏଥିରେ ସେମାନେ କେମିତି ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆପ୍ରାଣପଣେ ଉଦ୍ୟମକୁ ବର୍ଣ୍ଣନା କରିଥିଲେ। ଝାଡ଼ଖଣ୍ଡ ରାଜ୍ୟର ଚକ୍ରଧରପୁର ନିକଟବର୍ତ୍ତୀ କେରା ଗ୍ରାମଠାରେ ଥିବା ପୁରୁଣା ଜଗନ୍ନାଥ ମନ୍ଦିର ପ୍ରାୟ ୧୮୧୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ମନ୍ଦିରଟି ଅତି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ କେତେକ ଜଗନ୍ନାଥ ପ୍ରେମୀ ଉକ୍ତ ମନ୍ଦିରଟିକୁ ପୁର୍ନଦ୍ଧାର କରିବାପାଇଁ ବହୁ ପ୍ରଚେଷ୍ଟା କରିଥିଲେ। ଶେଷରେ କେରା ଗ୍ରାମର ହିମାଂଶୁ ମହାପାତ୍ର ଲଣ୍ଡନଠାରେ କଂପ୍ୟୁଟର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାରୁ ଗ୍ରାମବାସୀଙ୍କ ବିଶେଷ ଅନୁରୋଧ ତଥା ନିଜ ପିତାଙ୍କ ନିର୍ଦ୍ଦେଶରେ ସେ ଏହାର ପୁର୍ନଦ୍ଧାର କରିବାପାଇଁ ଲାଗି ପଡ଼ିଥିଲେ। ଶ୍ରୀ ମହାପାତ୍ର ଗ୍ରାମକୁ ଆସି ଗ୍ରାମବାସୀ ତଥା ଜଗନ୍ନାଥ ପ୍ରେମୀଙ୍କୁ ଏକାଠି କରି ଏହି ମନ୍ଦିରର ପୁର୍ନଦ୍ଧାର କରିବାପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ପୁରୁଣା ହଜିଯାଇଥିବା ମନ୍ଦିରଟିକୁ ପୁନଃନିର୍ମାଣ କରାଇଲେ। ସମସ୍ତ ଯୋଗାଡ଼ କରି ବଡ଼ ଆକାରରେ ଧୁମ୍‌ଧାମ୍‌ରେ ଭଜନ କୀର୍ତ୍ତନ କରାଇଥିଲେ। ଏହାପରେ ୧୦୮ କଳସ ଯାତ୍ରା ମହିଳାମାନଙ୍କ ଜରିଆରେ କରାଇବାପାଇଁ ବ୍ରାହ୍ମଣୀ ନଦୀ ଘାଟରେ ପୂଜାରୀ ଅମ୍ବୁଜାକ୍ଷ ଆଚାର୍ଯ୍ୟ, ନଳିନୀ ରଥ, ଶୁଭ ପ୍ରକାଶ କର, ସଦାନନ୍ଦ ପତି, କାର୍ତ୍ତୀକ ପଣ୍ଡା ପ୍ରମୁଖ ମିଶି ମନ୍ତ୍ର ଉଚ୍ଚାରଣ କରି ଭଜନ କୀର୍ତ୍ତନ କରାଇ କଳସ ଯାତ୍ରା କରାଇଥିଲେ।

ଏଥିରେ ୧୦୮ ମହିଳା ଭାଗ ନେଇଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମା ସମ୍ମୁଖରେ କଳସର ସ୍ଥାପନ କରି ପୂଜା ଅର୍ଚ୍ଚନା କରାଇଥିଲେ। ସ୍ଥାନୀୟ ରାଜ ପରିବାରର ସଦସ୍ୟ ପ୍ରଦୀପ ସିଂହଦେବ ଓ ତାଙ୍କ ପତ୍ନୀ ଆରତୀ ସିଂହଦେଓ ପୂଜା ସଂକଳ୍ପରେ ପ୍ରମୁଖ ଭୂମିକା ନେଇଥିଲେ । ଭଜନ କୀତ୍ର୍ତନ, ମହାପ୍ରସାଦ ବଣ୍ଟନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୯ ବର୍ଷ ହେଲା ଅବହେଳିତ ଅବସ୍ଥାରେ ଥିବା ତଥା ମନ୍ଦିରରେ ପୂଜା ଅର୍ଚ୍ଚନା ହୋଇଆସୁଥିବା ଜଗନ୍ନାଥ ମନ୍ଦିରର ଶ୍ରଦ୍ଧାଳୁ ବୈଜ୍ଞାନିକ ହିମାଂଶୁ ମହାପାତ୍ରଙ୍କ ଜରିଆରେ ପୁର୍ନଦ୍ଧାର କରାଯାଇଛି। ଶ୍ରୀ ମହାପାତ୍ରଙ୍କ ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଗ୍ରାମବାସୀ ତଥା ପଡ଼ୋଶୀ ଗ୍ରାମ ଗୁଡ଼ିକର ଅଧିବାସୀମାନେ ଖୁବ୍ ଭୂୟସୀ ପ୍ରଶଂସା ତଥା ସାଧୁବାଦ ଜଣାଇଛନ୍ତି। ଏହି ପୁର୍ନଦ୍ଧାର କାର୍ଯ୍ୟକ୍ରମରେ ବୈଜ୍ଞାନିକ ହିମାଂଶୁ ମହାପାତ୍ରଙ୍କ ସମେତ ଶରଦ ନନ୍ଦ, ଗୁରୁପ୍ରସାଦ ସାହୁ, ପ୍ରଦୀପ ସିଂହଦେଓ, ବଳରାମ ସାହୁ, କାର୍ତ୍ତୀକ ପଣ୍ଡା, ଭୂଦେବ ଦାସ, ଅଶୋକ ଦାସ, ସିଦ୍ଧାର୍ଥ ସିଂହଦେବ, ବୀରବଲ ସାହୁ, ଗୋପାଳ ମହାପାତ୍ର, ଅଂଶୁ ସିଂହଦେଓ, ରାଜୀବ ସିଂହଦେଓ, ହିଣ୍ଡୱର ସିଂହଦେଓ, ସୁରେଶ ସାହୁ, ଜଗଦୀଶ ଦାଶ, ରୂପରାଜ ଦାସ, ପରେଶ ମଣ୍ଡଳ, ଅନନ୍ତ ନନ୍ଦ ପ୍ରମୁଖ ଏବଂ ବହୁସଂଖ୍ୟାରେ ଗ୍ରାମବାସୀମାନେ ଯୋଗଦେଇଥିଲେ।

# 'ପାଠକଙ୍କ ପ୍ରଥମ ପସନ୍ଦ ପ୍ରିଣ୍ଟ୍ ମିଡିଆ'




**ଭୁବନେଶ୍ୱର :** ପ୍ରିଣ୍ଟି ମିଡିଆର ଗୁରୁତ୍ୱ କେବେ ବି କମିବ ନାହିଁ। ଆଜି ବି ପ୍ରିଣ୍ଟି ମିଡିଆ ପାଠକଙ୍କ ପ୍ରଥମ ପସନ୍ଦ। 'ଇଣ୍ଡିଆନ୍ ଲାଙ୍ଗୁଏଜେସ୍ ନ୍ୟୁଜ୍ ପେପର୍ସ ଆସୋସିଏସନ' (ଇଲ୍‌ନା) ପକ୍ଷରୁ ଆୟୋଜିତ କର୍ମଶାଳାରେ ଯୋଗଦେଇ ଏହା କହିଛନ୍ତି ରାଷ୍ଟ୍ରୀୟ ସଭାପତି ପରେଶ ଥାନ୍। ଭୁବନେଶ୍ୱର ଓଡ଼ିଶା ପ୍ରେସ୍ କ୍ଲବ ପରିସରରେ 'ପବ୍ଲିସିଂ ଚ୍ୟାଲେଞ୍ଜେସ- ଇନ୍ ଦି ନ୍ୟୁ ନର୍ମାଲ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଇଲ୍‌ନା'ର ରାଷ୍ଟ୍ରୀୟ ସଭାପତି ଶ୍ରୀ ଥାନ କହିଥିଲେ ଯେ, କ୍ଷୁଦ୍ର ଓ ବୃହତ୍ତ ସମ୍ବାଦପତ୍ର ମଧ୍ୟରେ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସମାନତା ରକ୍ଷା କରାଯିବା ଜରୁରୀ। କାରଣ ବୃହତ ସମ୍ବାଦପତ୍ରମାନେ କର୍ପୋରେଟ୍ ସେକ୍ଟରରୁ ବିଜ୍ଞାପନ ପ୍ରୋତ୍ସାହନ ପାଉଥିବା ବେଳେ ଦେଶର ଅଧିକାଂଶ ସମ୍ବାଦପତ୍ର ତାହା ପାଉନାହାନ୍ତି। ତେଣୁ ସରକାରୀ ବିଜ୍ଞାପନ ଉପରେ ନିର୍ଭରଶୀଳ। ହେଲେ ଦିନକୁ ଦିନ ସରକାରୀ ବିଜ୍ଞାପନଜନିତ ପୃଷ୍ଠପୋଷକତାର ଅଭାବ ଦେଖାଦେଇଥିବା ବେଳେ ଦେଶରୁ ପ୍ରକାଶିତ ପତ୍ର ପତ୍ରିକାଗୁଡିକ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ନୂଆନୀତି ଆପଣାଇବାକୁ ପଡିବ। ଉତ୍ତମ ଓ ଉଚ୍ଚକୋଟୀର ପାଠକ ଚାହୁଁଥିବା ଭଳି ଲେଖା ପ୍ରକାଶ କରି ପ୍ରସାର ଜନିତ ଆର୍ଥିକ ରୋଜଗାର ଉପରେ ନିର୍ଭରଶୀଳ ହେବାକୁ ପଡିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୈନିକ 'ସମାଜ'ର ଜେନେରାଲ ମ୍ୟାନେଜର ପ୍ରିୟବ୍ରତ ମହାନ୍ତି କହିଥିଲେ ଯେ, ମହାମାରୀ କରୋନା ସମୟରେ ବହୁ ସମ୍ବାଦପତ୍ରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିଲେ ମଧ୍ୟ ସେ ସମୟରେ ଆବଶ୍ୟକ ସରକାରୀ ସହାୟତାର ଅଭାବ ରହିଥିଲା। ଫଳରେ ସମ୍ବାଦପତ୍ର ଗୁଡିକ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ଏ କ୍ଷେତ୍ରରେ ସରକାର ସମ୍ବାଦପତ୍ର ଗୁଡିକୁ ବିଜ୍ଞାପନ ଯୋଗାଇଦେବା ଆବଶ୍ୟକତା ରହିଛି। ସମ୍ବାଦପତ୍ର ଗୁଡିକର ପ୍ରସାରଣ ନେଇ ଏବିସି ଓ ପିଆଇବିର ଅଡିଟ୍ ରିପୋର୍ଟ ଦୁଇ ବର୍ଷ ଘୁଞ୍ଚାଇବାକୁ ସେ ଦାବି କରିବା ସହ ବିଜ୍ଞାପନ ଦରରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଦୈନିକ 'ଧରିତ୍ରୀ'ର ସମ୍ପାଦକ ତଥାଗତ ଶତପଥୀ କହିଥିଲେ, କରୋନା ପରିବର୍ତ୍ତିତ ପରିସ୍ଥିତିରେ ସମ୍ବାଦପତ୍ର ଗୁଡିକର ବହୁ ସମସ୍ୟା ରହିଛି। ସ୍ଥିର ସମୟରେ ଏହି ସମ୍ବାଦପତ୍ର ଗୁଡିକ ପୁଣି କିପରି ତିଷ୍ଠି ପାରିବ। ବିନା ବିଜ୍ଞାପନରେ କିପରି ବଞ୍ଚି ପାରିବ ସେ ନେଇ ରାସ୍ତା ଖୋଜାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଡଃ ଅଶୋକ କୁମାର ପଣ୍ଡା ଆଜିର ପରିସ୍ଥିତିରେ ପ୍ରିଣ୍ଟ ମିଡିଆ ଏକ ଭରସାଯୋଗ୍ୟ ସ୍ତମ୍ଭ ଭାବେ ଉଭା ହୋଇଛି। କରୋନା ସମୟରେ ବହୁ କ୍ଷୁଦ୍ର ସମ୍ବାଦପତ୍ର ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ସେତେବେଳେ ସ୍ଥିତି ଓ ବର୍ତ୍ତମାନର ସ୍ଥିତି ଭିତରେ ପରିବର୍ତ୍ତନ ଆସିଥିବାରୁ ଆଗାମୀ ଦିନରେ ଏହିସବୁ ସଂସ୍ଥାମାନେ କିପରି ନିଜ ଗୋଡରେ ଛିଡାହୋଇ ପରିସ୍ଥିତିର ମୁକାବିଲା କରିପାରିବେ ତାହା ଉପରେ ଆଲୋକପାତ କରିଥିଲେ। ଇଲ୍‌ନାର ଓଡ଼ିଶା ଶାଖା ସଭାପତି ତଥା ଦୈନିକ ସମ୍ବାଦପତ୍ର 'ପ୍ରତିଦିନ'ର ସମ୍ପାଦକ ସୁଧୀର ପଣ୍ଡା ତାଙ୍କ ସଭାପତିତ୍ୱ ଅଭିଭାଷଣରେ କହିଥିଲେ ଯେ, କରୋନା ମହାମାରୀ ସମୟରେ ବହୁ ସଂସ୍ଥା ବିଜ୍ଞାପନ ବିନା କର୍ମଚାରୀ ଛଟେଇ କରିଦେଇଛନ୍ତି। ତେବେ ଯେଉଁ ମାନଙ୍କର ଦୃଢ଼ ମନୋଭାବ ରହିଛି ସେହିମାନେ ହିଁ କଷ୍ଟ ସ୍ୱୀକାର କରି ସମ୍ବାଦପତ୍ରକୁ ବଞ୍ଚାଇ ରଖିବାରେ ସମର୍ଥ ହୋଇଛନ୍ତି।

# ନିର୍ଣ୍ଣାୟକ ଲଢେଇ ପାଇଁ ବଙ୍ଗବାସୀ ପ୍ରସ୍ତୁତ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନନ୍ଦିଗ୍ରାମ ଏବଂ ହଳଦିଆ ବିଧାନସଭା ନିର୍ବାଚନ ମଣ୍ଡଳିରୁ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ପ୍ରାର୍ଥୀ ହୋଇଥିବା ସୁଭେନ୍ଦୁ ଅଧିକାରୀଙ୍କ ପ୍ରାର୍ଥି ପତ୍ର ଦାଖଲ ପୁର୍ବରୁ ଆୟୋଜିତ ହୋଇଥିବା ବିଶାଳ ସଭାଯାତ୍ରାରେ ଯୋଗଦେଇଥିଲେ। ଏହି ସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଭାରତ ସରକାର ଚାହୁଁଛନ୍ତି ପଶ୍ଚିମବଙ୍ଗର ପରିବର୍ତ୍ତନ ହଳଦୀଆ, ନନ୍ଦିଗ୍ରାମ ଓ ପୂର୍ବ ମେଦିନାପୁରରୁ ଆରମ୍ଭ ହେଉ। ଏହି ନାମାଙ୍କନ ସଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ମଧ୍ୟ ଉପସ୍ଥିତ ଥିଲେ। ହଳଦୀଆଠାରେ ବିଜେପିର ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳିର ପ୍ରାର୍ଥୀ ସୁଭେନ୍ଦୁ ଅଧିକାରୀ ଓ ହଳଦୀଆ ବିଧାନସଭା ନିର୍ବାଚନ ମଣ୍ଡଳିର ପ୍ରାର୍ଥିନୀ ତାପଶୀ ମଣ୍ଡଳ ପାଇଁ ଆୟୋଜିତ ଏକ ବିଶାଳ ଜନସଭାକୁ ସମ୍ବୋଧନକରି ଶ୍ରୀ ପ୍ରଧାନ କହିଛନ୍ତି ୯୧ ବର୍ଷ ପୂର୍ବେ ଆଜିର ଦିନରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ଓ ତାଙ୍କ ନୀତି ବିରୋଧରେ ସାବରମତୀ ଆଶ୍ରମରୁ ଆରମ୍ଭ କରି ଦାଣ୍ଡି ପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ଏହି ଐତିହାସିକ ଦିନକୁ ମନେ ପକାଇ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଅମୃତ ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ଆଜି ପଶ୍ଚିମବଙ୍ଗରେ ମଧ୍ୟ ପରିବର୍ତ୍ତନର ଯାତ୍ରା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର ଜନସାଧାରଣ ଭୟ, ଭ୍ରଷ୍ଟାଚାର, କୁଶାସନ, କଟ୍ ମନି, ତୋଲବାଜୀ, ଗୁଣ୍ଡାଗର୍ଦୀ ବିରୋଧରେ ନିର୍ଣ୍ଣାୟକ ଲଢେଇ ପାଇଁ ମନ ବନେଇ ସାରିଛନ୍ତି। ମୋଦି ସରକାର ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କଲେ କିନ୍ତୁ ପଶ୍ଚିମବଙ୍ଗର ଜନସାଧାରଣ ଏହାର ଲାଭ ପାଇ ପାରୁ ନାହାନ୍ତି। ସେହିପରି ପିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ବାର୍ଷିକ ଛଅ ହଜାର ଟଙ୍କା ମୋଦି ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ମମତା ଦିଦି ଚାଷୀଙ୍କୁ ଓ ପଶ୍ଚିମବଙ୍ଗ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଂଚିତ ରଖିଛନ୍ତି। ପଶ୍ଚିମବଙ୍ଗର ହଳଦୀଆରେ ଯୁବକମାନଙ୍କ ପାଇଁ ରୋଜଗାର ଅପାର ସମ୍ଭାବନା ଥିଲେ ମଧ୍ୟ ରୋଜଗାର ମିଳୁନଥିବା ଶ୍ରୀ ପ୍ରଧାନ କହିଛନ୍ତି। ଦୀର୍ଘ ଦଶବର୍ଷ ଧରି ମମତା ବାନାର୍ଜୀ ପଶ୍ଚିମବଙ୍ଗର ଶାସନ ବ୍ୟବସ୍ଥାରେ ଥିଲେ ମଧ୍ୟ ଲୋକେ ସୁଶାସନ ଓ ରୋଜଗାରୁ ବଂଚିତ ଅଛନ୍ତି। ସେଥିପାଇଁ ପଶ୍ଚିମବଙ୍ଗର ଜନସାଧାରଣ ଭାରତୀୟ ଜନତା ପାର୍ଟି ଉପରେ ଆସ୍ଥା ପ୍ରକଟକରିବା ପାଇଁ ନିର୍ଣ୍ଣୟ କରିସାରିଥିବା ଶ୍ରୀ ପ୍ରଧାନ ନିଜ ଅଭିଭାଷରରେ ଉଲ୍ଲେଖ କରିଛନ୍ତି। ପଶ୍ଚିମବଙ୍ଗ ଗସ୍ତ ଅବସରରେ ଶ୍ରୀ ପ୍ରଧାନ ତାମଲୁକ ଠାରେ ସ୍ୱାଧୀନତା ସଂଗ୍ରାମର ଅମର ନାୟିକା ମାତାଙ୍ଗିନୀ ହାଜ୍‌ରାଙ୍କ ସ୍ମୃତି ସ୍ଥଳ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅଚାନକ ଜେଲ୍ ପରିଦର୍ଶନ କରିବେ ଜିଲ୍ଲାପାଳ



**ଭୁବନେଶ୍ୱର :** ଅଚାନକ ଜେଲ୍ ପରିଦର୍ଶନ କରିବେ ଜିଲ୍ଲାପାଳ। ଏପରି ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ମାସେ ଭିତରେ ଜେଲ୍ ପରିଦର୍ଶନ ପ୍ରକ୍ରିୟା ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜେଲରେ ବନ୍ଦୀ ଜୀବନ କାଟୁଥିବା ଅନ୍ତେବାସୀଙ୍କ ସମସ୍ୟାକୁ ନେଇ ଓଡ଼ିଶା ହାଇକାର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ସମ୍ପର୍କିତ ନିର୍ଦ୍ଦେଶାବଳୀ କିଭଳି କଡାକଡି ପାଳନ କରାଯିବ ସେ ନେଇ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାପାଳଙ୍କୁ ଅଚାନକ ଜେଲ୍ ପରିଦର୍ଶନ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଆସନ୍ତା ମାର୍ଚ୍ଚ ୧୫ ତାରିଖରୁ ଏପ୍ରିଲ ୧୬ ଭିତରେ ଜେଲ୍ ପରିଦର୍ଶନ ପ୍ରକ୍ରିୟା ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳମାନେ ନିଜ ଅଞ୍ଚଳରେ ଥିବା ସମସ୍ତ ଜେଲ୍ ପରିଦର୍ଶନ କରି ଜେଲ୍ର ଭିତ୍ତିଭୂମି, ଅନ୍ତେବାସୀଙ୍କ ଅବସ୍ଥା, ଖାଦ୍ୟ, ଆବାସ ଓ ଚିତ୍ତବିନୋଦନ ପ୍ରସଙ୍ଗରେ ଅନୁଧ୍ୟାନ କରିବେ। ସେହିପରି ରାଜ୍ୟର ସମସ୍ତ ଜିଲ୍ଲା କାରାଗାର ଓ ଉପକାରାଗାର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସରକାର ପଦକ୍ଷେପ ନେବାକୁ କୋର୍ଟ କହିଛନ୍ତି। ସିସିଟିଭି ଲଗାଇବା ପ୍ରସଙ୍ଗରେ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟ ସରକାର ଓ ଜେଲ୍ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଛୋଟ ଅପରାଧରେ ଲିପ୍ତ ଥାଇ ଜାମିନ ପାଇଥିଲେ ମଧ୍ୟ ଅର୍ଥାଭାବରୁ ଜେଲରୁ ମୁକୁଳି ପାରୁ ନଥିବା ଅନ୍ତେବାସୀଙ୍କ ବାବଦରେ ମଧ୍ୟ ତଥ୍ୟ ମାଗିଛନ୍ତି ହାଇକୋର୍ଟ।

# ୧୨୧୪ କୋଟି ଟଙ୍କାର ୮ ପ୍ରକଳ୍ପକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ



**ଭୁବନେଶ୍ୱର :** ରାଜ୍ୟରେ ୧୨୧୪ କୋଟି ଟଙ୍କାର ୮ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ କମିଟିର ମଞ୍ଜୁରୀ ମିଳିଛି। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲଓ୍ୱେଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଏହି ୮ଟି ପ୍ରକଳ୍ପକୁ ଅନୁମୋଦନ ଦେବା ସହ ୨୪୨୭ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ମଞ୍ଜୁରୀ ପାଇଥିବା ପ୍ରକଳ୍ପ ମଧ୍ୟରେ ମ୍ୟାନୁଫ୍ୟାକଚରିଂ, ପ୍ଲାଷ୍ଟିକ, ଫୁଡ୍ ପ୍ରୋସେସିଂ ଓ ହସ୍ପିଟାଲିଟି କ୍ଷେତ୍ର ରହିଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ସୁବିଧା ଯୋଗାଇ ଦେବାକୁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱେଣ୍ଡୋ କ୍ଲିଅରାନ୍ସ ପାଇଥିବା ପ୍ରକଳ୍ପ ମଧ୍ୟରେ ରାଇରଙ୍ଗପୁରରେ ୨୫୬ କୋଟି ଟଙ୍କା ବ୍ୟୟ କରି ଏନର୍ଜାଇ ମିନେରାଲ ପ୍ରାଃ ଲିଃ ବାର୍ଷିକ ୨.୭୫ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଲୁହାପଥର ବେନିଫିକେସନ ପ୍ଲାଣ୍ଟ ଓ ବାର୍ଷିକ ୧.୨ ମିଲିୟନ ଟନ୍ କ୍ଷମତାର ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୭୪ଜଣ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ସେହିପରି ଭୁବନେଶ୍ୱରର ଡୁମଡୁମାଠାରେ ଆଇଟିସି ଲିଃ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ଯେଉଁଥିରେ ୧୪୧.୧୪ କୋଟି ଟଙ୍କା ବ୍ୟୟ ହେବ ଓ ୧୨୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଫାଲକନ ରିଏଲଇଷ୍ଟେଟ୍ ଲିଃ ଭୁବନେଶ୍ୱରରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ଏଥିପାଇଁ କମ୍ପାନୀ ୧୨୦.୨୬ କୋଟି ଟଙ୍କା ନିବେଶ କରିବ ଓ ଏଥିରେ ୯୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ନିଜର ବିସ୍କୁଟ, କେକ ଓ ଅନ୍ୟ ବେକେରୀ ଉତ୍ପାଦର ବାର୍ଷିକ କ୍ଷମତାକୁ ସମ୍ପ୍ରସାରଣ କରି ଆଉ ବାର୍ଷିକ ୩୦ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ ୯୩.୬୦ କୋଟି ଟଙ୍କା ଖର୍ଚ୍ଚ କରିବ। ଏଥିରେ ୩୫୦ଜଣ ଅତିରିକ୍ତ ନିଯୁକ୍ତ ସୁଯୋଗ ସୃଷ୍ଟି ହେବ। ସେହିପରି ଇଣ୍ଡାଲକ ସ୍ପିରିଟ୍ କମ୍ପାନୀ ଦେବଗଡଠାରେ ୨୧୫.୧୫ କୋଟି ଟଙ୍କା ବ୍ୟୟରେ ୨୦୦ କେଏଲପିଡି କ୍ଷମତା ବିଶିଷ୍ଟ ଶସ୍ୟଭିତ୍ତିକ ଡିଷ୍ଟ୍ରିଲାରୀ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୪୯ ଜଣ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ସେହିପରି ମାସ୍ ସ୍ପିରିଟସ୍ ପ୍ରାଃ ଲିମିଟେଡ୍ କମ୍ପାନୀ ଝାରସୁଗୁଡାରେ ଶସ୍ୟଭିତ୍ତିକ ଡିଷ୍ଟିଲେରୀ ଓ ବଟଲିଂ କାରଖାନା ୨୦୪.୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବ। ଏଥିରେ ୧୮୫ଜଣଙ୍କୁ ନିଯୁକ୍ତି ମିଳିବ। ସର୍ବେଶ ରିଫ୍ରାକ୍ଟୋରିଜ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ୧୨୩.୨୫ କୋଟି ଟଙ୍କା ବ୍ୟୟରେ ସୁନ୍ଦରଗଡ ଜିଲ୍ଲା ସ୍ଥିତ ରିଫ୍ରାକ୍ଟୋରୀ କାରଖାନାର ସମ୍ପ୍ରସାରଣ କରିବ। ଏଥିରେ ୨୯୯ କୋଟି ଟଙ୍କା ବିନିଯୋଗ ହେବ। ସେହିପରି ପୁରୁବ ପ୍ୟାକେଜିଂ ପ୍ରାଃ ଲିମିଟେଡ୍ କମ୍ପାନୀ ୬୦ କୋଟି ଟଙ୍କା ବ୍ୟୟରେ ପାରାଦୀପରେ ପଲି ପ୍ରପେଇନ୍ କାରଖାନା କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡିଛି।

# '୫୭୭ କୋଟି ଟଙ୍କାରେ କାର୍ଯ୍ୟକାରୀ ହେବ କର୍କଟ ଚିକିତ୍ସା ଯୋଜନା'



**ଭୁବନେଶ୍ୱର :** ରାଜ୍ୟ ସରକାର ରାଜ୍ୟର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ପରବର୍ତ୍ତୀ ସ୍ତରକୁ ନେବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶା କର୍କଟ ଚିକିତ୍ସା ଯୋଜନା କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି ଅଭିଯାନରେ ପ୍ରାୟ ୫୭୭ କୋଟି ଟଙ୍କା ବିନିଯୋଗ ହେବ ଏବଂ ସମଗ୍ର ରାଜ୍ୟରେ ଉଚ୍ଚସ୍ତରୀୟ କର୍କଟ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଏସ୍ଏଚ୍‌ଜିଙ୍କୁ ଦିଆଯାଇଛି ୩୭୮୯.୯୦ କୋଟି ଋଣ



**ଭୁବନେଶ୍ୱର :** ମିଶନ ଶକ୍ତି ଜରିଆରେ ଓଡିଶାରେ ୬ ଲକ୍ଷ ୨ ହଜାର ୧୩ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏଥିରେ ୭୦ ଲକ୍ଷରୁ ଅଧିକ ସଂଖ୍ୟକ ମହିଳା ସମ୍ପୃକ୍ତ ରହିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ୨,୨୪,୬୨୮ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୭୮୯ କୋଟି ୯୦ ଲକ୍ଷ ଟଙ୍କା ର ବ୍ୟାଙ୍କ୍ ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏସଏଚଜିମାନଙ୍କୁ ୮୮.୦୫ କୋଟି ଟଙ୍କା ସୁଧ ଆକାରରେ ଫେରସ୍ତ କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୂଚନା ଦେଇଛନ୍ତି।

# ବିଧାନସଭାରେ ୮ଟି ବିଲ୍ ଆଇନ୍ ପ୍ରଣୟନ ପାଇଁ ଉପସ୍ଥାପିତ

**ଭୁବନେଶ୍ୱର :** ଆଇନ୍ ପ୍ରଣୟନ ପାଇଁ ଶନିବାର ଦିନ ବିଧାନସଭାରେ ୮ଟି ବିଲ୍ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ଗୁଡ଼ିକ ହେଲା ଓଡ଼ିଶା ବିତୀୟ ଉତରଦାୟୀ ଓ ବଜେଟ୍ ପରିଚାଳନା(ସଂଶୋଧନ) ବିଲ୍- ୨୦୨୧, ଜାଭିଅର ବିଶ୍ୱବିଦ୍ୟାଳୟ, ଓଡ଼ିଶା(ସଂଶୋଧନ) ବିଲ୍- ୨୦୨୧, ଓଡ଼ିଆ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍-୨୦୨୧, ଓଡ଼ିଶା ବିନିଯୋଗ ଅଧିନିୟମ(ନିରସନ) ବିଲ୍-୨୦୨୧, ଓଡ଼ିଶା ନିରସନ ବିଲ୍-୨୦୨୧, ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି(ସଂଶୋଧନ) ବିଲ୍-୨୦୨୧, ସମିତି ପଞ୍ଜିକରଣ(ଓଡ଼ିଶା ସଂଶୋଧନ) ବିଲ୍-୨୦୨୧ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍-୨୦୨୧।

# ୨୦୨୦ ଲାଗି ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ




**ନୂଆଦିଲ୍ଲୀ :** ୨୦୨୦ର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ଏଥର ୨୦ଟି ଭାଷାରେ ୨୦ଜଣ ଲେଖକଙ୍କୁ ପୁରସ୍କାର ପାଇଁ ଚୟନ କରାଯାଇଥିବାର ଘୋଷଣା କରାଯାଇଥିବା ବେଳେ ଓଡ଼ିଆ, ନେପାଳି, ମାଲାୟାଲମ ଓ ରାଜସ୍ଥାନୀ ଭାଷାରେ ପୁରସ୍କାର ଘୋଷଣା କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ଏହି ୪ଟି ଭାଷାର ପୁରସ୍କାର ଘୋଷଣା କରାଯିବ ବୋଲି ସାହିତ୍ୟ ଏକାଡେମୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏଥର କନ୍ନଡ ଭାଷା ଲାଗି ରାଜନେତା ଓ ଲେଖକ ବୀରପ୍ପା ମୋଇଲିଙ୍କୁ ଏବଂ ଲେଖିକା ଅରୁନ୍ଧତୀ ସୁବ୍ରମଣ୍ୟନଙ୍କୁ ଇଂରାଜୀ ଭାଷାର କବିତା ସଙ୍କଳନ ପାଇଁ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ ଗୁଜରାଟି, ହିନ୍ଦୀ, କୋଙ୍କଣୀ, ମଣିପୁରୀ, ସାନ୍ତାଳୀ, ତେଲୁଗୁ, ମରାଠି, ସଂସ୍କୃତ, ତାମିଲ, ବୋଡୋ, ଉର୍ଦ୍ଦୁ, ଆସାମିଆ, କାଶ୍ମିରୀ, ମୈଥିଳୀ, ପଞ୍ଜାବୀ, ଡୋଗ୍ରି, ସିନ୍ଧି, ବଙ୍ଗଳା ଭାଷା ଲାଗି ପୁରସ୍କାର ଘୋଷଣା କରାଯାଇଛି। ୨୦୨୦ ଲାଗି ସାନ୍ତାଳୀ ଭାଷା ପାଇଁ ରୂପଚାନ୍ଦ ହାଁସଦାଙ୍କୁ ପୁରସ୍କାର ଲାଗି ମନୋନୀତ କରାଯାଇଛି। ପ୍ରତ୍ୟେକ ଲେଖକଙ୍କୁ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଓ ତାମ୍ରଫଳକ ସହ ସମ୍ମାନିତ କରାଯିବ। ଅପରପକ୍ଷେ ଆଜି ୨୦୨୦ ପାଇଁ ଘୋଷଣା କରାଯାଇଥିବା ବାଲ୍ ସାହିତ୍ୟ ପୁରସ୍କାରର ଓଡ଼ିଆ ବିଭାଗରେ 'ବନ ଦେଉଳରେ ସୁନା ନେଉଳ' କାହାଣୀ ସଂକଳନ ପାଇଁ ରାମଚନ୍ଦ୍ର ନାୟକ ଓ ଯୁବ ପୁରସ୍କାର ବିଭାଗରେ 'ଚେତନାର ଅନ୍ୱେଷଣ' ପାଇଁ ଲେଖକ ଚନ୍ଦ୍ରଶେଖର ହୋତାଙ୍କୁ ପୁରସ୍କାର ପାଇଁ ଚୟନ କରାଯାଇଛି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି